ବର୍ଷ-୨୬, ସଂଖ୍ୟା-୬୨
ଭୁବନେଶ୍ୱର
୦୬, ମାର୍ଚ୍ଚ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 62
Bhubaneswar
06, March, 2026 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

ଘୁଞ୍ଚିଲା 'ଟକ୍ସିକ୍' ରିଲିଜ






ଜୟଦେବ ଭବନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଅତିଥି ଗହଣରେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ଖାମେନିଙ୍କ ଉତରାଧିକାରୀଙ୍କୁ ମଧ୍ୟ ହତ୍ୟା କରାଯିବ : ଟ୍ରମ୍ପ

ତେହେରାନ/ୱାଶିଂଟନ/ତେଲ ଅଭିଭ,୫।୩: ଇରାନ ବିରୁଦ୍ଧରେ ଆମେରିକା-ଇସ୍ରାଏଲ ମିଳିତ ସାମରିକ ଅଭିଯାନରେ ଏପର୍ଯ୍ୟନ୍ତ ହାସଲ ହୋଇଥିବା ସଫଳତାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ଇରାନର ପରବର୍ତ୍ତୀ ନେତାଙ୍କୁ ମଧ୍ୟ ହତ୍ୟା କରାଯାଇପାରେ। ଇତିମଧ୍ୟରେ, ଇସ୍ରାଏଲ ଏକ ପ୍ରମୁଖ ଇରାନୀ ନୌସେନା ଘାଟିରେ ବିସ୍ଫୋରଣ କରିଛି। ଶ୍ରୀଲଙ୍କାରେ ଏକ ଯୁଦ୍ଧଜାହାଜ ଉପରେ ଆକ୍ରମଣର ଉଚିତ୍ ଜବାବ ପାଇଁ ଇରାନ ଆମେରିକାକୁ ଧମକ ଦେଇଛି। ଏହି ସମୟରେ, ଇରାନର ବନ୍ଦର ଆବାସରେ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ନୌସେନା ଘାଟି ନିକଟରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଛି।

ଇରାନ ଇଂଟରନ୍ୟାସନାଲ ସମ୍ବାଦପତ୍ରର ଏକ ରିପୋର୍ଟ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇଙ୍ଗିତ କରିଛନ୍ତି ଯେ, ଯଦି ଇରାନ ସହିତ ସଂଘର୍ଷ ବୃଦ୍ଧି ପାଏ ତେବେ ଅଲି ଖାମେନିଙ୍କ ଭବିଷ୍ୟତ ଉତରାଧିକାରୀଙ୍କୁ ହତ୍ୟା କରାଯିବ। ସେପଟେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ) କହିଛି ଯେ, ଏହା ଇରାନରେ ଏକ ପ୍ରମୁଖ ସାମରିକ କୋଠା ବିରୁଦ୍ଧରେ ଏକ ବଡ଼ ଅଭିଯାନ ସମାପ୍ତ କରିଛି। ଆଇଡିଏଫ ଏହି କୋଠାରେ ଅବସ୍ଥିତ ଅନେକ ପ୍ରମୁଖ ଇରାନୀ ସାମରିକ ସୁରକ୍ଷା ମୁଖ୍ୟାଳୟକୁ କ୍ଷତି ପହଂଚାଇଛି। ଏହା ସହିତ, ବନ୍ଦର ଆବାସରେ ଆଇଆରଜିସି ନୌସେନା ଘାଟି ନିକଟରେ ଶକ୍ତିଶାଳୀ ବିସ୍ଫୋରଣ ରିପୋର୍ଟ ହୋଇଛି। ଏହି ବିସ୍ଫୋରଣଗୁଡ଼ିକ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସର ପ୍ରଥମ ନୌସେନା ଜୋନ୍ ରେ ବନ୍ଦର-ଏ-ବାହୋନାର ନିକଟରେ ଘଟିଛି, ଯାହା ରଣନୈତିକ ହରମୁଜ୍ ପ୍ରଣାଳୀର ନିକଟତମ ୟୁନିଟ୍ ଅଟେ।

## ଛତିଶଗଡ଼ : ନକ୍ସଲ ରାଜେଶ ପୁନେମ ଏନକାଉଣ୍ଟରରେ ନିହତ

ଦନ୍ତେୱାଡା,୫।୩: ଛତିଶଗଡ଼ ରାଜ୍ୟର ଦନ୍ତେୱାଡା ଜିଲ୍ଲାର ଗିଦାମ ଥାନା ଅନ୍ତର୍ଗତ ଗୁମଲନାର, ଗିରସାପାରା ଏବଂ ନେଲଗୋଡା ମଧ୍ୟରେ ଜଙ୍ଗଲ ଏବଂ ପାହାଡ଼ିଆ ଅଂଚଳରେ ଏକ ଏନକାଉଂଟରରେ ଜଣେ ନକ୍ସଲ ନିହତ ହୋଇଛି । ତାକୁ ଧରାଇଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ମିଳିବ ବୋଲି ପୂର୍ବରୁ ଘୋଷିଣା ହୋଇଥିଲା । ଘଟଣାସ୍ଥଳରୁ ଏକ ଏସଏଲଆର, ଏକ ଇନସାସ୍ ରାଇଫଲ, ଏକ ପିସ୍ତଲ, ବିପୁଳ ପରିମାଣର ଖାଲି କାରତୁସ୍ ଏବଂ ନକ୍ସଲ ସାମଗ୍ରୀ ଜବତ କରାଯାଇଛି। ଜଙ୍ଗଲରେ ନକ୍ସଲ କାର୍ଯ୍ୟକଳାପ ବିଷୟରେ ସୂଚନା ପାଇବା ପରେ, ଡେପୁଟି ପୋଲିସ ସୁପରିଟେଣ୍ଡେଂଟ(ନକ୍ସଲ ଅପରେସନ୍ସ) ରାହୁଲ କୁମାର ଉୟକେଙ୍କ ନେତୃତ୍ୱରେ ଡିଆରଜି ଏବଂ ବସ୍ତର ଫାଇଟର୍ସ ଯବାନଙ୍କ ଏକ ଟିମ୍ କୁ ଦନ୍ତେୱାଡା ପୋଲିସ ସୁପରିଟେଣ୍ଡେଂଟଙ୍କ ନିର୍ଦ୍ଦେଶରେ ପଠାଯାଇଥିଲା। ମାର୍ଚ୍ଚ ୩ ତାରିଖ ରାତି ପ୍ରାୟ ୯ଟାରେ ସୁରକ୍ଷା ବାହିନୀ ଏବଂ ନକ୍ସଲବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ସଂଘର୍ଷ ପରେ, ସୈନ୍ୟମାନେ ପରଦିନ ଜଙ୍ଗଲରେ ଏକ ସଶସ୍ତ୍ର ପୁରୁଷ ନକ୍ସଲର ମୃତଦେହ ଏନକାଉଂଟର ସ୍ଥାନରୁ ଉଦ୍ଧାର କରିଥିଲେ। ଏଥିସହ ଘଟଣାସ୍ଥଳରୁ ଗୋଟିଏ ଏସଏଲଆର, ଗୋଟିଏ ଇନସାସ୍ ରାଇଫଲ୍ ଏବଂ ଗୋଟିଏ ପିସ୍ତଲ ସହିତ ବିପୁଳ ପରିମାଣର ଖାଲି କାରତୁସ୍ ଏବଂ ନକ୍ସଲ ସାମଗ୍ରୀ ମଧ୍ୟ ଜବତ କରାଯାଇଥିଲା। ଦାନ୍ତେୱାଡା ଏସପି ଗୌରବ ରାୟ ଗୁରୁବାର ଏନକାଉଂଟରକୁ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ ଏନକାଉଂଟର ସ୍ଥାନରୁ ଉଦ୍ଧାର ହୋଇଥିବା ପୁରୁଷ ନକ୍ସଲଙ୍କ ମୃତଦେହ ବିଜାପୁର ଜିଲ୍ଲାର ଗଙ୍ଗାଲୁର ଥାନା ଅନ୍ତର୍ଗତ ବୁର୍ଜି ଗ୍ରାମର ବାସିନ୍ଦା ଭୈରମଗଡ଼ ଏରିଆ କମିଟିର ସଦସ୍ୟ ରାଜେଶ ପୁନେମ ଏସିଏମ ଭାବରେ ଚିହ୍ନଟ କରାଯାଇଛି।

## ଆଜି ଓଡ଼ିଶା ଆସିବେ ଅମିତ ଶାହ

ଭୁବନେଶ୍ୱର, ୫।୩(ମହାଭାରତ): ଆସନ୍ତାକାଲି (ଶୁକ୍ରବାର) କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ ଓଡ଼ିଶା ଆସିବେ।ଏହି ଗସ୍ତ ବେଳେ ଶ୍ରୀ ଶାହ କଟକ ମୁଣ୍ଡଳିସ୍ଥିତ ସିଆଇଏସଏଫର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ଣରେ କଟଣାରେ



ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଫୋରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବେ। ଏଥି ସହ ଆଭାସୀ ମାଧ୍ୟମରେ ଏନଏଫଏସୟୁ ଟ୍ରାନଜିଟ୍ କ୍ୟାମ୍ପସର ଶୁଭ ଉଦ୍ଘାଟନ କରିବେ।

## ରାଜ୍ୟସଭା ଯିବେ ନିତିନ ନବୀନ

ପାଟନା,୦୫।୩: ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ବିହାରର ବାଙ୍କିପୁରରୁ ବିଧାୟକ ନିତିନ ନବୀନ ଗୁରୁବାର ଦିନ ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ବାଙ୍କିପୁର ବିଧାନସଭା କ୍ଷେତ୍ରର ଜନତାଙ୍କ ସହିତ ତାଙ୍କ ଆତ୍ମୀୟ ସମ୍ବନ୍ଧ ଆଗକୁ ମଧ୍ୟ ଜାରି ରହିବ। ନାମାଙ୍କନ ପରେ ନିତିନ ନବୀନ ଏକ୍ସରେ ଭାବୁକ ସନ୍ଦେଶ ପୋଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଆଜି ରାଜ୍ୟସଭା ପାଇଁ ନାମାଙ୍କନ ପ୍ରସ୍ତୁତ କରି ମନ ସ୍ୱାଭାବିକ ରୂପେ ସେହି ଲମ୍ବା ଯାତ୍ରାକୁ ମନେ କରୁଛି, ଯେଉଁଥିରେ ଆମେ ଆପଣ ସମସ୍ତଙ୍କ ସହିତ ମିଳିମିଶି ସ୍ଥିର କରିଛୁ। ସେ କହିଛନ୍ତି ଯେ ପାଟନା ପଶ୍ଚିମ(ବାଙ୍କିପୁର)ର ଜନତା ତାଙ୍କ ହାତ ଧରି ଚାଲିବା ଶିଖାଇଛନ୍ତି। ଗତ ଦୁଇ ଦଶକରୁ ଅଧିକ ସମୟରୁ ନିଜର ଯେଉଁ ବିଶ୍ୱାସ ଏବଂ ସ୍ନେହ ଦେଇଛନ୍ତି, ତା'ର ବଳରେ ମୋତେ ବିହାର ସରକାରରେ ବିଭିନ୍ନ ଦାୟିତ୍ୱର ନିର୍ବହନ କରି ରାଜ୍ୟ ଏବଂ ସମାଜର ସେବା କରିବାର ଅବସର ମିଳିଛି, ଯେଉଁଥିରେ ମୁଁ ପୁରା ନିଷ୍ଠା ଏବଂ ସମର୍ପଣ ସହିତ ନିଭାଇବାର ପ୍ରୟାସ କରିଛନ୍ତି।

# ଇଂଲଣ୍ଡକୁ ହରାଇ ଫାଇନାଲରେ ଭାରତ

ଭାରତ ୨୫୩/୭ | ଇଂଲଣ୍ଡ ୨୪୬/୭
ସାମସନ ୮୯ | ବେଥେଲ ୧୦୫



ମୁମ୍ବାଇ,୫।୩(ମହାଭାରତ): ୱାଙ୍ଖଡେରେ ହିଷ୍ଟ୍ରୀ ଡିଫିଟ ହୋଇଛି। ୨୦୧୬ରେ ଭାରତ ସାମ୍ନା କରିଥିବା ସେମି ପରାଜୟର ରିପିଟ ୨୦୨୬ରେ ହୋଇନାହିଁ। ଚଳିତ ଟି-୨୦ ବିଶ୍ୱକପରେ ହିଷ୍ଟ୍ରୀ ରିପିଟ ଓ ହିଷ୍ଟ୍ରୀ ଡିଫିଟ ନାରା ନେଇ ଟିମ ଇଣ୍ଡିଆ ମୈଦାନକୁ ଓହ୍ଲାଇଥିଲା। ଏବେ ୱାଙ୍ଖଡେରେ ଇଂଲଣ୍ଡକୁ ହରାଇ ଭାରତୀୟ ଟିମ ହିଷ୍ଟ୍ରୀକୁ ଡିଫିଟ କରିଛି। ଏଥିସହ ମାର୍ଚ୍ଚ ୮ରେ ଫାଇନାଲ ମ୍ୟାଚ୍ ପାଇଁ ଟିକେଟ ହାତେଇଛି। ଇଂଲଣ୍ଡକୁ ରୋମାଞ୍ଚକର ଢଙ୍ଗରେ ୭ ରନ ହରାଇ କ୍ରମାଗତ ଦ୍ୱିତୀୟ ଥର ପାଇଁ ଟିମ ଇଣ୍ଡିଆ ଟ୍ରଫି ଟକ୍କରକୁ ଯାଇଛି।

୨୦୧୬ରେ ଏହି ୱାଙ୍ଖଡେରେ ଭାରତ ସେମି ଫାଇନାଲରେ ୱେଷ୍ଟଇଣ୍ଡିଜ ଠାରୁ ହାରି ଫାଇନାଲରୁ ବଞ୍ଚିତ ହୋଇଥିଲା। କିନ୍ତୁ ଏବେ ଆଉ ସେହି ଭୁଲ ହୋଇନାହିଁ।

ଭାରତ ପ୍ରଥମେ ବ୍ୟାଟିଂ କରି ୨୫୩ ରନ କରିଥିବା ବେଳେ ଇଂଲଣ୍ଡ ଜ୍ୟାକବ ବେଥେଲଙ୍କ ୧୦୫ ରନ ବଳରେ ୭ ୱିକେଟ ହରାଇ ୨୪୬ ରନ କରିପାରିଛି। ଶେଷ ଓଭରରେ ବେଥେଲ ରନ ଆଉଟ ହେବାରୁ ଭାରତ ମ୍ୟାଚ୍‌କୁ କବଜା କରିଛି। ଆସନ୍ତା ରବିବାର ଭାରତର ମୁକାବିଲା ଫାଇନାଲରେ ନ୍ୟୁଜିଲ୍ୟାଣ୍ଡ ସହ ହେବ। ପ୍ରଥମେ ସେମିରେ ନ୍ୟୁଜିଲ୍ୟାଣ୍ଡ ୯ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା।

୨୫୪ ରନ ପିଛା କରୁଥିବା ଇଂଲଣ୍ଡ ଦ୍ୱିତୀୟ ଓଭରରେ ଫିଲ ସଲ୍ଟଙ୍କୁ ହରାଇଥିଲା। ତାଙ୍କ ୱିକେଟ ହାର୍ଦ୍ଦିକ ପାଣ୍ଡ୍ୟା ନେଇଥିଲେ। ଏହାପରେ ହ୍ୟାରୀ ବ୍ରୁକ(୭) ଯଶପ୍ରୀତ ବୁମ୍ରାଙ୍କ ପ୍ରଥମ ବଲରେ ଆଉଟ ହୋଇଥିଲେ। ଅକ୍ଷର ପଟେଲ ଚମତ୍କାର କ୍ୟାଚ୍ ଧରି ବ୍ରୁକଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ପାୱାର ପ୍ଲେର ଶେଷ ଓଭରରେ ବୋଲିଂ କରିବାକୁ ଆସିଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ଜ୍ୟାକବ ବେଥେଲ ହ୍ୟାଟ୍ରିକ ଛକା ମାରିଥିଲେ ହେଁ ସେ ୨୫ ରନ କରିଥିବା ଜୋଶ ବଟଲରଙ୍କୁ ବୋଲ୍ଡ କରି ଦେଇଥିଲେ। ଟମ ବାଣ୍ଟନ ୫ ବଲରେ ୧୭ ରନ କରି ଅକ୍ଷର ପଟେଲଙ୍କ ବଲରେ ଆଉଟ ହୋଇଥିଲେ। ଏହାପରେ ଜଲୱା ଦେଖାଇଥିଲେ ବେଥଲ ଓ ୱିଲ ଜ୍ୟାକ୍ସ। ଉଭୟ ୫ମ ୱିକେଟ ପାଇଁ ଦଳୀୟ ସ୍କୋରକୁ ୯୩ରୁ ନେଇ ୧୪ ଓଭର ସୁଦ୍ଧା ୧୭୨ରେ ପହଞ୍ଚାଇ ଦେଇଥିଲେ। ଶେଷ ୩ ଓଭରକୁ ଇଂଲଣ୍ଡକୁ ଜିତିବାକୁ ଦରକାର ଥିଲା ୪୫ ରନ। ୧୮ତମ ଓଭର ବୋଲିଂ କରିବାକୁ ଆସିଥିଲେ ଯଶପ୍ରୀତ ବୁମ୍ରା। ସେ ମାତ୍ର ୫ ରନ ଦେଇ ଭାରତ ପାଇଁ ପୁଣି ସୁଯୋଗ ସୃଷ୍ଟି କରିଥିଲେ। ୧୯ତମ ଓଭର ବୋଲିଂ କରିବାକୁ ଆସିଥିବା ପାଣ୍ଡ୍ୟାଙ୍କୁ ବେଥେଲ ଛକା ମାରି ମାତ୍ର ୪୫ ବଲରେ ନିଜର ଶତକ ହାସଲ କରିଥିଲେ। ତେବେ ତୃତୀୟ ବଲରେ ସେ ସାମ କୁରାନ(୧୪ ବଲରେ ୧୮)ଙ୍କୁ ଆଉଟ କରି ମ୍ୟାଚ୍‌ରେ ରୋମାଞ୍ଚ ଭରିଥିଲେ। ସେ ୧୯ତମ ଓଭର କେବଳ ୯ ରନ ଦେଇଥିଲେ। ଶେଷ ଓଭରରେ ଇଂଲଣ୍ଡକୁ ଜିତିବାକୁ ଦରକାର ଥିଲା। ୩୦ ରନ। ସାମ୍ନାରେ ବେଥେଲ ଥିବା ବେଳେ ବୋଲିଂ କରିବାକୁ ପ୍ରଥମଥର ଇନିଂସରେ ଆସିଥିଲେ ଶିବମ ଦୁବେ। ଶିବମ ଦୁବେ ୨୨ ରନ ଦେଇଥିଲେ ହେଁ ଭାରତ ୭ ରନରେ ମ୍ୟାଚ୍‌କୁ କଜବା କରି ନେଇଛି। ଟସ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ପୁଣି ଦ୍ୱିତୀୟ ଓଭରରେ ଅଭିଷେକ ଶର୍ମା(୯)ଙ୍କୁ ହରାଇଥିଲେ। ୱିଲ ଜ୍ୟାକ୍ସଙ୍କୁ ବଡ ଶଟ ଖେଳିବାକୁ ଯାଇ ଅଭିଷେକ ଆଉଟ ହୋଇଥିଲେ। ଏତିକି ବେଳେ ସାମସନ ଓ ଈଶାନ କିଶନ ନିଜର ଜଲୱା ଦେଖାଇଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷ ଶେଷ ସୁପର ୮ ମ୍ୟାଚ୍‌ରେ ଅପରାଜିତ ୯୭ ରନ କରିଥିବା ସାମସନ ଆରମ୍ଭରୁ ଆଟାକିଂ ଶଟ ଖେଳିଥିଲେ।ଅବଶ୍ୟ ହ୍ୟାରୀ ବ୍ରୁକ ତାଙ୍କର ଗୋଟିଏ କ୍ୟାଚ୍ ଛାଡିଥିଲେ। ଏହାପରେ କିନ୍ତୁ ସାମସନ ଆଉ କିଛି ଶୁଣି ନଥିଲେ। ସେ ବଡବଡ ଶଟ ଖେଳି ମାତ୍ର ୨୬ ବଲରେ ଆଉ ଏକ ଅର୍ଦ୍ଧଶତକ ହାସଲ କରିଥିଲେ। ଅର୍ଦ୍ଧଶତକ ପରେ ସେ ଗିୟର ବଦଳାଇଥିଲେ। କିଶନ ମଧ୍ୟ ବଡ ଶଟ ଖେଳିଥିଲେ। ଉଭୟ ୯.୩ ଓଭର ସୁଦ୍ଧା ଦଳୀୟ ସ୍କରକୁ ୧୧୭ରେ ପହଞ୍ଚାଇ ଦେଇଥିଲେ।ଏତିକି ବେଳେ ୧୮ ବଲରେ ୩୯ ରନର ଇନିଂସ ଖେଳିଥିବା କିଶନଙ୍କୁ ଆଦିଲ ରଶିଦ ଆଉଟ କରି ଦେଇଥିଲେ। ସାମସନଙ୍କ ୪ନଂରେ ବ୍ୟାଟିଂ କରିବାକୁ ଆସିଥିବା ଶିବମ ଦୁବେ ତୃତୀୟ ୱିକେଟ ପାଇଁ ୩୭ ରନ ଯୋଡିଥିଲେ। ସାମସନ ମଧ୍ୟ ନିଜ ଶତକ ଆଡକୁ ଯାଉଥିଲେ। କିନ୍ତୁ ୧୪ତମ ପ୍ରଥମ ବଲରେ ଜ୍ୟାକ୍ସ ତାଙ୍କୁ ଆଉଟ କରି ଦେଇଥିଲେ। ସାମସନ ୪୨ ବଲରେ ୮୯ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସରେ ସେ ୭ଟି ଛକା ଓ ୮ଟି ଛକା ମାରିଛନ୍ତି।ଆଜି ୫ନଂରେ ବ୍ୟାଟିଂ କରିବାକୁ ଆସିଥିବା ସୂର୍ଯ୍ୟ କୁମାର ମାତ୍ର ୧୧ ରନ ହିଁ କରିଛନ୍ତି। ସେ ୧୬ତମ ଓଭରରେ ଆଉଟ ହେବା ବେଳକୁ ଦଳୀୟ ସ୍କର ୧୯୦ ରହିଥିଲା। ଏହାପରେ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟା ସ୍ଥିତି ସମ୍ଭାଳିଥିଲେ। ଦୁବେ ତାଙ୍କ ଇନିଂସରେ ୪ଟି ଛକା ଓ ଗୋଟିଏ ଚୌକା ମାରିଛନ୍ତି। ତିଳକ ୭ ବଲରେ ୨୧ ରନର ଇନିଂସ ଖେଳି ଆଉଟ ହୋଇଛନ୍ତି। ପାଣ୍ଡ୍ୟା। ସେ ୧୨ ବଲରେ ୨୭ ରନ କରିଛନ୍ତି। ଶେଷ ବଲର ସାମ୍ନା କରିବାକୁ ଆସିଥିଲେ ବରୁଣ ଚକ୍ରବର୍ତ୍ତୀ। ବାଇରେ ୨ ରନ ମିଳିବାରୁ ଭାରତ ୭ ୱିକେଟ ହରାଇ ୨୫୩ ରନ କରିଛି।

## ଶଙ୍ଖ ଭବନରେ ବିଜୁ ବାବୁଙ୍କ ୧୧୦ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୫।୩(ମହାଭାରତ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ସକାଳ ୯ଟା ୪୫ ମିନିଟ୍ରେ ଭୁବନେଶ୍ୱର ସ୍ଥିତ ଫରେଷ୍ଟ ପାର୍କ ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ।

ପରେ ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଦଳର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇ କହିଥିଲେ, ଦଳ ସବୁବେଳେ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢୁଛି । ବିଜୁ ବାବୁଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଦଳ ସର୍ବଦା କାମ କରିବ । ବିଜୁ ବାବୁଙ୍କ ଅବଦାନ ଆଗାମୀ ପିଢ଼ିକୁ ସର୍ବଦା ପ୍ରେରଣା ଯୋଗାଇବ ।ଏହି ସଭାରେ ଉପସ୍ଥିତ ବରିଷ୍ଠ ନେତା, ସାଂସଦ, ବିଧାୟକ ଓ ଦଳୀୟ ପଦାଧିକାରୀମାନେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନୀ, ଆଦର୍ଶ ଓ ତାଙ୍କର ଅମୂଲ୍ୟ ଅବଦାନ ବିଷୟରେ ନିଜର ମତ ପ୍ରକାଶ କରିଥିଲେ । ତାଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାର ଲୋକଙ୍କ ଉନ୍ନତି ଓ କଲ୍ୟାଣ ପାଇଁ କାମ କରିବାକୁ ସଂକଳ୍ପ ନେଇଥିଲେ ।ଏହି କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲ୍ଲିକ, ପ୍ରତାପ କେଶରୀ ଦେବ, ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ଅରୁଣ କୁମାର ସାହୁ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ସୁଲୋଚନା ଦାସଙ୍କ ସହିତ ବହୁ କର୍ମୀ ଉପସ୍ଥିତ ଥିଲେ ।

## ପାରାଦୀପରେ ପ୍ରତିଷ୍ଠା ହେବ ହାଇଜିନିକ୍ ମାଛ ବଜାର

ଭୁବନେଶ୍ୱର, ୦୫।୩(ମହାଭାରତ); ପାରାଦୀପ ନିର୍ବାଚନ ମଣ୍ଡଳୀରେ ମାଛ ଚାଷୀ ଓ ଖାଉଟିଙ୍କ ସୁବିଧା ପାଇଁ ଏକ ଅତ୍ୟାଧୁନିକ ତଥା ସ୍ୱଚ୍ଛ ମାଛ ବଜାର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ। ପ୍ରକଳ୍ପ ପାଇଁ ହସ୍ତକ୍ଷେପ କରିବା ସହ ତୁରନ୍ତ ସମ୍ବଳ ଆବଂଟନ ପାଇଁ ସେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଅନୁରୋଧ କରିଛନ୍ତି।

ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ନଦୀ ରହିଥିବା ବେଳେ ଏହା ବଙ୍ଗୋପସାଗର କୂଳରେ ଅବସ୍ଥିତ। ତେଣୁ ଏଠାରେ ପ୍ରଚୁର ପରିମାଣରେ ସାମୁଦ୍ରିକ ମାଛ ଉପଲବ୍ଧ ହୋଇଥାଏ। ଏହି ଅଞ୍ଚଳରେ ଜନସଂଖ୍ୟାର ଏକ ବଡ଼ ଭାଗ ମାଛ ଧରିବା ଓ ଏହାର ବ୍ୟବସାୟ ଉପରେ ନିର୍ଭର କରି ନିଜର ଗୁଜରାଣ ମେଂଟାଇଥାନ୍ତି। ଏହା ସହ ସ୍ଥାନୀୟ ଲୋକଙ୍କ ନିତିଦିନିଆ ଖାଇବାରେ ମାଛ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ତେବେ ବର୍ତ୍ତମାନ ପାରାଦୀପରେ ଥିବା ମାଛ ବଜାରଗୁଡ଼ିକର ସ୍ଥିତି ଅତ୍ୟନ୍ତ ଶୋଚନୀୟ। ସେଠାରେ ସ୍ୱଚ୍ଛତାର ଅଭାବ ରହିବା ସହ ଭିତିଭୂମି ମଧ୍ୟ ଦୁର୍ବଳ ରହିଛି। ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ମାଛର ଗୁଣବତା ହ୍ରାସ ପାଉଛି, ଯାହା ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ତେଣୁ ଏକ ଆଧୁନିକ ସ୍ୱଚ୍ଛ ମାଛ ବଜାର ପ୍ରତିଷ୍ଠା କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରସ୍ତାବ ଦେଇଛନ୍ତି।

ପ୍ରସ୍ତାବିତ ଆଧୁନିକ ମାଛ ବଜାରରେ ପରିମଳ ବ୍ୟବସ୍ଥା, ବରଫ ଭିତିକ ସଂରକ୍ଷଣ, ଉନ୍ନତ ଭିତିଭୂମି ଏବଂ ଶୀତଳ ଭଣ୍ଡାର ସୁବିଧା ଉପଲବ୍ଧ ରହିବ। ଏହିପରି ଆଧୁନିକ ବଜାର ପ୍ରତିଷ୍ଠା ହେଲେ ପରିବେଶ ଦୂଷିତ ହେବାର ଆଶଙ୍କା ହ୍ରାସ ପାଇବା ସହ ସତେଜ ମାଛ ଓ ସର୍ବୋଚ୍ଚ ସୁରକ୍ଷା ମାନ ସୁନିଶ୍ଚିତ କରାଯାଇପାରିବ। ଏହି ପ୍ରକଳ୍ପ ଦ୍ୱାରା ପାରାଦୀପ ଅଂଚଳର ମାଛ ବ୍ୟବସାୟରେ ବଡ଼ ପରିବର୍ତନ ଆସିପାରିବ ଏହା କେବଳ ବ୍ୟବସାୟୀଙ୍କୁ ଲାଭବାନ କରିବ ନାହିଁ, ବରଂ ଗ୍ରାହକମାନେ ମଧ୍ୟ ଉଚ୍ଚ ମାନର ଓ ସ୍ୱାସ୍ଥ୍ୟକର ମାଛ ପାଇପାରିବେ। ଦୀର୍ଘ ଦିନ ଧରି ଅଂଚଳବାସୀ ଏନେଇ ଦାବି କରୁଥିବା ବେଳେ ଏହି ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ପତ୍ର ଲେଖିଛନ୍ତି।

# ଧମକ ଦେଲା ଇରାନ

**ନୂଆଦିଲ୍ଲୀ,୫।୩(ଏଜେନ୍ସି):**ଇରାନ ଚେତାବନୀ ଦେଇଛି ଯେ, ଯଦି ଶାସନ ପରିବର୍ତ୍ତନର ପ୍ରୟାସ କରାଯାଏ, ତେବେ ଇସ୍ରାଏଲର ଡିମୋନା ପରମାଣୁ ସ୍ଥଳ ଉପରେ ଆକ୍ରମଣ କରାଯିବ । ଇରାନର ଅର୍ଦ୍ଧ-ସରକାରୀ ଆଇଏସ୍ଏନ୍ଏ ସମାଚାର ଏଜେନ୍ସି ଜଣେ ଇରାନୀ ସାମରିକ ଅଧିକାରୀଙ୍କ ଉଦ୍ଧୃତି ଦେଇ ଏହା କହିଛି । ଇରାନୀ ସାମରିକ ଅଧିକାରୀଙ୍କ ଚେତାବନୀ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବାରମ୍ବାର ଶାସନ ପରିବର୍ତ୍ତନର ଚେତାବନୀ ଦେଉଛନ୍ତି।

ଯଦିଓ କିଛି ଅଧିକାରୀ କହିଛନ୍ତି ଯେ, ସର୍ତ୍ତ ପୂରଣ ହୋଇଛି ବୋଲି କହି ଡୋନାଲ୍ଡ ଟ୍ରମ୍ପ ହଠାତ ଯୁଦ୍ଧରୁ ଓହରି ଯାଇପାରନ୍ତି । ଜେରୁସାଲେମ ପୋଷ୍ଟ ବରିଷ୍ଠ ଇସ୍ରାଏଲୀ ଅଧିକାରୀଙ୍କ ଉଦ୍ଧୃତି ଦେଇ କହିଛି, ଇରାନରେ ସରକାରର ପ୍ରକୃତ ପରିବର୍ତ୍ତନ ସମ୍ଭବ ନହେବା ପର୍ଯ୍ୟନ୍ତ ଟ୍ରମ୍ପ ଯୁଦ୍ଧ କରିବେ । ଜଣେ ବରିଷ୍ଠ ଇସ୍ରାଏଲୀ ଅଧିକାରୀ ଜେରୁସାଲେମ ପୋଷ୍ଟକୁ କହିଛନ୍ତି, ଟ୍ରମ୍ପ ଏହି ପଦକ୍ଷେପ ସହିତ ଆଗକୁ ବଢ଼ିବାକୁ ଚାହୁଁଛନ୍ତି । ସେ ପୂର୍ବରୁ ଲକ୍ଷ୍ୟ ଚିହ୍ନଟ କରିସାରିଛନ୍ତି। ସେ ସରକାର ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ଏବଂ ତାଙ୍କର ଯୁଦ୍ଧ ଗତି କମ୍ କରିବାର କରିବାର କୌଣସି ଉଦ୍ଦେଶ୍ୟ ନାହିଁ ।ଆମେରିକା ଏବଂ ଇସ୍ରାଏଲୀ ଅଧିକାରୀମାନେ କହିଛନ୍ତି, ଇରାନ ସରକାର ବର୍ତ୍ତମାନ ପରିସ୍ଥିତିକୁ ପରିଚାଳନା କରିବା ପାଇଁ ସଂଘର୍ଷ କରୁଛନ୍ତି । ଡିମୋନା ନ୍ୟୁକ୍ଲିୟର ସାଇଟ୍ ଆନୁଷ୍ଠାନିକ ଭାବରେ ଶିମୋନ ପେରେସ୍ ନେଗେଭ୍ ନ୍ୟୁକ୍ଲିୟର ରିସର୍ଚ୍ଚ ସେଣ୍ଟର ଭାବରେ ଜଣାଶୁଣା, ଇସ୍ରାଏଲର ନେଗେଭ୍ ମରୁଭୂମିରେ ଅବସ୍ଥିତ ଏକ ଅତ୍ୟନ୍ତ ଗୁପ୍ତ ନ୍ୟୁକ୍ଲିୟର ସୁବିଧା। ଏହାର ନିର୍ମାଣ କାର୍ଯ୍ୟ ୧୯୫୦ ଦଶକରେ ଆରମ୍ଭ ହୋଇଥିଲା ।ଇସ୍ରାଏଲ ଏହାକୁ ଗୁପ୍ତ ଫରାସୀ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ନିର୍ମାଣ କରିଥିଲା । ପ୍ରାରମ୍ଭରେ, ଏହାର ପରିଚୟ ଲୁଚାଇବା ପାଇଁ, ଏହାକୁ ବିଶ୍ୱ ସମ୍ମୁଖରେ ଏକ କପଡ଼ା କାରଖାନା ଭାବରେ ବର୍ଣ୍ଣନା କରାଯାଇଥିଲା । ଇସ୍ରାଏଲ ଏହାକୁ ଆନୁଷ୍ଠାନିକ ଭାବରେ ଏକ ଗବେଷଣା କେନ୍ଦ୍ର ଭାବରେ ବର୍ଣ୍ଣନା କରେ ଯାହା ବିଜ୍ଞାନ, ସ୍ୱାସ୍ଥ୍ୟ ଏବଂ କୃଷିରେ ନ୍ୟୁକ୍ଲିୟର ଶକ୍ତିର ବ୍ୟବହାର ଉପରେ କାର୍ଯ୍ୟ କରିଥାଏ । କିନ୍ତୁ ଅନ୍ତର୍ଜାତୀୟ ବିଶେଷଜ୍ଞ ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ଅନୁସାରେଏହା ଇସ୍ରାଏଲର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମର କେନ୍ଦ୍ର ।



# ରାଜ୍ୟସଭା ନିର୍ବାଚନ : ନାମାଙ୍କନ ଭରିଲେ ଶାସକ-ବିରୋଧୀ ଦଳର ପ୍ରାର୍ଥୀ

ଭୁବନେଶ୍ୱର,୫।୩(ମହାଭାରତ): ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ୍ କୁମାରଙ୍କ ସମେତ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ଆଜି ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପିର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ଏହି ପ୍ରାର୍ଥୀପତ୍ର ଦାଖଲ ହୋଇଛି। ଆଜି ନାମାଙ୍କନ ପତ୍ର ଦାଖଲର ଶେଷଦିନରେ ବିଜେଡିର ସନ୍ତୃପ୍ତ ମିଶ୍ର ଓ ବିଜେଡି-କଂଗ୍ରେସ ସମର୍ଥିତ ଦତ୍ତେଶ୍ୱର ହୋତା ମଧ୍ୟ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ସୂଚନା ଅନୁସାରେ, ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ପ୍ରାର୍ଥୀ ମନମୋହନ ସାମଲ ଓ ସାଂସଦ ସୁଜିତ୍ କୁମାର ଉଭୟ ଦଳୀୟ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ଆସି ରାମମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ବିଧାନସଭାକୁ ଆସି ରିଟର୍ଣ୍ଣିଂ ଅଫିସରଙ୍କ ପାଖରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମଧ୍ୟ ତାଙ୍କ ପତ୍ନୀ ଓ ସମର୍ଥକଙ୍କ ସହ ଆସି ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ନାମାଙ୍କନ ପତ୍ର ଦାଖଲବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଓ ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ ସିଂ ତୋମାର ଓ ଦଳୀୟ ବିଧାୟକ-ନେତାମାନେ ଉପସ୍ଥିତ ଥିଲେ।

ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ ଉଭୟ ବିଜେଡି-କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ଆଜି ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।ସୂଚନା ଅନୁସାରେ, ଆଜି ବିଜେଡି ପ୍ରାର୍ଥୀ ଶ୍ରୀ ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ବିଧାନସଭା ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ନିଜ ନିଜର ୩ ସେଟ୍ ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଉଭୟ ବିଜେଡି ଓ କଂଗ୍ରେସର ବିଧାୟକମାନେ ମିଳିତ ପ୍ରସ୍ତାବକ ଭାବେ ଡାକ୍ତର ହୋତାଙ୍କ ନାମାଙ୍କନ ପତ୍ରରେ ସ୍ୱାକ୍ଷର କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ସମୟରେ ବିଧାନସଭା ପରିସରରେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ,ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର, ସିପିଆଇଏମ ନେତା ସୁରେଶ ପାଣିଗ୍ରାହୀ ଓ ଉଭୟ ବିଜେଡି-କଂଗ୍ରେସର ବିଧାୟକମାନେ ଉପସ୍ଥିତ ରହିଥିଲେ ।ନାମାଙ୍କନ ପତ୍ର ଦାଖଲ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଆମର ଦୁଇ ପ୍ରାର୍ଥୀ ମିଶ୍ର ଓ ଡାକ୍ତର ହୋତା ଉଭୟ ଜିତିବେ। ସେମାନଙ୍କୁ ଆଗୁଆ ଅଭିନନ୍ଦନ ଜଣାଉଛି ।ସେହିପରି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ, ଆମର ମିଳିତ ପ୍ରାର୍ଥୀ ଡାକ୍ତର ହୋତା ନିଶ୍ଚିତ ଭାବେ ଜିତିବେ। ନବୀନବାବୁଙ୍କ ନିଷ୍ପତ୍ତିକୁ ଭକ୍ତ ପ୍ରଶଂସା କରିବା ସହ ଘୋଡାବେପାର ବନ୍ଦ ପାଇଁ ତାଙ୍କର ଏହି ପଦକ୍ଷେପ ସହାୟକ ହେବ ବୋଲି କହିଛନ୍ତି।





## ଇଲିସି ମାଛ ବାଟିବସା



ଆବଶ୍ୟକ ସାମଗ୍ରୀ: ଇଲିସି ମାଛ, ଲୁଣ, ହଳଦୀ, କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ। ପତ୍ର, କଟା ଟମାଟୋ, ଲଙ୍କା ଗୁଣ୍ଡ, ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ। ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଇଲିସି ମାଛକୁ ଭଲଭାବେ ଧୋଇ, ସେଥିରେ ଲୁଣ ଓ ହଳଦୀ ଗୋଳାଇ ରଖନ୍ତୁ। ଏହାପରେ ଇଲିସି ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ ପତ୍ର, କଟା ଟମାଟୋ ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏଥିସହ ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ ଦେଇ ଭଲଭାବେ ମ୍ୟାରିନେଟ କରି ରଖିଦିଅନ୍ତୁ। ବର୍ତ୍ତମାନ ଗ୍ୟାସରେ ଏକ ପାତ୍ର ଗରମ କରି ସେଥିରେ ମ୍ୟାରିନେଟ୍ ହୋଇଥିବା ମାଛ ପକାନ୍ତୁ ଓ ଅଳ୍ପ ପାଣି ଦିଅନ୍ତୁ। ବର୍ତ୍ତମାନ ଘୋଡ଼ଣୀ ଘୋଡ଼ାଇ ମୁହଁକୁ ଅଟା ଦ୍ୱାରା ବନ୍ଦ କରିଦିଅନ୍ତୁ। ୧୫ ରୁ ୨୦ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ଇଲିସି ମାଛ ବାଟିବସା'।

### ଖବର

## ରାମଚରଣଙ୍କ ନୂଆ ଆକ୍ସନ ଡ୍ରାମା ଫିଲ୍ମ 'ପେଡ୍ଡି'





ରାମଚରଣ ଫିଲ୍ମ ଆକ୍ସନ ଡ୍ରାମା ଫିଲ୍ମ 'ପେଡ୍ଡି'କୁ ଫ୍ୟାନ୍ସ ଅପେକ୍ଷା କରି ରହିଛନ୍ତି । ଫିଲ୍ମର ପ୍ରଥମ ଗୀତ 'ଚିକିରୀ ଚିକିରୀ' ରିଲିଜ ହେବା ମାତ୍ରକେ ଛାଇ ଯାଇଥିଲା । କେବଳ ୨୪ଘଣ୍ଟାରେ ଏହାକୁ ୪୬ମିଲିୟନରୁ ଅଧିକ ଭ୍ୟୁ ମିଳିଥିଲା ।ଆଉ ଏବେ ଏକ ଡ୍ୟାନ୍ସ ନମ୍ବର ରାଇ ରାଇ ରା ରା ରିଲିଜ୍ ହୋଇଛି । ଏହି ଗୀତରେ ରାମଚରଣଙ୍କ ଜବରଦସ୍ତ ଡ୍ୟାନ୍ସ ମୁଭ୍ସ ଦେଖିବାକୁ ମିଳିଛି ।ରାଇ ରାଇ ରା ରାର ନିର୍ଦ୍ଦେଶନା ଦେଇଛନ୍ତି ପ୍ରସିଦ୍ଧ ସିଙ୍ଗର ଏ.ଆର. ରହମାନ । ରାମ ଚରଣ ଏହି ଗୀତରେ ନିଜର ଜବରଦସ୍ତ ଡ୍ୟାନ୍ସ ପ୍ରଦର୍ଶନ କରିଛନ୍ତି । ଯାହା ଏବେ ବେଶ୍ ଭାଇରଲ୍ ହେବାରେ ଲାଗିଛି । ଫିଲ୍ମ 'ପେଡ୍ଡି'କୁ ନେଇ ଉତ୍ସାହ ବଢ଼ିବାରେ ଲାଗିଛି ।ଏଥିରେ ରାମ ଚରଣଙ୍କ ବ୍ୟତୀତ ଜାହ୍ନବୀ କପୁର, ଜଗପତି ବାବୁ, ଶିବା ରାଜକୁମାର ଏବଂ ଦିବ୍ୟେନ୍ଦୁ ଶର୍ମା। ରହିଥିବାବେଳେ ପେଡ୍ଡିର ନିର୍ଦ୍ଦେଶନା ଦେଇଛନ୍ତି ବୁଚି ବାବୁ ସନା । ଏହି ଫିଲ୍ମଟି ମୈଥ୍ରୀ ମୁଭି ମେକର୍ସ ଏବଂ ସୁକୁମାର ରାଇଟିଂସ୍ ଦ୍ୱାରା ବୃଦ୍ଧି ସିନେମା ବ୍ୟାନରରେ ପ୍ରସ୍ତୁତ ହୋଇଛି । ଏହା ଏପ୍ରିଲ ୩୦, ୨୦୨୬ରେ ରିଲିଜ ହେବ ।

## ମହର୍ଷି ଅଙ୍ଗିରା

ମନ୍ତ୍ରଦ୍ରଷ୍ଟା, ବ୍ରହ୍ମଜ୍ଞାନୀ, ପରମତେଜସ୍ୱୀ ମହର୍ଷି ଅଙ୍ଗିରା ଥିଲେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ମାନସପୁତ୍ର । ଥରେ ସେ କଠୋର ତପସ୍ୟା ଆରମ୍ଭ କଲେ । ଅନେକ ଦିନ ଧରି ତପସ୍ୟା ଜାରି ରଖିବାରୁ ତାଙ୍କର ତପୋବଳର ତେଜ ତିନିପୁରକୁ ବ୍ୟାପିଗଲା । ଦେବତାମାନେ ଚିନ୍ତିତ ହୋଇପଡ଼ିଲେ । ମାତ୍ର କିଛି କରିବାର ବାଟ ନଥିଲା। ମହର୍ଷି ଅଙ୍ଗିରାଙ୍କ ତପସ୍ୟାର ତେଜ ଦିନକୁ ଦିନ ବଢ଼ିଚାଲିଲା । ତାଙ୍କର ତେଜ ସମ୍ମୁଖରେ ଅଗ୍ନିଦେବଙ୍କ ତେଜ ମଧ୍ୟ ଫିକା ପଡ଼ିଗଲା । ସେ ସମୟରେ ଅଗ୍ନିଦେବ ଜଳ ମଧ୍ୟରେ ରହି ଧ୍ୟାନମଗ୍ନ ଥିଲେ । ମହର୍ଷି ଅଙ୍ଗିରାଙ୍କ ତେଜବୃଦ୍ଧି କଥା ସେ ଜାଣିପାରିଲେ । ଏହାପରେ ସେ ମହର୍ଷିଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ହାତଯୋଡ଼ି କହିଲେ, ହେ ମହର୍ଷି ! ଆପଣଙ୍କ ତପୋବଳର ତେଜ ଏବଂ ପ୍ରଭାବ ମୋର ତେଜ ଠାରୁ ଅଧିକ ହୋଇଯାଇଛି । ଏବେ ମୁଁ ମୋର ପରିଚୟ ହରାଇବାକୁ ବସିଛି । ଆପଣଙ୍କୁ ଏବେ ଜଗତବାସୀ ଅଗ୍ନି ବୋଲି କହିବେ। ଆପଣଙ୍କ ପରେ ମୋତେ ଦ୍ୱିତୀୟ ଅଗ୍ନି କହିବେ । ଆପଣଙ୍କ ସମ୍ମୁଖରେ ମୋର



ପ୍ରତିଷ୍ଠା ତୁଚ୍ଛ ହୋଇଯାଇଛି । ଅଗ୍ନିଦେବଙ୍କ କଥା ଶୁଣିବା ପରେ ମହର୍ଷି ଅଙ୍ଗିରା ତାଙ୍କୁ ଯଥାମାନ୍ୟ ଜଣାଇଲେ । ଏହାପରେ ସେ ଅଗ୍ନିଦେବଙ୍କୁ ସମସ୍ତ ଦେବତାଙ୍କ ପାଇଁ ଯଜ୍ଞର ହବି ଗ୍ରହଣ ଅଧିକାର ପ୍ରଦାନ କଲେ । ସେଦିନ ଠାରୁ ଯେତେବେଳେ ବି ଯଜ୍ଞ ଅଗ୍ନିରେ କୌଣସି ପବିତ୍ର ବସ୍ତୁ ଅର୍ପଣ କରାଯାଏ, ଅଗ୍ନିଦେବ ତାହାକୁ ଗ୍ରହଣ କରି ସମସ୍ତ ଦେବାଦେବୀଙ୍କ ନିକଟରେ ପହଞ୍ଚାଇଥାନ୍ତି । ଏଥିସହିତ ଅଗ୍ନିଦେବଙ୍କୁ ମହର୍ଷି ଅଙ୍ଗିରା ପୁତ୍ର ରୂପେ ଗ୍ରହଣ କରିଥିଲେ । ମହର୍ଷି ଅଙ୍ଗିରା ପରମଜ୍ଞାନୀ ଥିଲେ । ସେ 'ଅଙ୍ଗିରାସ୍ମୃତି' ରଚନା କରିଯାଇଛନ୍ତି । ଯେଉଁଥିରେ ଧର୍ମାଚରଣ ନିମନ୍ତେ ବେଶ ଉପାଦେୟ ଶିକ୍ଷା ପୂରି ରହିଛି ।

## କର୍ମ ବଡ଼ କି ଭାଗ୍ୟ ?

ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ କର୍ମ ଉପରେ ବିଶ୍ୱାସ କରିଥାନ୍ତି । ସେମାନଙ୍କ ବିଶ୍ୱାସ, ଭାଗ୍ୟ ବୋଲି କିଛି ନାହିଁ । କିନ୍ତୁ ଭାଗ୍ୟବାଦୀ ଲୋକମାନେ କୁହନ୍ତି, ଭାଗ୍ୟରେ ଯାହା ଲେଖା ହୋଇଛି, ତାହା ନିଶ୍ଚିତ ଭାବେ ମିଳିବ । ଅର୍ଥାତ୍ କର୍ମ ଏବଂ ଭାଗ୍ୟ ଏ ଦୁଇଟି ବିନ୍ଦୁ ଉପରେ ମନୁଷ୍ୟ ସର୍ବଦା ଭ୍ରମଣ କରିଥାଏ । ଦିନେ ତା'କୁ ଏ ଜଗତରୁ ବିଦାୟ ନେବାକୁ ହୋଇଥାଏ । ଭାଗ୍ୟ ଏବଂ କର୍ମକୁ ଭଲ ଭାବେ ଜାଣିବା ଲାଗି ପୁରାଣରେ ଅନେକ କାହାଣୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଥରେ ଦେବର୍ଷି ନାରଦ ବୈକୁଣ୍ଠ ଧାମରେ ପହଞ୍ଚିଲେ । ସେଠାରେ ଭଗବାନ ବିଷ୍ଣୁଙ୍କୁ ପ୍ରଣାମ କଲେ । ଶ୍ରୀହରିଙ୍କୁ ଦେବର୍ଷି ନାରଦ କହିଲେ, ପ୍ରଭୁ! ପୃଥିବୀରେ ଆପଣଙ୍କ ପ୍ରଭାବ କମ୍ ହେବାରେ ଲାଗିଛି । ଧର୍ମ ପଥରେ ଚାଲୁଥିବା ଲୋକମାନଙ୍କୁ ଭଲ ଫଳ ମିଳୁନାହିଁ । ହେଲେ ପାପ କରୁଥିବା ଲୋକମାନଙ୍କର ଭଲ ହେଉଛି ।

ଏହା ଶୁଣି ଶ୍ରୀହରି କହିଲେ, ଏହା ସତ୍ୟ ନୁହେଁ ଦେବର୍ଷି । ଯାହା ଘଟୁଛି ସେସବୁ ଭାଗ୍ୟ ବଳରୁ ସମ୍ଭବ ହେଉଛି । ନାରଦ କହିଲେ, ମୁଁ ଏବେ ଦେଖିକି ଆସିଲି । ପୃଥିବୀରେ ପାପୀ ଲୋକମାନଙ୍କୁ ଭଲ ଫଳ ମିଳୁଛି । କିନ୍ତୁ ଭଲ କାମ କରୁଥିବା ଲୋକ ଧର୍ମର ରାସ୍ତାରେ ଚାଲୁଥିବା ଲୋକଙ୍କୁ ଖରାପ ଫଳ ପ୍ରାପ୍ତ ହେଉଛି । ଭଗବାନ କହିଲେ, ତୁମେ ସେମିତି କିଛି ଘଟଣା ସମ୍ପର୍କରେ ମୋତେ କହିପାରିବ କି ? ନାରଦ କହିଲେ, ମୁଁ ଏବେ ଏକ ଜଙ୍ଗଲ ଦେଇ ଆସିଲି । ସେଠାରେ ଗୋଟିଏ ଗାଈ ପଙ୍କରେ ଫସିଥିଲା । ତା'କୁ ରକ୍ଷା କରିବା ଲାଗି କେହି ନଥିଲେ । ଏହି ସମୟରେ ଏକ ଚୋର ସେହି ରାସ୍ତା ଦେଇ ଗଲା । ଗାଈକୁ ପଙ୍କରେ ଫସିଥିବା ଦେଖି ସେ ଅଟକିଲା ନାହିଁ । ଓଲଟି ଗାଈ ଉପରେ ପାଦ ରଖି ପଙ୍କରୁ ଉଦ୍ଧାର ପାଇ ଚାଲିଗଲା। ଆଗକୁ ଯିବା ପରେ ଚୋର ସୁନା ମୋହର ଭର୍ତ୍ତି ଏକ ଥଳୀ ପାଇଲା। କିଛି ସମୟ ପରେ ଜଣେ ବୃଦ୍ଧ ସାଧୁ ସେହି ରାସ୍ତା ଦେଇ ଗଲେ । ସେ ପଙ୍କରେ ଫସିଥିବା ଗାଈକୁ ଉଦ୍ଧାର କରିବା ଲାଗି ସମ୍ପୂର୍ଣ୍ଣ ଉଦ୍ୟମ କଲେ । ଶରୀରର ସମସ୍ତ ବଳ ଖଟାଇ ଗାଈକୁ ବଞ୍ଚାଇଦେଲେ। ହେଲେ ଗାଈକୁ ଉଦ୍ଧାର କରି କିଛି ବାଟ ଯିବା ପରେ ସେ ଏକ ଗାତରେ ଖସିପଡ଼ିଲେ । ପ୍ରଭୁ! କୁହନ୍ତୁ ଏହା କିପରି ନ୍ୟାୟ ? ନାରଦ ପଚାରିଲେ । ତାଙ୍କ କଥା ଶୁଣି ପ୍ରଭୁ କହିଲେ, ତୁମେ ଯାହା ଭାବୁଛ ତାହା ଭୁଲ କଥା । ଯେଉଁ ଚୋର ଗାଈକୁ ଛାଡ଼ି ଦେଇ ଚାଲିଯାଇଥିଲା, ତା' ଭାଗ୍ୟରେ ସ୍ୱର୍ଣ୍ଣ ମୁଦ୍ରା ଲେଖାଥିଲା। ହେଲେ ଏହି କର୍ମ ଯୋଗୁ ସେ ଯେଉଁ ପାପ ଅର୍ଜନ କଲା ତା'ଦ୍ୱାରା ସେ ମାତ୍ର କିଛି ସ୍ୱର୍ଣ୍ଣ ମୁଦ୍ରା ପାଇଲା। ଅନ୍ୟପକ୍ଷରେ ସାଧୁ ଜଣକ ଗାଈକୁ ଉଦ୍ଧାର କରି ଖାତରେ ପଡ଼ିବାର ଅର୍ଥ ହେଉଛି, ତାଙ୍କ ଭାଗ୍ୟରେ ମୃତ୍ୟୁ ଲେଖାଥିଲା। ହେଲେ ଗାଈକୁ ବଞ୍ଚାଇଥିବା କାରଣରୁ ତାଙ୍କର ପୁଣ୍ୟବଳ ବୃଦ୍ଧି ପାଇଲା। ସେ ସହଜ ମୃତ୍ୟୁବରଣ କଲେ ଏବଂ ସାଂସାରିକ ଚକ୍ରରୁ ମୁକ୍ତି ପାଇବାରେ ସକ୍ଷମ ହେଲେ। ନିଜ ଜୀବନକୁ ଈଶ୍ୱରଙ୍କ ପ୍ରତି ସମର୍ପି ଦେଇଥିବା ସାଧୁ ଜଣକ ବୋଧହୁଏ ଏହା ହିଁ ଚାହୁଁଥିଲେ। ତେଣୁ ମନୁଷ୍ୟ କର୍ମ ବେଳେ ବେଳେ ତା'ର ଭାଗ୍ୟ ବଦଳାଇ ଦେଇଥାଏ।

ନାରଦ ଏଥର ବୁଝିପାରିଲେ, ମନୁଷ୍ୟ ନିରନ୍ତର କର୍ମ କରିବା ଆବଶ୍ୟକ, କାରଣ କର୍ମ ଭାଗ୍ୟ ବଦଳାଇବାରେ ସହାୟକ ହୁଏ ।

## ସୁଖମୟ ଦାମ୍ପତ୍ୟ ଜୀବନ ସହ ଜଡିତ ଜଣାଅଜଣା କଥା ...



■ ଦାମ୍ପତ୍ୟ ଜୀବନ ସୁଖମୟ ପାଇଁ ଗୁରୁବାର ଦିନ ହଳଦିଆ ବସ୍ତ୍ରରେ ୫ଟି ଗୁଜୁରାତି ରଖି ଗରିବଙ୍କୁ ଦାନ ଦିଅନ୍ତୁ।

■ ଟଙ୍କା ସଞ୍ଚୟ ଅଥବା ରୋଜଗାର ନ ହୋଇପାରିଲେ ଏକ ହଳଦିଆ କପଡ଼ାରେ ଗୋଟିଏ ଗୁଜୁରାତି ରଖି ତକିଆ ତଳେ ରଖିଲେ, ଏହି ସମସ୍ୟା ଦୂର ହୋଇଯିବ।

■ ଶିକ୍ଷା କ୍ଷେତ୍ରରେ ଉନ୍ନତି ଚାହୁଁଥିଲେ, ଗୋଟିଏ ଗୁଜୁରାତିକୁ କ୍ଷୀରରେ ଫୁଟାଇ ନିୟମିତ ସାତଟି ସୋମବାର କୌଣସି ଗରିବ ଲୋକଙ୍କୁ ଦିଅନ୍ତୁ।

■ ଧନ ବୃଦ୍ଧି ପାଇଁ ନିଜ ପର୍ସରେ ସର୍ବଦା ୫ଟି ଗୁଜୁରାତି ରଖନ୍ତୁ।

■ ନିୟମିତ ଗୋଟିଏ ଗୁଜୁରାତି ଖାଇବା ଦ୍ୱାରା ପାଟିର ଦୁର୍ଗନ୍ଧ ସମସ୍ୟା ମଧ୍ୟ ଦୂର ହୋଇଥାଏ।

■ ଆକ୍ୱାରିୟମ - ଆକ୍ୱାରିୟମକୁ ଶୟନ କକ୍ଷରେ ରଖିବା ଉଚିତ ନୁହେଁ। ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହୋଇଥାଏ। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପଡ଼ିଥାଏ। ସର୍ବଦା ଚିନ୍ତା ଲାଗି ରହିଥାଏ।

■ ଘିକୁଆଁରୀ - ଗୃହରେ ଭୁଲ ସ୍ଥାନରେ ବୃକ୍ଷ ଲଗାଇଲେ ଏହା ଅଶୁଭ ଫଳ ପ୍ରଦାନ କରିଥାଏ। ଶୟନ କକ୍ଷରେ କୌଣସି ପ୍ରକାରର ବୃକ୍ଷ ରଖନ୍ତୁ ନାହିଁ କିମ୍ବା ଲଗାନ୍ତୁ ନାହିଁ। ଏହା ବୈବାହିକ ଜୀବନ ଉପରେ କୁପ୍ରଭାବ ପକାଇଥାଏ। ବିଶେଷ କରି ଶୟନ କକ୍ଷରେ ଘିକୁଆଁରୀ ବୃକ୍ଷ ଥିଲେ ପତିପତ୍ନୀଙ୍କ ମଧ୍ୟରେ ଦୂରତ୍ୱ ବଢିଥାଏ। ଏହାସହ ଆର୍ଥିକ କ୍ଷେତ୍ରରେ ମଧ୍ୟ ସମସ୍ୟା ଦେଖାଯାଏ।

■ ଶୟନ କକ୍ଷରେ ଥିବା ଖଟ ଅଳ୍ପ ଭାଙ୍ଗିଥିଲେ ମଧ୍ୟ ଏହାକୁ ବ୍ୟବହାର କରିବା ଉଚିତ ନୁହେଁ। ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହେବା ସହ ନକରାତ୍ମକ ପ୍ରଭାବ ପଡ଼ିଥାଏ।

■ ଶୟନକକ୍ଷରୁ ନକରାତ୍ମକ ଶକ୍ତି ଦୂର କରିବା ନିମନ୍ତେ ୨ଟି କର୍ପୁର ଆଳତୀ ଶୟନକକ୍ଷରେ କରନ୍ତୁ।

ଶୟନକକ୍ଷରେ ଅଇଁଠା ବାସନ ଆଦୌ ରଖନ୍ତୁ ନାହିଁ। ଏହାଦ୍ୱାରା ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଯାଏ ଓ ଅଶାନ୍ତି ସୃଷ୍ଟି ହୋଇଥାଏ।



## ଦୁର୍ଯ୍ୟୋଧନର ଗର୍ବ ଭାଙ୍ଗିଲା

ଜୁଆରେ ହରାଇ ବନବାସ ପଠାଇ ଦେଇଥିଲା କୌରବ । ବନରେ ରହି ଅଯଥାରେ ସମୟ ନଷ୍ଟ କରିବା ବଦଳରେ ଅର୍ଜୁନ, ଭୀମ ଆଦି ପାଣ୍ଡବମାନେ ଅସ୍ତ୍ରଶସ୍ତ୍ର ଏବଂ ଶାସ୍ତ୍ର ଜ୍ଞାନ ଆହରଣ କରିବାରେ



ଲାଗିପଡ଼ିଥିଲେ । ଏପଟେ ରାଜନଅରରେ ଥିବା ଦୁର୍ଯ୍ୟୋଧନ ଭାବିଲା- ପାଣ୍ଡବମାନେ ଜଙ୍ଗଲରେ ଦୁଃଖପୂର୍ଣ୍ଣ ଜୀବନ ବିତାଉଥିଲେ । ପାଣ୍ଡବମାନଙ୍କୁ ଅପମାନିତ କରିବା ଲାଗି ଦିନେ ଦୁର୍ଯ୍ୟୋଧନ ଏକ ଯୋଜନା କଲା । କର୍ଣ୍ଣ, ଶକୁନି ଆଦିଙ୍କୁ ସାଥୀରେ ନେଇ ନିଜ ରାଣୀମାନଙ୍କ ସହ ଦୁର୍ଯ୍ୟୋଧନ ଜଙ୍ଗଲରେ ପହଞ୍ଚିଲା । ରାଣୀଙ୍କ ସହିତ ସରୋବରରେ ଜଳକ୍ରୀଡ଼ା କରିବା ଲାଗି ଦିନେ ଦୁର୍ଯ୍ୟୋଧନର ଇଚ୍ଛା ହେଲା । ସରୋବର କୂଳରେ ଗନ୍ଧର୍ବଙ୍କ ରାଜା ଚିତ୍ରସେନ ଡେରା ପକାଇଥିଲେ । ଦୁର୍ଯ୍ୟୋଧନ ସେ ଦିଗରେ ସ୍ଥାନ ଖାଲି କରିବା ଲାଗି ସୈନିକମାନଙ୍କୁ ଆଦେଶ ଦେଲା । ସେମାନେ ଯାଇ ସରୋବର କୂଳରେ ପହଞ୍ଚିଲେ, କିନ୍ତୁ ଚିତ୍ରସେନ ସେମାନଙ୍କୁ ଗୋଡ଼ାଇ ବିଦା କରିଦେଲେ । ଦୁର୍ଯ୍ୟୋଧନ ଅଧିକ ସୈନିକଙ୍କୁ ପଠାଇଲା । ହେଲେ ଚିତ୍ରସେନ ସେମାନଙ୍କୁ ମଧ୍ୟ ପରାଜିତ କରି ବିଦା କରିଦେଲା । ଏହାପରେ କର୍ଣ୍ଣ ଓ ଶକୁନିଙ୍କ ସାଥୀରେ ନେଇ ଦୁର୍ଯ୍ୟୋଧନ ଗନ୍ଧର୍ବଙ୍କ ସମ୍ମୁଖକୁ ଆସିଲା । ଚିତ୍ରସେନ ସେତେବେଳେ ସ୍ନାନ କରୁଥିଲେ । ସେ କୌରବ-ସେନା ଉପରେ ଘନ ଘନ ଅସ୍ତ୍ର ଆକ୍ରମଣ ଆରମ୍ଭ କରିଦେଲେ । ଏହାପରେ ସେ ସମ୍ମୋହନ ଅସ୍ତ୍ର ପ୍ରୟୋଗ କଲେ । କର୍ଣ୍ଣଙ୍କ ରଥକୁ ଭାଙ୍ଗି ଦୁଇ ଭାଗ କରିଦେଲେ । ଦୁର୍ଯ୍ୟୋଧନଙ୍କୁ ପାଶରେ ବାନ୍ଧିଦେଲେ । କୌରବ ରାଣୀଙ୍କୁ ବନ୍ଦୀ କରି ସ୍ୱର୍ଗ ନେଇ ଚାଲିଲେ । ଏହି ସମୟରେ ରାଣୀମାନେ ଭୀମ, ଅର୍ଜୁନ ଏବଂ ଯୁଧିଷ୍ଠିରଙ୍କୁ ସହାୟତା ନିମନ୍ତେ ଡାକିଲେ । ଦୁର୍ଯ୍ୟୋଧନଙ୍କର ଜଣେ ମନ୍ତ୍ରୀ ଯାଇ ଯୁଧିଷ୍ଠିରଙ୍କୁ କୌରବଙ୍କ ବିପତ୍ତି ବିଷୟରେ କହିଲେ । ଏହାଶୁଣି ଭୀମ ଅତ୍ୟନ୍ତ ପ୍ରସନ୍ନ ହେଲେ । କିନ୍ତୁ ଯୁଧିଷ୍ଠିର କହିଲେ, ନିଜ ଭାଇ ଏବଂ ବଂଶର ଲୋକମାନଙ୍କୁ ସୁରକ୍ଷା ଦେବା ଆମର ଧର୍ମ । ଏହା ଆମ ପ୍ରତିଷ୍ଠାର ପ୍ରଶ୍ନ । ତାଙ୍କ କଥା ମାନି ଭୀମ ଏବଂ ଅର୍ଜୁନ ତତ୍କ୍ଷଣାତ୍ ଯାଇ ସରୋବର କୂଳରେ ପହଞ୍ଚିଲେ । ଦୁହେଁ ଚିତ୍ରସେନଙ୍କ ସହ ଯୁଦ୍ଧ କଲେ । ମହାକର୍ଷଣ ଅସ୍ତ୍ର ଦ୍ୱାରା ଅର୍ଜୁନ ଆକାଶରୁ ଚିତ୍ରସେନଙ୍କୁ ଟାଣି ଆଣିଲେ । ଏହାପରେ ତାଙ୍କୁ ଯୁଦ୍ଧରେ ପରାସ୍ତ କରି କୌରବ ରାଣୀମାନଙ୍କୁ ମୁକୁଳାଇଲେ । ଭୀମ ରଥ ଉପରୁ ଦୁର୍ଯ୍ୟୋଧନ ଏବଂ ରାଣୀମାନଙ୍କୁ ତଳକୁ ଓହ୍ଲାଇଦେଲେ । ଚିତ୍ରସେନ ଏବଂ ଅର୍ଜୁନ ବନ୍ଧୁ ଭଳି ପରସ୍ପରକୁ କୋଳାଗ୍ରତ କଲେ । ଏହି ଦୃଶ୍ୟ ଦେଖି ଦୁର୍ଯ୍ୟୋଧନ ଲଜ୍ଜିତ ହେଲା । ଇଚ୍ଛା ନଥିଲେ ବି ସେ ଯୁଧିଷ୍ଠିରଙ୍କୁ ପ୍ରଣାମ କରି ହସ୍ତିନାପୁର ଅଭିମୁଖେ ପ୍ରସ୍ଥାନ କଲା ।

# ସହରୀକରଣ ରାଜ୍ୟ ଜିଡିପିର ଏକ ତୃତୀୟାଂଶ ଅଭିବୃଦ୍ଧି କରିବ

**ଭୁବନେଶ୍ୱର, ୫।୩ (ମହାଭାରତ):** 'ବିକାଶ ମନ୍ଥନ ୧.୦ – ଗଭର୍ଣ୍ଣାନ୍ସ ଇନ୍ ଆକ୍ସନ'ର ଚତୁର୍ଥ ପ୍ଲେନାରୀ ଅଧିବେଶନ 'ସମୃଦ୍ଧ ଓଡ଼ିଶା'ରେ ରାଜ୍ୟକୁ ଏକ ଉଚ୍ଚ-ଅଭିବୃଦ୍ଧିଶୀଳ ଓ ଭବିଷ୍ୟତ-ପ୍ରସ୍ତୁତ ଅର୍ଥନୀତି ଦିଗରେ ଆଗେଇ ନେବା ପାଇଁ ଏକ ମହତ୍ୱାକାଂକ୍ଷୀ ତଥା ସମନ୍ୱିତ ରୋଡମ୍ୟାପ୍ ପ୍ରଦର୍ଶିତ ହୋଇଛି। ଏହି ଅଧିବେଶନରେ ବିଭିନ୍ନ ପ୍ରମୁଖ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଶିଳ୍ପ ସମ୍ପ୍ରସାରଣ, ସେବା କ୍ଷେତ୍ରର ରୂପାନ୍ତରଣ, ସହରୀ ସଂସ୍କାର, ପରିବହନ (ଲଜିଷ୍ଟିକ୍ସ) ସୁଦୃଢ଼ିକରଣ ଏବଂ ଗ୍ରାମୀଣ ଅର୍ଥନୀତିର ପୁନରୁଦ୍ଧାର ଉପରେ ବ୍ୟାପକ ଆଲୋଚନା କରିଥିଲେ। ଓଡ଼ିଶାର ବିକାଶଶୀଳ ଅର୍ଥନୈତିକ ପଥକୁ ନେଇ ଆଲୋଚନାରେ ଦୃଢ଼ ଆଶାବାଦ ପ୍ରକଟ ପାଇଥିବାବେଳେ, ପରିକଳ୍ପନାକୁ ବାସ୍ତବ ରୂପ ଦେବା ପାଇଁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟାନ୍ୱୟନ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଧିବେଶନକୁ ସମ୍ବୋଧିତ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର



ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ରାଜ୍ୟର ଅଭିବୃଦ୍ଧିର ଇଞ୍ଜିନ ଭାବରେ ନଗରୀକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଓଡ଼ିଶାର ବର୍ତ୍ତମାନର ନଗରୀକରଣ ସ୍ତର ପ୍ରାୟ ୧୭ ପ୍ରତିଶତ ରହିଛି ଏବଂ ଏହାର ସମ୍ପୂର୍ଣ୍ଣ ଅର୍ଥନୈତିକ ସାମର୍ଥ୍ୟକୁ ବ୍ୟବହାର କରିବା ପାଇଁ ଏକ ସନ୍ତୁଳିତ ତଥା ଦୂରଦୃଷ୍ଟି ସମ୍ପନ୍ନ ସମ୍ପ୍ରସାରଣର ଆବଶ୍ୟକତା ରହିଛି। ସହରୀ ରୂପାନ୍ତରଣର ବିଶ୍ୱସ୍ତରୀୟ ଉଦାହରଣ ଦେଇ ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ରାଜ୍ୟ ଏବେ ପାରମ୍ପରିକ 'ସହର-କୈନ୍ଦ୍ରିକ' ବିକାଶ ମଡେଲରୁ ଏକ 'ସମନ୍ୱିତ ଅର୍ଥନୈତିକ-ଅଞ୍ଚଳ' ଢାଞ୍ଚାକୁ ପରିବର୍ତ୍ତିତ ହେଉଛି। ସହରୀ ଯୋଜନା ନିଶ୍ଚିତ ଭାବରେ ଦୀର୍ଘକାଳୀନ ଅର୍ଥନୈତିକ ଅଭିବୃଦ୍ଧି, ଉତ୍ପାଦନ ବୃଦ୍ଧି ଏବଂ ସମଗ୍ର ବିକାଶ ସହ ସଂଯୁକ୍ତ ହେବା ଉଚିତ ବୋଲି ସେ କହିଥିଲେ।ଏହି ପରିପ୍ରେକ୍ଷୀରେ ସେ ଆଗାମୀ 'ଲିଭେବୁଲ୍ ସିଟି ମିଶନ' ର ରୂପରେଖ ଉପସ୍ଥାପନ କରିଥିଲେ। ଏହାର ଲକ୍ଷ୍ୟ ହେଉଛି ଉନ୍ନତ ମୌଳିକ ସେବା, ସବୁଜ ସାର୍ବଜନୀନ ସ୍ଥାନ, ସୁଦୃଢ଼ ଭିତିଭୂମି ଏବଂ ନାଗରିକ-କୈନ୍ଦ୍ରିକ ଶାସନ ମାଧ୍ୟମରେ ସହରୀ ଜୀବନଶୈଳୀକୁ ଅଧିକ ସହଜ ଓ ସୁନ୍ଦର କରିବା। ଏହି ମିଶନ ସହିତ ନିରବଚ୍ଛିନ୍ନ ଗମନାଗମନ ବ୍ୟବସ୍ଥା ଏବଂ ସମନ୍ୱିତ ସହରୀ ଭିତିଭୂମିରେ ପୁଞ୍ଜି ନିବେଶ କରାଯିବ, ଯାହାଫଳରେ ସହରଗୁଡ଼ିକ ଦକ୍ଷ, ସଂଯୁକ୍ତ ଏବଂ ଅନ୍ତର୍ଭୁକ୍ତିମୂଳକ ହୋଇପାରିବ।ତାଙ୍କ ଉପସ୍ଥାପନାର ଏକ ପ୍ରମୁଖ ଆକର୍ଷଣ ଥିଲା ପ୍ରସ୍ତାବିତ ଭୁବନେଶ୍ୱର–କଟକ–ପୁରୀ–

ପାରାଦୀପ ଅର୍ଥନୈତିକ ଅଞ୍ଚଳ ଯାହା ରାଜ୍ୟ ପାଇଁ ଏକ ପରିବର୍ତ୍ତନକାରୀ ଅଭିବୃଦ୍ଧି କରିଡର ଭାବରେ ପରିକଳ୍ପନା କରାଯାଇଛି। କେବଳ ଉପକୂଳବର୍ତ୍ତୀ ଅଞ୍ଚଳ ନୁହେଁ, ବରଂ ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ସନ୍ତୁଳିତ ଆଞ୍ଚଳିକ ବିକାଶ ନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର 'ସିଟି ଇକୋନୋମିକ ଜୋନ୍' ଗୁଡ଼ିକର ପରିକଳ୍ପନା କରୁଛନ୍ତି। ଶ୍ରୀମତୀ ପାଢ଼ୀ ସହରୀକରଣକୁ କେବଳ ଜନସଂଖ୍ୟାଗତ ପରିବର୍ତନ ନୁହେଁ, ବରଂ ଶିଳ୍ପ ପ୍ରତିଯୋଗିତା, ସେବା କ୍ଷେତ୍ରର ଅଭିବୃଦ୍ଧି, ନୂତନତ୍ୱ ଏବଂ ନିଯୁକ୍ତି ସୃଷ୍ଟିର ଏକ ରଣନୈତିକ ମାଧ୍ୟମ ଭାବରେ ବର୍ଣ୍ଣନା କରିଥିଲେ। ସେ ଦୋହରାଇଥିଲେ ଯେ ନୀତିଗତ ସଂସ୍କାର ଏବଂ ସାଂସ୍ଥାନିକ ସୁଦୃଢ଼ିକରଣ ଦ୍ୱାରା ସମନ୍ୱିତ ସହରୀ ନିବେଶ ହିଁ ସ୍ଥାୟୀ ଏବଂ ସମଗ୍ର ବିକାଶ ହାସଲ କରିବାରେ ସହାୟକ ହେବ। ଓଡ଼ିଶାକୁ ଏକ ଗତିଶୀଳ ଅର୍ଥନୈତିକ କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିବା ଏବଂ ଏକ ସମୃଦ୍ଧ ତଥା ସହନଶୀଳ ରାଜ୍ୟ ଗଠନ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ସହ ଏହି ପ୍ଲେନାରୀ ଅଧିବେଶନ ସମାପ୍ତ ହୋଇଥିଲା।

# ରାଜଧାନୀରୁ ସିମ ବକ୍ସ ରାକେଟ ଠାବ

**ଭୁବନେଶ୍ୱର, ୫।୩ (ମହାଭାରତ):** ଭୁବନେଶ୍ୱରରୁ ପୁଣି ମିଳିଛି ସିମ୍ ବକ୍ସ। ରାଜଧାନୀର ଇନଫୋସିଟି ଅଂଚଳରେ ଥିବା ଏକ ହଷ୍ଟେଲରେ କମିଶନରେଟ ପୋଲିସ ଚଢ଼ଉ କରି ପ୍ରାୟ ୧୨ ଟି ସିମ୍ ବକ୍ସ ଜବତ କରିଛି। ଏହି ଘଟଣାରେ କେରଳର ଦୁଇ ଜଣ ଯୁବକଙ୍କୁ ପୋଲିସ୍ ଅଟକ ରଖି ପଚରାଉଚରା କରୁଛି। ଦୀର୍ଘ ଦିନ ହେବ ଏହି ରାକେଟ ସକ୍ରିୟ ଥିବା ଅନୁମାନ କରୁଛି ପୋଲିସ ।ଏହାର ମାଷ୍ଟର ମାଇଣ୍ଡ ଚାଇନା ରେ ଥିବା ପୋଲିସ ସନ୍ଦେହ କରୁଛି। ଏହି ସିମ୍ ବକ୍ସ ମାଧ୍ୟମରେ ଭିଓଏସ୍ ୩୦୦ ସଫ୍ଟୱେୟାରରେ ଠକେଇ ଚାଲିଥିଲା। ଚାଇନାରୁ ହାର୍ଡ ୱେୟାର ଆସିଥିଲା , ବାଂଲାଦେଶ ରୁ ସଫ୍ଟୱେୟାର ଏବଂ ଆସାମରୁ ସିମ ଅଣାଯାଇ ଭୁବନେଶ୍ୱରରୁ ଅପରେଟ ହେଉଥିଲା ବୋଲି ଅନୁମାନ କରାଯାଉଛି।

# ଯୋଗ ମହୋତ୍ସବ ସମିତି ପ୍ରଶିକ୍ଷଣ ବୈଠକ

**ଭୁବନେଶ୍ୱର,୫।୩ (ମହାଭାରତ):** ଯୋଗ ମହୋତ୍ସବ ସମିତି, ଓଡ଼ିଶା ପକ୍ଷରୁ "ପ୍ରାନ୍ତୀୟ ପ୍ରଶିକ୍ଷକ ପ୍ରଶିକ୍ଷଣ ବୈଠକ" ୟୁନିଟ୍-୩ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସଂଗଠନର ଦୃଢ଼ୀକରଣ ସହ ଆସନ୍ତା ଜୁନ୍ ୨୧ ଅନ୍ତର୍ଜାତୀୟ ଯୋଗ ଦିବସର ସଫଳ ପରିଚାଳନା ପାଇଁ ବ୍ୟାପକ ଆଲୋଚନା ଓ ପରିକଳ୍ପନା। ବୈଠକରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ଶକ୍ତି ସ୍ୱରୂପ ସିଂହ ଉପସ୍ଥିତ ରହି ଯୋଗର ଗୁରୁତ୍ୱ, ସ୍ୱାସ୍ଥ୍ୟ ସଚେତନତା ଓ ଯୁବଶକ୍ତିଙ୍କ ଭୂମିକା ସମ୍ପର୍କରେ ମୂଲ୍ୟବାନ ମନ୍ତବ୍ୟ ପ୍ରକାଶ କରିଥିଲେ। ପ୍ରାନ୍ତ ସଭାପତି ଆଲୋକ କୁମାର ଦାସ, ଉପସଭାପତି ସରୋଜଲକ୍ଷ୍ମୀ ସିଂହ ଓ ଅସୀମା ସାହାଣୀ, ପ୍ରାନ୍ତ ସମ୍ପାଦକ ଡ଼ା. ଦେବକାନ୍ତ ବେହେରା, ସହ ସମ୍ପାଦକ ସତ୍ୟ ଶୋଭନ ମିଶ୍ର,ସଂଯୋଜକ ଅମୀୟ କୁମାର ଦାସ ଉପସ୍ଥିତ ଥିଲେ।

# ପୂର୍ବତଟ ରେଳପଥର ସେବା ସଂକଳ୍ପ ପ୍ରସ୍ତାବ ଗ୍ରହଣ

**ଭୁବନେଶ୍ୱର, ୫।୩ (ମହାଭାରତ):** କେନ୍ଦ୍ର କ୍ୟାବିନେଟ ଦ୍ୱାରା 'ସେବା ସଂକଳ୍ପ ପ୍ରସ୍ତାବ' ଗ୍ରହଣ କରାଯିବା ସହିତ, ପୂର୍ବତଟ ରେଳପଥ



ମୁଖ୍ୟାଳୟର ସଭା ଗୃହ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ କରାଯାଥିଲା ।ଯେଉଁଥିରେ ଏହି ସଂକଳ୍ପ ପ୍ରତି ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଆନୁଷ୍ଠାନିକ ଭାବରେ ପାଠ କରାଯାଇଥିଲା । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରମୁଖ ବିଭାଗୀୟ ମୁଖ୍ୟ, ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହା ସହିତ, ଜୋନର ସମସ୍ତ ମଣ୍ଡଳରେ ସମାନ ଭାବରେ ଏହି ସଭାର ଆୟୋଜନ କରାଯାଇଥିଲା। 'ସେବା ସଂକଳ୍ପ ପ୍ରସ୍ତାବ' କୁ ଆନୁଷ୍ଠାନିକ ଭାବେ ପାଠ କରାଯାଇ ପାରଦର୍ଶିତା, କାର୍ଯ୍ୟକୁଶଳତା, ଦାୟିତ୍ୱବୋଧ ଏବଂ ନାଗରିକ କେନ୍ଦ୍ରିକ ଶାସନ ପ୍ରତି ଏକ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରାଯାଇଥିଲା। ଏହି ସଂକଳ୍ପ ଭାରତୀୟ ରେଳପଥର କାର୍ଯ୍ୟଦକ୍ଷତା, ଦେଶ ପ୍ରତି ଉତ୍ସର୍ଗୀକୃତ ସେବା ପ୍ରତିବଦ୍ଧତାକୁ ସୁଦୃଢ଼ କରିବାରେ ସହାୟକ ହେବ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଫୁଙ୍କୱାଲ ଗୁରୁତ୍ୱାରୋପ କରିଥିଲେ ଯେ 'ସେବା' ହେଉଛି ଭାରତୀୟ ରେଳବାଇର ଆତ୍ମା ଏବଂ ଏହାର କାର୍ଯ୍ୟକାରିତାର ମାର୍ଗଦର୍ଶୀ ନୀତି। ସେ ଅବଲୋକନ କରିଥିଲେ ଯେ ଏହି ପ୍ରତିଜ୍ଞା ଉପନିବେଶୀୟ ଯୁଗର ପ୍ରଶାସନିକ ମନୋଭାବକୁ ପରିତ୍ୟାଗ କରି ଭାରତୀୟ ମୂଲ୍ୟବୋଧ ଆଧାରିତ ଶାସନ ପ୍ରଣାଳୀକୁ ଅଙ୍ଗୀକାର କରିବାର ପ୍ରୟାସକୁ ପ୍ରତିଫଳିତ କରେ। ବୈଠକ ସମୟରେ, ପ୍ରମୁଖ ବିଭାଗୀୟ ମୁଖ୍ୟମାନେ ଦୈନନ୍ଦିନ କାର୍ଯ୍ୟରେ ସଂକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟବହାରିକ ପରାମର୍ଶ ପ୍ରଦାନ କରିଥିଲେ।

# ଷ୍ଟଡି ଇନ୍ ଇଣ୍ଡିଆ ଏଡୁ-ଡିପ୍ଲୋମାଟିକ କନକ୍ଲେଭରେ ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର,୫।୩ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀରେ ଆୟୋଜିତ 'ଷ୍ଟଡି ଇନ୍ ଇଣ୍ଡିଆ' ଏଡୁ-ଡିପ୍ଲୋମାଟିକ କନକ୍ଲେଭରେ ବିଶ୍ୱର ୫୦ରୁ ଅଧିକ ଦେଶର ରାଷ୍ଟ୍ରଦୂତ, ହାଇକମିଶନର ଏବଂ କୂଟନୀତିଜ୍ଞ ମାନଙ୍କୁ ସମ୍ବୋଧିତ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଆସିଥିବା ବୈପ୍ଲବିକ ପରିବର୍ତନ ଏବଂ ଭାରତକୁ ଏକ ବିଶ୍ୱସ୍ତରୀୟ ଶିକ୍ଷା କେନ୍ଦ୍ର ଭାବେ ଗଢ଼ିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ନିଜର ସ୍ୱାଧୀନତାର ୧୦୦ ବର୍ଷ ପୂର୍ତି ଅର୍ଥାତ୍ ୨୦୪୭ ସୁଦ୍ଧା ଏକ 'ବିକଶିତ ରାଷ୍ଟ୍ର' ହେବାର ଲକ୍ଷ୍ୟ ରଖିଛି। ଏହି ସଂକଳ୍ପକୁ ସାକାର କରିବା ପାଇଁ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ବିଶ୍ୱ ଅର୍ଥନୀତିର ବର୍ତମାନର ଅସ୍ଥିରତା ମଧ୍ୟରେ ଭାରତ ଏକ 'ଉଜ୍ଜ୍ୱଳ କେନ୍ଦ୍ର' ଭାବେ ଉଭା ହୋଇଛି, ଯାହା ଶିକ୍ଷାଦାନ, ଗବେଷଣା ଏବଂ ନବସୃଜନ ପାଇଁ ସାରା ବିଶ୍ୱକୁ ଏକ ସୁରକ୍ଷିତ ଓ ପ୍ରଗତିଶୀଳ ସ୍ଥାନ ପ୍ରଦାନ କରୁଛି।




ଜାତୀୟ ଶିକ୍ଷା ନୀତି ୨୦୨୦ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ବୈପ୍ଲବିକ ପରିବର୍ତନ ଆଣିଛି। ଏହି ନୀତି ଶିକ୍ଷାକୁ କେବଳ ଡିଗ୍ରୀ ହାସଲ ମଧ୍ୟରେ ସୀମିତ ନ ରଖି ଏହାକୁ କର୍ମନିପୁଣ ଏବଂ ବହୁମୁଖୀ କରିଛି। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଗୁଣବତା, ନବସୃଜନ ଏବଂ ସୁଲଭତା ଉପରେ ଧ୍ୟାନ ଦେଉଛି, ଯାହା ବିଶ୍ୱର ଯେକୌଣସି ଶିକ୍ଷାର୍ଥୀ ପାଇଁ ଏକ ଆକର୍ଷଣୀୟ ବିକଳ୍ପ। 'ଷ୍ଟଡି ଇନ୍ ଇଣ୍ଡିଆ' ପଦକ୍ଷେପ ମାଧ୍ୟମରେ ଭାରତ ନିଜର ଶୈକ୍ଷିକ ସୀମାକୁ ବ୍ୟାପକ କରୁଛି। ଆମେ ବିଦେଶୀ ଛାତ୍ରଛାତ୍ରୀ ଏବଂ ଗବେଷକମାନଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରୁଛୁ। ଭାରତର ଜ୍ଞାନ ଭଣ୍ଡାର, ଯୁବ ଶକ୍ତି ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହେଉଛି ଆମର ସବୁଠାରୁ ବଡ଼ ଶକ୍ତି। ଆମେ ଶିକ୍ଷାର ଆନ୍ତର୍ଜାତୀୟକରଣ ଦିଗରେ ଦ୍ରୁତ ପଦକ୍ଷେପ ନେଉଛୁ, ଯାହା ଦ୍ୱାରା ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନଗୁଡ଼ିକ ଭାରତ ସହ ସହଭାଗୀ ହୋଇପାରିବେ। ଏଆଇ, ବାୟୋଟେକ୍, ସେମିକଣ୍ଡକ୍ଟର ଠାରୁ ଆରମ୍ଭ କରି ସ୍ଥାୟୀ ଶକ୍ତି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଭାରତ ଆଜି ଏକ ବିଶ୍ୱସ୍ତ ସହଭାଗୀ ଭାବେ ଉଭା ହୋଇଛି। ଭାରତ ଏକ 'ଗ୍ଲୋବାଲ ସାଉଥ୍' ମଡେଲ ଉପରେ କାର୍ଯ୍ୟ କରୁଛି, ଯାହା ସହଯୋଗ ଓ ଜ୍ଞାନର ଆଦାନପ୍ରଦାନ ଉପରେ ଆଧାରିତ। ଭାରତର ଏହି ଦ୍ରୁତ ଅଭିବୃଦ୍ଧିଶୀଳ ଏବଂ ନବସୃଜନ-ଭିତିକ ଶିକ୍ଷା ଯାତ୍ରାରେ ସହଭାଗୀ ହେବାକୁ ଆମନ୍ତ୍ରଣ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଆମେ ଏପରି ଏକ ଶିକ୍ଷା ବ୍ୟବସ୍ଥା ଗଠନ କରିବା, ଯାହା କେବଳ ବ୍ୟକ୍ତିବିଶେଷ ନୁହେଁ ବରଂ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ କାର୍ଯ୍ୟ କରିବ। ସମସ୍ତଙ୍କ ପାଇଁ ଶିକ୍ଷା ଏବଂ ସମସ୍ତଙ୍କ ସହଯୋଗରେ ବିକାଶ ହିଁ ଭାରତର ମୂଳ ମନ୍ତ୍ର।

# ବିଏମସି ଏବଂ ଜିନ୍ଦଲ ଉଦ୍ୟମରେ ଭ୍ରାମ୍ୟମାଣ ଶୌଚାଳୟ ଲୋକାର୍ପଣ

**ଭୁବନେଶ୍ୱର, ୫।୩ (ମହାଭାରତ):** ଭୁବନେଶ୍ୱର ପରିମଳ ସେବାକୁ ଆଗେଇ ନେବାକୁ ଆଉ ଏକ ପଦକ୍ଷେପ।ବିଭିନ୍ନ ଶୌଚ ଜନିତ ଆବଶ୍ୟକତା କୁଲକ୍ଷ୍ୟକରିଭୁବନେଶ୍ୱର ମହାନଗର ନିଗମ ଆଜି ଏକ ଭ୍ରାମ୍ୟମାଣ ଶୌଚାଳୟ ର ସେବା କୁ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ମେୟର ଶ୍ରୀମତୀ ସୁଲୋଚନା ଦାସ , ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟି ସଭାପତି ବିରଞ୍ଚିନାରାୟଣ ମହାସୁପକାର, ଅନ୍ୟାନ୍ୟ କର୍ପୋରେଟର୍ , ପ୍ରଶାନ୍ତ ହୋତା – ଜିନ୍ଦଲ ଫାଉଣ୍ଡେସନର ସାମାଜିକବିକାଶ ପ୍ରକଳ୍ପ ସଭାପତି ଏବଂ ଟିମ ବି ଏମ୍ ସିଉପସ୍ଥିତ ଥିଲେ । ସୂଚନା ଯୋଗ୍ୟକି , ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ସମୁଦାୟ ୧୦୯ଗୋଟି ପବ୍ଲିକ୍ ଟୟଲେଟ



(ସାମୁହିକ ଶୌଚାଳୟ ), ୫୬ ଗୋଟି ଗୋଷ୍ଠୀ ଶୌଚାଳୟ (ବସ୍ତି ଅଞ୍ଚଳରେ ),୧୮ ଗୋଟି ଇ-ଟୟଲେଟ ରହିଛି ।ଏହାସାଙ୍ଗକୁ ୧୦ ଗୋଟି ରୁ ଉର୍ଦ୍ଧ ପରିସ୍ରାଗାର ରହିଛି । ସମୁଦୟ ୧୭୦୦ ଗୋଟି ପାଇଖାନା ସିଟ ରେ ଦିନକୁ ୬୦ ୦୦୦ ରୁ ଅଧିକନାଗରିକ ଶୌଚ କରିବାର ସୁବିଧା ରହିଛି ।ଭ୍ରାମ୍ୟମାଣ ଶୌଚାଳୟ ପାଇଁ ଦ୍ୱିପାକ୍ଷୀକ ଉଦ୍ୟମରେଆଜି ଏହି ସେବା ର ଶୁଭାରମ୍ଭ କରାଯାଇଛି । ତେବେ ଏଥିରେ ରହିଥିବା ସୁବିଧା ଗୁଡିକ ହେଲା - ପୁରୁଷଙ୍କ ପାଇଁ – କମୋଟ ୧ ଗୋଟି, ଇଣ୍ଡିଆନ ପାଇଖାନା ୧ ଗୋଟି , ୟୁରିନାଲ ୨ ଗୋଟି ମହିଳାଙ୍କ ପାଇଁ - ଇଣ୍ଡିଆନ ପାଇଖାନା ୨ଗୋଟି, କମୋଟ ୧ ଗୋଟି ଏକଜର୍ଟ ଫ୍ୟାନ ୬ ଗୋଟି ହ୍ୟାଣ୍ଡ ୱାଶବେସିନ ୨ ଗୋଟି ଜିନ୍ଦଲ ଫାଉଣ୍ଡେସନ ର ସାମାଜିକ ବିକାଶ ପାଣ୍ଠିରୁ ଏହି ଭ୍ରାମ୍ୟମାଣ ଶୌଚାଳୟ ଯୋଗାଇ ଦିଆଯାଇଅଛି ।ତେବେ ଏହି ସେବାର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱରେ ରହିବା ବି ଏମ୍ ସି ।ବାହ୍ୟ ମଳ ମୂତ୍ର ମୁକ୍ତ ସହରର ମର୍ଯ୍ୟାଦା କୁ ଅକ୍ଷୁର୍ଣ୍ଣ ରଖିବାରେ ଏହି ପ୍ରୟାସ ରେ ଜନ ସହଯୋଗ ପାଇଁ ନିବେଦନ କରିଛନ୍ତି ବି ଏମ୍ ସି ।

# ଉତ୍କଳ ସମ୍ମିଳନୀର ଓଡ଼ିଆ ନାମଫଳକ ଲେଖା ଅଭିଯାନ

**ଭୁବନେଶ୍ୱର, ୫।୩ (ମହାଭାରତ):** ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ଛକ ଠାରୁ ରାଜମହଲ ଛକ ମଧ୍ୟରେ ଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ମାଲିକମାନଙ୍କୁ ଭେଟି ରାଜ୍ୟ ସରକାରଙ୍କ ଆଇନ ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ନାମଫଳକ ଗୁଡିକରେ ସର୍ବାଗ୍ରେ, ସୁଦୃଶ୍ୟ ଏବଂ ସମ୍ମାନଜନକ ଢଙ୍ଗରେ ଓଡ଼ିଆ ଲିପି ବ୍ୟବହାର କରିବାକୁ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ବ୍ୟବସାୟୀମାନେ ମଧ ସହମତି ପ୍ରକାଶ କରିଅଛନ୍ତି। ଏହା ରାଜ୍ୟ, ରାଜ୍ୟବାସୀ ଓଡ଼ିଆମାନଙ୍କ ସମ୍ମାନର ପ୍ରଶ୍ନ ଏବଂ ଖିଲାପକାରୀମାନଙ୍କ ପାଇଁ ଅର୍ଥଦଣ୍ଡର ବ୍ୟବସ୍ଥା ଥିବାରୁ ଅଧିକାଂଶ ବ୍ୟବସାୟୀ ଯଥା ଶୀଘ୍ର କରିବାକୁ ସମ୍ମତି ପ୍ରଦାନ କରିଅଛନ୍ତି। ଯେଉଁମାନେ ଏହାର ଖିଲାପ କରିବେ ସେମାନଙ୍କ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ନିକଟରେ ସମ୍ମିଳନୀ ଦାବି କରିବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ଏହି ଅଭିଯାନରେ ସମ୍ମିଳନୀ ଶତାଧିକ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଅତ୍ୟନ୍ତ ଶାନ୍ତି ଓ ଶୃଙ୍ଖଳା ସହ ଯୋଗ ଦେଇଥିଲେ ଏବଂ ଏହା ରାଜଧାନୀ ବାସୀଙ୍କ ଦ୍ୱାରା ଆଦୃତ ହୋଇଥିବା ମତାମତମାନ ଆମର ହସ୍ତଗତ ହୋଇଛି। ଏଣୁ ଆସନ୍ତା ଏକ ମାସ ପରେ ପୁଣିଥରେ ଏହି ଅଂଚଳରେ ଦୋକାନୀମାନଙ୍କ କାର୍ଯ୍ୟର ସମୀକ୍ଷା କରାଯିବା ସହ ରାଜଧାନୀର ଅନ୍ୟାନ୍ୟ ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ଉପସଭାପତି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ୍, ଡକ୍ଟର ଶ୍ରୀକାନ୍ତ ମିଶ୍ର, ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତି, ସନ୍ତୋଷ କୁମାର ରାଉତ, ଡା. ବାନାମ୍ବର ପରିଡା, ଶ୍ରୀମତୀ ଜୟନ୍ତୀ ପଢିହାରୀ, ଇଂ. ବିରଂଚି ନାରାୟଣ ଦାଶ, ଶ୍ରୀ ପ୍ରଦୀପ୍ତ କୁମାର ମହରଣା, ଶ୍ରୀମତୀ ସ୍ୱାଗତିକା ରାଉତ, କୋଷାଧ୍ୟକ୍ଷ ତ୍ରିନାଥ ସାମନ୍ତରାୟ, କାର୍ଯ୍ୟନିର୍ବାହୀ ସଦସ୍ୟ ଇଂ. ସତ୍ୟଜିତ୍ ନାୟକ, ଇଂ ଜିତେନ୍ଦ୍ର କୁମାର ପାଢୀ, ଭରତ କୁମାର ଜେନା, ପଠାଣୀ ଜେନା, ଚିନ୍ମୟ ବୋଡେ, ସବ୍ୟସାଚୀ ସାମନ୍ତରାୟ, ଯୁଗଳ କିଶୋର ନାୟକ, ଦୀନବନ୍ଧୁ ଷଡଙ୍ଗୀ, ବଂଶୀଧର ବେହେରା, ଶିବାଶୀଷ ମହାପାତ୍ର, ଲୋକନାଥ ରାଉତରାୟ, କୁଞ୍ଜ ମୋହନ ସେଠୀ, ତାପସ କୁମାର ଦାସ, ଶ୍ରୀମତୀ ସସ୍ମିତା ମଂଗରାଜ, ଗିରିଜା ଶଙ୍କର ମହାପାତ୍ର, ଲିଙ୍ଗରାଜ ଲେଙ୍କା, ସୁଶ୍ରୀ ରାଜମିତ୍ର ପ୍ରହରାଜ, ଶ୍ରୀମତୀ ସସ୍ମିତା ମଙ୍ଗରାଜ, କେଶବ ପାଇଲ, ତୁଷାର ମହାନ୍ତି, ବିକାଶ ବେହେରା, ରାମକୃଷ୍ଣ ତ୍ରିପାଠୀ ଓ ଅତେଶ କୁମାର ପୁଷ୍ଟି ପ୍ରମୁଖ ଯୋଗ ଦେଇଥିବା ବେଳେ ସାଧାରଣ ସଂପାଦକ ଡା. ରାଧାନାଥ ପ୍ରହରାଜ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# କୁଲୁଣ୍ଡାର ଅନୁପମାଙ୍କ ସଫଳତା କାହାଣୀ

**ଭୁବନେଶ୍ୱର, ୫।୩ (ମହାଭାରତ):** କୁଲୁଣ୍ଡା ଗାଁର ଅନୁପମା ପ୍ରଧାନଙ୍କ ଜୀବନ ଦୀର୍ଘ ସମୟ ଧରି ଅନ୍ୟାନ୍ୟ ଗ୍ରାମୀଣ ମହିଳା ମାନଙ୍କ ପରି ଥିଲା। ସେ ତାଙ୍କ ସ୍ୱାମୀଙ୍କ ସହ ଛୋଟ ଧାନ ଖେତରେ କାମ କରୁଥିଲେ, ଯେତେକି ଆମଦାନି ହୁଏ ତାହାକୁ ସମ୍ଭାଳି ପରିବାର ଚଳାଉ ଥିଲେ। ନିଜର ଏକ ବ୍ୟବସାୟ ଆରମ୍ଭ କରିବେ ଏହି ଚିନ୍ତା କେବେ ମନକୁ ଆସି ନଥିଲା । ସେହିପରି ସ୍ଥିତି ପରିବର୍ତ୍ତନ ହେଲା ଯେତେବେଳେ ସେ ଗ୍ରାମ ବିକାଶ ଦ୍ୱାରା ଆୟୋଜିତ ଛତୁ ଚାଷ ପ୍ରଶିକ୍ଷଣରେ ଯୋଗ ଦେଲେ। ଧାନର ପୁଆଳ, ଯାହା ସାଧାରଣତଃ ପୋଡ଼ି ଦିଆଯାଏ କିମ୍ବା ଫିଙ୍ଗି ଦିଆଯାଏ, ସେହି ପୁଆଳକୁ ବ୍ୟବହାର କରି ଛତୁ ଚାଷ କରିବାର ସରଳ କିନ୍ତୁ ପ୍ରଭାବଶାଳୀ ଧାରଣା ତାଙ୍କ ଜୀବନର ଦିଗ ବଦଳ କରି ଦେଲା । ଅନୁପମାଙ୍କ ବିଶେଷ ତା ଥିଲା ସୁଯୋଗକୁ ଶୀଘ୍ର ଚିହ୍ନଟ କରିବାର କ୍ଷମତା। ସେ ନିଜ ଜମିର ହିସାବ କଲେ, ଖର୍ଚ୍ଚ ଅନୁମାନ କଲେ ଏବଂ ନିଷ୍ପତ୍ତି ନେଲେ ଯେ ୧୪,୦୦୦ ବିନିଯୋଗ କରି ୫୦୦ଟି ଛତୁ ବେଡ଼ ପ୍ରସ୍ତୁତ କରିବେ। ଏହା କୌଣସି ପରୀକ୍ଷା ନୁହେଁ ଏହାଥିଲା ଏକ ଆତ୍ମବିଶ୍ୱାସୀ ଓ ସ୍ପଷ୍ଟ ନିଷ୍ପତ୍ତି। ସମସ୍ତ ପ୍ରକ୍ରିୟାକୁ ସଠିକ ଭାବରେ ଅନୁସରଣ କରି ସେ କାମ କରିଥିଲେ। ମାତ୍ର ୧୧ ଦିନରେ ପ୍ରଥମ ଛତୁ ଉତ୍ପାଦନ ଆରମ୍ଭ ହେଲା। ପ୍ରଥମ ଚକ୍ରରେ ସେ ୩୬୫ କିଲୋଗ୍ରାମ ଛତୁ ଉତ୍ପାଦନ କରି ପ୍ରାୟ ୮୭,୬୦୦ ଆମଦାନି କରିଥିଲେ। ଏହି ଆୟ କେବଳ ପରିବାରର ଆର୍ଥିକ ସ୍ଥିତିକୁ ମଜବୁତ କରି ନାହିଁ, ଘରେ ତାଙ୍କ ମତକୁ ମଧ୍ୟ ଅଧିକ ଗୁରୁତ୍ୱ ଦେଇଛି। "ଆମେ ପୂର୍ବରୁ କେବଳ ଧାନଚାଷ କରୁଥିଲୁ ଜୀବିକା ପାଇଁ ଯେତେକି ଆବଶ୍ୟକ।

# ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୫।୩ (ମହାଭାରତ):** ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବୈରୀ ଠାରେ ଗତ ୨୬ ତାରିଖ ଠାରୁ ଆରମ୍ଭ ହୋଇଥିବା ୫୪ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଅଛି । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ, (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକ ବର୍ଣ୍ଣାଢ଼୍ୟ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଓ ଦଳମାନଙ୍କୁ ଟ୍ରଫି ଓ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସଞ୍ଜୟ କୁମାର ତାଙ୍କ ବକ୍ତବ୍ୟରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ଧନ୍ୟବାଦ ଜଣାଇବା ସହ ସଫଳତା ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବନ୍ଧୁକ ଚାଳନା କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡିଶା




ପୋଲିସର ଏକ ସୁନାମ ରହିଛି । ଭଲ ଅଭ୍ୟାସ ଜାରି ରଖି ଭବିଷ୍ୟତରେ ସର୍ବଭାରତୀୟ ପୋଲିସ ପ୍ରତିଯୋଗିତାରେ ଅଧିକ ସଫଳତା ହାସଲ କରିବାକୁ ମୁଖ୍ୟ ଅତିଥି ଶ୍ରୀ ସଞ୍ଜୟ କୁମାର ପ୍ରତିଯୋଗୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ପୋଲିସ ଜିଲ୍ଲା, ବାଟାଲିୟନ ଓ ପ୍ରତିଷ୍ଠାନରୁ ୧୬ଟି ଦଳ ଓ ୨୬୯ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସମୁଦାୟ ତିନୋଟି ବିଭାଗ ଯଥା ରାଇଫଲ, ରିଭଲଭର / ପିସ୍ତଲ ଓ କାର୍ବାଇନ / ଷ୍ଟେନଗନ ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହ ଅବସରରେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଓ ଦଳମାନଙ୍କୁ ଟ୍ରଫି ଓ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ରାଇଫଲ ବିଭାଗରେ ଶ୍ରେଷ୍ଠ ରାଇଫଲମ୍ୟାନ୍ ଭାବେ ଏସ.ଓ.ଜି., ଭୁବନେଶ୍ୱରର ହାବିଲଦାର ମନୋରଞ୍ଜନ ମହାରଣା, ଦ୍ୱିତୀୟ ଶ୍ରେଷ୍ଠ ରାଇଫଲମ୍ୟାନ୍ ଭାବେ ଏସ.ଓ.ଜି., ଭୁବନେଶ୍ୱରର ଆସିଷ୍ଟାଂଟ କମାଣ୍ଡାଂଟ ରଜତ ପଟ୍ଟନାୟକ, ତୃତୀୟ ଶ୍ରେଷ୍ଠ ରାଇଫଲମ୍ୟାନ୍ ଭାବେ ପ୍ରଶିକ୍ଷଣ ପ୍ରତିଷ୍ଠାନର କନେଷ୍ଟବଳ ଦୀପକ କୁମାର ଡାକୁଆ ପୁରସ୍କୃତ ହୋଇଥିଲେ। ସେହିପରି ରାଇଫଲ ହାର୍ଡଲାଇନ୍ ଟ୍ରଫି ଏସଏସବିଏନ ହାଉଣ୍ଡସ ଟିମ ହାସଲ କରିଥିବା ବେଳେ ରାଇଫଲ ରନର୍ସ-ଅପ୍ ଟ୍ରଫି ଓଏସଏଏଫ ପାନ୍ଥର ଓ ରାଇଫଲ ଚାମ୍ପିୟନସିପ୍ ଟ୍ରଫି ଏସ.ଓ.ଜି., ଭୁବନେଶ୍ୱରର ଟିମ ହାସଲ କରିଥିଲେ। ୧୦୦ ୟାର୍ଡ୍ ରାଇଫଲ ଷ୍ଟାଣ୍ଡିଂ ପୋଜିସନ୍ ଟ୍ରଫି କନେଷ୍ଟବଳ ଦୀପକ କୁମାର ଡାକୁଆ, ୨୦୦ ୟାର୍ଡ୍ ରାଇଫଲ ଶୁଟିଂ (ଡିଜିପି ଟ୍ରଫି) ସ୍ୱପନ କୁମାର ସରକାର ଓ ୩୦୦ ୟାର୍ଡ୍ ରାଇଫଲ ଶୁଟିଂ (ଏଡିଜିପି-ଏସଏପି ଟ୍ରଫି) ହାବିଲଦାର ରଞ୍ଜିତ ଥାପା ହାସଲ କରିଥିଲେ। ୩୦୦ ୟାର୍ଡ୍ ସ୍ନାପ୍ ଶୁଟିଂ ପୁରସ୍କାର ଏସ.ଓ.ଜି., ଭୁବନେଶ୍ୱରର ଆସିଷ୍ଟାଂଟ କମାଣ୍ଡାଂଟ ରଜତ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା ।

# ବିଶ୍ୱର ପ୍ରମୁଖ ଆର୍ଥିକ ଶକ୍ତି

ଗ୍ରାମାଞ୍ଚଳରେ ମାସିକ ପରିବାର ପିଛା ହାରାହାରି ବ୍ୟୟ ୩୭୭୪ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ସହରାଞ୍ଚଳରେ ଏହା ପାଖାପାଖି ୭ହଜାର ଟଙ୍କା ରହିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରିଦ୍ର୍ୟ ଦୁରୀକରଣ ଯୋଜନା ଏବଂ କାର୍ଯ୍ୟକ୍ରମର ସୁଫଳ ମିଳିଛି ଏବଂ ଦାରିଦ୍ର୍ୟ ହାର କମୁଛି ବୋଲି ସୁବ୍ରମଣ୍ୟମ କହିଛନ୍ତି। ମାଗଣା ରାସନ ବା ଖାଦ୍ୟ ସୁରକ୍ଷା ଯୋଜନା, ସ୍କୁଲ ପିଲାଙ୍କୁ ମାଗଣା ପୋଷାକ ଓ ସାଇକେଲ ଭଳି ଯୋଜନା ଗରିବ ପରିବାର ଉପରେ ଆର୍ଥିକ ଚାପ ହ୍ରାସ କରିଛି ଏବଂ ସେମାନେ କେବଳ ଖାଇବାରେ ଖର୍ଚ୍ଚ ନକରି ଭିନ୍ନ ଲକ୍ଷ୍ୟରେ ଅର୍ଥ ବିନିଯୋଗ କରୁଛନ୍ତି। ଅନେକ ନିଜ ପାଇଁ ଅତିରିକ୍ତ ଆୟର ପନ୍ଥା ମଧ୍ୟ ନିର୍ଦ୍ଧାରଣ କରିଛନ୍ତି। ଏଥିରେ ବଡ଼ ଭୂମିକା ରହିଛି ମନରେଗା ଭଳି ଯୋଜନା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ୮୦ କୋଟି ଲୋକଙ୍କୁ ମାଗଣା ରାସନ। ଦୁଇ ଦଶନ୍ଧି ତଳେ କେବଳ ଓଡ଼ିଶା ନୁହେଁ, ଅନେକ ରାଜ୍ୟରେ ଅନାହାର ମୃତ୍ୟୁ ହେଉଥିଲା। ଏବେ ଅନ୍ତତଃପକ୍ଷେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁନି। ସମସ୍ତଙ୍କୁ ଦୁଇବେଳା ଖାଇବାକୁ ମିଳୁଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଦ୍ୱାରା ଏହା ସମ୍ଭବ ହୋଇପାରିଛି। କେବଳ ଗରୀବ କଲ୍ୟାଣ ଯୋଜନା ଦ୍ୱାରା ଦେଶର ବିକାଶ ହୋଇପାରିବନି। ଦେଶର ଅର୍ଥନୈତିକ ସମୃଦ୍ଧି ମଧ୍ୟ ଆବଶ୍ୟକ। ସୁଖର କଥା, ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଭାବେ ବିବେଚିତ ହେଉଛି। ଏହା ଆମ ପାଇଁ ଏକ ଗୌରବର ବିଷୟ। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି ୨.୭ ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି ୬.୫ ପ୍ରତିଶତ ରହିପାରେ। ୱାର୍ଲଡ ଇକନମିକ ଫୋରମ ପକ୍ଷରୁ ମଧ୍ୟ ସମାନ ଆକଳନ କରାଯାଇଛି। ଏହା ଏକ ଉପରଠାଉରିଆ ଆକଳନ ନୁହେଁ। ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି। ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ। ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି। ଗତ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି। ଏବେ କେବଳ ଆମେରିକା, ଚୀନ, ଜାପାନ ଓ ଜର୍ମାନୀ ଆର୍ଥିକ ଦୃଷ୍ଟିରୁ ଭାରତ ଉପରେ ରହିଛି। ଆମେରିକା ଓ ଚୀନଠାରୁ ଭାରତର ବ୍ୟବଧାନ ମଧ୍ୟ ହ୍ରାସ ପାଇଛି। ଯଦି କ୍ରମାଗତ ଭାବେ ଏହି ଧାରା ଜାରି ରହେ. ତେବେ ଭାରତ ୨୦୨୯ ସୁଦ୍ଧା ବିଶ୍ୱର ପ୍ରମୁଖ ଆର୍ଥିକ ଶକ୍ତିଙ୍କ ତାଲିକାର ତୃତୀୟ ସ୍ଥାନକୁ ଚାଲିଆସିବ। ଜାପାନ ଓ ଜର୍ମାନୀ ପଛରେ ପଡ଼ିଯିବେ। ଦିନ ଆସିବ ହୁଏତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ ବେଳେ ୨୦୪୭ରେ ଭାରତ ଚୀନକୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ପଛରେ ପକାଇଦେବ। ଏସବିଆଇ ଇକନମିକ ରିସର୍ଚ୍ଚ ୱିଙ୍ଗ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ଏସବିଆଇର ରିପୋର୍ଟ ଅନୁଯାୟୀ ଯଦି ଭାରତର ଜିଡିପି କ୍ରମାଗତ ଭାବେ ୭ ପ୍ରତିଶତ ବା ଏହାଠାରୁ ଅଧିକ ରହିବ ତେବେ ଏହା ମାତ୍ର ୭ ବର୍ଷରେ ଆମେରିକା ଓ ଚୀନର ନିକଟତର ହୋଇଯିବ।

# କଳକୀ

## ।। ଅଜୟ କୁମାର ବେହେରା ।।

> ଘୋଡ଼ା ଖେଳରେ ଲୋକେ ଟଙ୍କା ଲଗାଇ ଅନେକ ଲାଲେନହାଲେ ହେଉଥିଲେ। ଅନେକ ଶୂନ୍ୟରୁ ଧନୀରେ ଆସୁଥିଲେ। ଏବେ ଘୋଡ଼ା ଖେଳର ଧାରା ଭିନ୍ନ ଭିନ୍ନ କୌଶଳ ନେଲାଣି। କେଉଁ ଦଳ କେଉଁ ନେତା ଆସିବା ସମ୍ଭବନା ଅଧିକ ତାଙ୍କରି ପାଇଁ ଅର୍ଥ ପ୍ରୟୋଗ ହେଉଛି। ବ୍ୟାଙ୍କମାନେ ରଣ ପାଉବା ବଣିକ ବୁଝି ତାଙ୍କୁ ଅର୍ଥ ଦେଉଛନ୍ତି। ଦୂର ବୃହଦ୍ ବଣିକ କେଉଁ ପ୍ରକାର ଛୋଟ ବଣିକକୁ ବାଣିଜ୍ୟ ପଣ୍ୟ ବାକିରେ ଦେଇ କୃତ୍ୟ ଚଳାଉଛନ୍ତି।

ବଏଲ ଅଣ୍ଡା କହିଲେ ସିଝା ଅଣ୍ଡାକୁ ଲୋକେ ବୁଝନ୍ତି। ମାତ୍ର ଏଥିରେ ଛନ୍ଦଣି ରହିଛି। ବଏଲ୍ ଅର୍ଥ ସିଝା, ବୈଲ ହେଲା ହିନ୍ଦୀରେ ବଳଦ, ବୈଲ ଅଣ୍ଡା ଯଦି ହିନ୍ଦୀ ଶବ୍ଦ ଧରାଯାଏ ତେବେ ଏହା ଅର୍ଥ ଉଦ୍ଭଟ। କାରଣ ବଳଦ ଅଣ୍ଡା ଦିଏ ନାହିଁକି ତାର ଯୌନାଙ୍ଗ ସଂଶ୍ଳିଷ୍ଟ ଅଣ୍ଡକୋଷ ବାଛୁରୀ ବେଳେ ଛିନ୍ନ କରି ଦିଆଯାଇଥାଏ। ଏମିତି ଛନ୍ଦଣି ଶବ୍ଦ ସବୁ ଭାଷାରେ କିଛି କିଛି ଚଳି ଆସୁଛି। ଲୋକରେ ଚଳି ଗଲାଣି ବୋଲି ଲୋକେ ଆନ ନଭାବି ପ୍ରକୃତ ଅର୍ଥରେ ଧରି ନେଉଛନ୍ତି। ଏଇ କଳକୀ ଏଥିରେ ଅଛି କଳ ଓକୀ। କି ଅର୍ଥ ଚାବି। କଳର ଚାବି ଭାବରେ ଧରାଯାଇପାରେ। ସବୁ କଳର ଚାବି ଅଛି। ମଟ ସାଇକେଲ, ମଟରଗାଡ଼ି, ରେଲଗାଡ଼ି, ଉଡାଜାହାଜ ସବୁର ଚାବି ଅଛି। କମ୍ପ୍ୟୁଟର ବି ଚାବି ଅଛି, ବଡ଼ ବଡ଼ କାରଖାନାର ଚାବି ଅଛି। ଜେଲଖାନାର ଚାବି ଅଛି, ଚାବିକୁ ଛାଡ଼ି କୌଣସି ଯନ୍ତ୍ର ନାହିଁ। ରେଡ଼ିଓ, ଟିଭିର ଚାବି ତାର ରିମୋଟ କଣ୍ଟ୍ରୋଲ ଓ ପାୱାର ଅଫଅନ ସିଷ୍ଟମ। ଏବେ ଓଟିପି ବି ଏକ ପ୍ରକାର ସାଂଘାତିକ ଚାବି।

ସରକାରୀ ନଥିରେ ପ୍ରତ୍ୟେକଙ୍କ ପରିଚିତ ପାଇଁ ଫଟୋ ପରିଚୟ ପତ୍ର, ଆଧାରକାର୍ଡ଼, ପାନକାର୍ଡ଼ ଏସବୁ ସହିତ ଟେଲିଫୋନ ନମ୍ବର ସଂଯୋଗ ରହିଛି। ଏଥିରୁ ଗୋଟିକୁ ଧରିଲେ ବ୍ୟକ୍ତିର ସମସ୍ତ ସ୍ଥିତି ସମ୍ବନ୍ଧ ସମ୍ପତ୍ତି ଗଚ୍ଛିତ ଧନ, ବୟସ ସବୁ ଧରାପଡୁଛି ଏଇ ସେହି କଳକୀ। ବାରହାତ ଖଣ୍ଡା ସମସ୍ତେ ଜାଣନ୍ତି ବାରଟି ରାଶି ଅଛି ଓ ଏଥିରେ ପୃଥିବୀ ଆରମ୍ଭରୁ ଶେଷ ଯାଏ ସମସ୍ତ ଜନ୍ମ ଏ ସମୟ ଜିବିତଙ୍କର ଜନ୍ମ ରହିଛି। ବାର ରାଶିର ପ୍ରକୃତି ଉଦ୍ଦୀପନା ଭାବନା କାର୍ଯ୍ୟକାରୀ ଶକ୍ତି ସର୍ବଦା ଭିନ୍ନ ଭିନ୍ନ। ରାଜନୈତିକ ଦଳ ମାନଙ୍କରେ ଦ୍ୱିଧା କି ଅଛି। ଏକ ଦଳୀୟ ମୁଖ୍ୟଙ୍କର ଓ ତାଙ୍କୁ ପରାମର୍ଶ ଦେଉଥିବା ବ୍ୟକ୍ତିଙ୍କର ହାତରେ କାହାକୁ ଯୋଗ୍ୟ କାହାକୁ ଅଯୋଗ୍ୟ ସମୟ ଅନୁସାରେ କରାଯାଇ ଉଥାନ ବା ପତନ କରାଯିବ ତାର ଧାରା ବ୍ୟାଙ୍କରେ ଲକର ଚାବି ପରି ଦୁଇଟି ଚାବି ଏଥିରେ ଦୃଶ୍ୟ। ନେତାଙ୍କ ପାଖରେ ଏତେ ପଇସା କେବେ ଭୋଟର ପୂର୍ବରୁ ନଥାଏ। ଭୋଟ ବେଳେ କାହୁଁ କାହୁଁ କଉଡି ଧନ ପହଞ୍ଚେ ଏ ମଧ୍ୟରେ ବଣିକ ଗୋଷ୍ଠୀ ଥାଆନ୍ତି ଯେଉଁମାନେ ଅଗାଡ଼ି ଖିଲାଏଗା ପିଛେ ଟାଣେଗା। ଏ ଧାରାରେ ପ୍ରତ୍ୟେକ ଦଳ ବଣିକ ମାନଙ୍କର ପୃଷ୍ଠପୋଷକରେ ଚାଲୁଛି। ବଣିକମାନେ ପ୍ରତ୍ୟେକ ଦଳୀୟ ପ୍ରାର୍ଥୀକୁ ଅର୍ଥ ଦିଅନ୍ତି ଯେଉଁ ଦଳ ଜିତିଲା ବାସ ତାଠାରୁ ପଛେ ପଛେ ବାଣିଜ୍ୟର ମଞ୍ଜି ଓ କ୍ଷେତ୍ର ଖୋଜା ଯାଇ ଧନ ଫେରସ୍ତ ଚିନ୍ତା ରହିଆସୁଛି।

ଘୋଡ଼ା ଖେଳରେ ଲୋକେ ଟଙ୍କା ଲଗାଇ ଅନେକ ଲାଲେନହାଲେ ହେଉଥିଲେ। ଅନେକ ଶୂନ୍ୟରୁ ଧନୀରେ ଆସୁଥିଲେ। ଏବେ ଘୋଡ଼ା ଖେଳର ଧାରା ଭିନ୍ନ ଭିନ୍ନ କୌଶଳ ନେଲାଣି। କେଉଁ ଦଳ କେଉଁ ନେତା ଆସିବା ସମ୍ଭବନା ଅଧିକ ତାଙ୍କରି ପାଇଁ ଅର୍ଥ ପ୍ରୟୋଗ ହେଉଛି। ବ୍ୟାଙ୍କମାନେ ରଣ ପାଉବା ବଣିକ ବୁଝି ତାଙ୍କୁ ଅର୍ଥ ଦେଉଛନ୍ତି। ଦୂର ବୃହଦ୍ ବଣିକ କେଉଁ ପ୍ରକାର ଛୋଟ ବଣିକକୁ ବାଣିଜ୍ୟ ପଣ୍ୟ ବାକିରେ ଦେଇ କୃତ୍ୟ ଚଳାଉଛନ୍ତି। ଏବେ ଖେଳ ଦୁନିଆଁରେ ଏପରି ସମ୍ଭାବିତ ଜିତାପଟ ବ୍ୟକ୍ତିକୁ ଅନେକ ଅର୍ଥ ଦେଇ ହରାଇ ଏଇ ଘୋଡ଼ା ଖେଳ ପରି ଅର୍ଥ ପାଉଛନ୍ତି ଯେ ଜିତିବାର ସମ୍ଭବ ନଥିଲା ତାକୁ ଜିତାଇବା କୌଶଳରେ ଏସବୁର କି ଧନ। ଖଣ୍ଡା ଅର୍ଥ ଯେ ଖଣ୍ଡ ଖଣ୍ଡ କରେ ବା ଛେଦ କରେ। ଏଇ ବାର ରାଶି ଜନ୍ମ ଜାତକମାନେ ପରସ୍ପର ସହଯୋଗ ନକରି ଭିନ୍ନ ଭିନ୍ନ ମତରେ ତର୍କବାଜୀ କରି ସମୟକୁ ଧ୍ୱଂସ ଆଡ଼କୁ ନେବେ ଏହା କଳକୀ ଲୀଳା। କେହି ବଞ୍ଚିବେ ନାହିଁ ଜାଣୁଛନ୍ତି ତଥାପି ରାଜ କରିବା ପାଇଁ ସମୟକୁ ସ୍ୱ ମନ ମାନିରେ ନେବାକୁ ଚାହୁଁଛନ୍ତି। ଏଇପାଇଁ ଗୃହସ୍ଥ ମାନଙ୍କର ଗୃହସ୍ଥି ଜୀବନ ବର୍ତ୍ତମାନ ଏବେ ଠିକ ଚାଲୁନାହିଁ। ସ୍ୱାମୀ ସ୍ତ୍ରୀ ବାପପୁଅ, ମାଆପୁଅ, ମାଆ ଝିଅ, ଭାଇ ଭାଇ, ଭାଉ ଭଉଣୀ, ଦୁଇ ପଡ଼ୋଶୀ, ଦୁଇ ସାହି ଲୋକ, ଦୁଇ ଗ୍ରାମ ଲୋକ, ଦୁଇ ଜାତି, ଦୁଇ ଧର୍ମ ଲୋକ, ଦୁଇ ରାଜ୍ୟ, ଦୁଇ ଦେଶ ଏଇ ଅଦୃଶ୍ୟ ଖଣ୍ଡା ଧାରଣରେ ସର୍ବଦା ମତ ଫରକ କଳହ ଲାଗି ରହୁଛି। ଏଇ କଳକୀ ଲୀଳା ଏଥିରେ କି କ'ଣ? ତୃତୀୟ ପକ୍ଷ ପାଖରେ କି ଏବେ ପହଞ୍ଚି ଯାଇଛି ସେ ନଚାଉଛନ୍ତି ଲୋକେ ତାଙ୍କ କଥାରେ ନାଚୁଛନ୍ତି। ପୁଅ ଝିଅ ବିବାହ ହେବେ, ପାଠ ପଢ଼ିଛନ୍ତି, ରୋଜଗାର ଅଛି ବାପାମା ଅପାରଗ ନୁହଁନ୍ତି ହେଲେ ପୁଅଝିଅ ବିବାହରେ ସମସ୍ୟା, ମନ ପସନ୍ଦ ପାର୍ଥୀ ପ୍ରାପ୍ତି ପାଇଁ ମ୍ୟାରେଜ ବ୍ୟୁରୋକୁ ଯାଇ ନାମ ରେଜେଷ୍ଟ୍ରି କରି ତାଙ୍କର ପ୍ରସ୍ତାବ ପ୍ରାପ୍ତି ପାଇଁ ପ୍ରତୀକ୍ଷା କରିବାକୁ ପଡ଼ିଲାଣି ଏଇ ହେଲା ବିବାହ ପାଇଁ କି। ମନ ମିଳିଲା ନାହିଁ ଯୌବନର ସଙ୍ଗ ଦୁଃଖଦ ଉଭୟ ଶିକ୍ଷିତ ହେଲେ ବି ଚଳୁନାହିଁ ଏଣୁ ନୋଟ ଆଶ୍ରୟ ଦରକାର ଏଥିରେ ଯେ ଯାହା କରିନାହିଁ କି ପ୍ରସଙ୍ଗ ପ୍ରକୃତରେ ତାହା ନୁହେଁ। ଏପରି ଅପ୍ରାସଙ୍ଗିକ ଅଭିଯୋଗ କୋର୍ଟରେ ଉତ୍ଥାନ କରାଯାଉଛି। କେଶ ସାଥି ସାଥି ତୁଟେ ନାହିଁ ଏଥିରେ ଅଭିଯୋଗକାରୀ ଓ ପକ୍ଷ ଦୁଇଜଣଙ୍କର ଯୌବନ ବିଫଳ ହେଉଥାଏ। ଏହାର କି ହେଲା ମିଥ୍ୟାରୋପ ବିବାହ ପୂର୍ବରୁ ଓ ବିବାହ ପରେ। ପୁଣି ତୃତୀୟ ପକ୍ଷ ଏ ମଧ୍ୟରେ ଚାଟୁବାକ୍ୟ କହି ବିଚ୍ଛେଦ ମନ୍ତ୍ରଣା ମୋବାଇଲ ଫୋନ ମାର୍ଫତ ବାରମ୍ବାର ଦେବା। ଶିକ୍ଷାକୁ ଏକ ବ୍ୟବସାୟରେ ପରିଣତ କରାଗଲାଣି। ସରକାରୀ ଓ ବେସରକାରୀ ଦୁଇ ସ୍ତରରେ କୌଶଳ କରି ପରୀକ୍ଷାର୍ଥୀକୁ ନମ୍ବର ଭିତ୍ତିକ ଛାତ ଓ ଅର୍ଥ ଭରିବାରେ ଉଚ୍ଚତର ଶିକ୍ଷା ଦିଆଯିବା ବ୍ୟବସ୍ଥା ହେଲାଣି। ଡାକ୍ତରୀ ଶିକ୍ଷା, ଇଞ୍ଜିନିୟରିଂ ଶିକ୍ଷା ପାଇଁ ପ୍ରତିବର୍ଷ ଆଡ଼ମିଶନ ତାମସା ଦେଖିଲେ ବୁଝା ପଡୁଛି। ସରକାରୀ କଲେଜ ବିଦ୍ୟାଳୟରେ ପରୀକ୍ଷାର୍ଥୀଙ୍କୁ ଧୂରୀଣ କରାଯିବା ପଦ୍ଧତିରେ କିଛି ତ୍ରୁଟି ଜଣାପଡୁଛି ଲୋକେ ଟିଉଟୋରିଆଲରେ ନାମ ଲେଖାଇ ଅର୍ଥ ଦେଇ ଧୁରୀଣ ହେବା ଚେଷ୍ଟା ରହିଛି। ପ୍ରକୃତରେ ମୌଳିକ ଶିକ୍ଷା ପଦ୍ଧତିରେ ଢ଼ିଲା ହିଁ ଅନ୍ୟକୁ ରୋଜଗାରକ୍ଷମ କରାଉଛି। ଏଥିରେ ବି କି ରହିଛି। ଏହି ଶିକ୍ଷା ପଦ୍ଧତି ଏକ କଳ।

କଳଘର ଏକ ଓ ଅନେକ ମିଶିଥାଏ। ସେମିତି ସରକାର ଏକ କଳ ଏଥିରେ ଅନେକ ବିଭାଗ ଓ ଉପ ବିଭାଗ ରହୁଛି। ସବୁ କଳର ଚାବି ଓ କଳ ଘର ଚାବି ଓ ପାୱାର ସପ୍ଲାଇ, କଞ୍ଚାମାଲ ସପ୍ଲାଇ କାର୍ଯ୍ୟକାରୀ ଅଫିସର ଟେକନିସିଆନ ଶ୍ରମିକଙ୍କ ରହିବା ପରି ସରକାରୀ କଳରେ ବି ଏପରି ପାହ୍ୟା। ପାହ୍ୟା ସ୍ତର ସର୍ବତ୍ର ଅଛି। ଏହାର କି ପ୍ରକୃତରେ ଜଣକ ଦସ୍ତଖତରେ ହିଁ ହୋଇ ଆସୁଛି। ରାଷ୍ଟ୍ରପତି କେଉଁଠି, କିନ୍ତୁ ରାଜପଥରୁ ଟ୍ୟାକ୍ସ ଆଦାୟ ସ୍ଥାନରେ ତାଙ୍କର ଆଦେଶ ନାମ ଦରଜ ରହିବା ଦେଖାଯାଉଛି। ଜଗୁଆଳି ପ୍ରତ୍ୟେକ୍ଷ ଓ ପରୋକ୍ଷ ଦୁଇ ପ୍ରକାରର ହୋଇ ପାରନ୍ତି। ପୁଣି ଜଗୁଆଳୀ ଧନ ଜୀବନ ସ୍ଥାନ ସବୁ ପର୍ଯ୍ୟାୟର ହୋଇପାରନ୍ତି। ଏକ ପିଲା, ଏକ ଯୁବତୀ ଏକ ବୁଢ଼ା ବା ବୁଢ଼ୀ ଏମାନଙ୍କର ହେପାଜତ ପାଇଁ ଜଗୁଆଳୀ ପ୍ରତ୍ୟେଗ ଗୃହରେ ଅଛନ୍ତି। ରାଜ୍ୟରେ ଶାନ୍ତିରକ୍ଷା ପୋଲିସଙ୍କ ଉପରେ ନ୍ୟସ୍ତ। ଦେଶର ସୀମା ଜଗି ସ୍ଥାନକୁ ସୁରକ୍ଷା ଦେବା ସୈନ୍ୟଙ୍କ କାମ ଏହା ପ୍ରତ୍ୟକ୍ଷ ଜଗୁଆଳୀ, ଧାରା ପରୋକ୍ଷରେ ପ୍ରତି ସ୍ଥାନରେ ଭେଡ଼ାବାଡ଼, ପାଚେରୀ ସ୍ଥାନକୁ ଏକ ଜଗୁଆଳୀ ରୂପେ ଜଗି ରହିଛନ୍ତି। ଗୃହ କାନ୍ଥ, ଛାତ, କବାଟ ଏମାନେ ଗୃହ ଆଭ୍ୟନ୍ତର ଧନ ସମ୍ପତ୍ତି ଜୀବନର ଜଗୁଆଳୀ। ଗାଡ଼ିଟିଏ କିଣି ଷ୍ଟାଣ୍ଡରେ ରଖି କାମ ବ୍ୟସ୍ତରେ କ୍ଷେତ୍ରରେକୁ ବାହାରିଗଲେ ମାନବ ଜଗୁଆଳୀ ପ୍ରତ୍ୟକ୍ଷ ଓ ଗାଡ଼ିର କବାଟ ଚାବି ପରୋକ୍ଷ ଗାଡ଼ିଟିକୁ ଜଗୁଛନ୍ତି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ
ଦୂରଭାଷ : ୯୪୩୭୦୩୧୨୫୩

# ସୁଖର ସନ୍ଧାନେ

## ।। ଇଂ.ସଚ୍ଚିଦାନନ୍ଦ ନନ୍ଦ ।।

ମଣିଷ ସୁଖୀ ହେବାକୁ ଚାହେଁ କିନ୍ତୁ ସବୁ କ୍ଷେତ୍ରରେ ସବୁ ଦୃଷ୍ଟିରୁ ସର୍ବଭୋଭାବେ ସୁଖୀ ହୋଇପାରେ ନାହିଁ । ମଣିଷ ଯାହା ଚାହୁଁଛ ତାହା ହାସଲ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଛି । ତେବେ ସୁଖୀ ହୋଇପାରିବ ନାହିଁ କାହିଁକି ? କ'ଣ ତ ଚାହିଁବାଟା ଦୁର୍ବଳ ଚାହିଁବା ବା ବାରମ୍ବାର ବିଫଳ ହୋଇସାରିବା ପରେ ତା'ର ମନବଳ ଭାଙ୍ଗି ଯାଉଛି । ବିଫଳ ହେବା ମଧ୍ୟ ଗୋଟିଏ ଭଲ ଶିକ୍ଷା । ସେ ଜାଣିପାରୁଥିବ ଯେ ସୁଖୀ ହେବା ତା'ହାତ ମୁଠାରେ ନାହିଁ । ଏବେ ଅନ୍ତତଃ ପକ୍ଷେ ସେ ଅନୁସନ୍ଧାନ କୁ ଯେ ବିଫଳତାର କାରଣ କ'ଣ ?

ଏ ସମୟର ସର୍ବୋଚ୍ଚ ଜ୍ଞାନ ସମ୍ପନ୍ନ ଅବତାର ଶ୍ରୀ ସତ୍ୟସାଇ ବାବାଙ୍କର ଉତ୍ତର ପୁରାପୁରି ଠିକ୍ ଭଳି ମନେହୁଏ । ତାଙ୍କ ଶିକ୍ଷାକୁ କାମରେ ଲଗାଇଲେ ତାହା କେତେ ପ୍ରଭାବଶାଳୀ ଆମେ ଉପଲବ୍ଧି କରିପାରିବା । ମଣିଷ ଭାବିଥାଏ ସେ ଯାହା ଚାହିଁଛି ତାହା ପାଇଗଲେ ସେ ଖୁସି ହେବ । ସେ କିଛି ପାଏ ନାହିଁ ବୋଲି କହି ହେବନାହିଁ । ଆମର ଇଚ୍ଛା କିଛି ହେଲେ ପୂରଣ ହୋଇନାହିଁ ବୋଲି ଆମେ କେବେ କହିପାରିବା ନାହିଁ । ନିଶ୍ଚିତ ଭାବେ କିଛି ଇଚ୍ଛା ପୁରଣା ହୋଇଛି । ତଥାପି ଜଣେ ନିଜକୁ ସୁଖି ବୋଲି ଘୋଷଣା କରିପାରେ ନାହିଁ । କାରଣ କିଛି ଇଚ୍ଛା ପୁରଣ ହୋଇଗଲା ମାତ୍ରେ ଖୁସିରେ ଆଉ ସେତିକି ଇଚ୍ଛା ପୁରଣ ହେବା ଆଶାରେ ତିଆରି ହୋଇଯାଆନ୍ତି।

ମଣିଷ ଯାହା ସବୁ ଇଚ୍ଛା ସେଗୁଡ଼ିକ ଶାଶ୍ୱତ ବସ୍ତୁ ବା ପଦାର୍ଥ ନୁହେଁ । ତାହା କିପରି ଆମକୁ ଶାଶ୍ୱତ ସୁଖ ଦେଇପାରନ୍ତା ? ତେଣୁ ସେଗୁଡ଼ିକ ମିଳିଗଲେ ମଧ୍ୟ କ୍ଷଣିକ ସୁଖ ପ୍ରଦାନ କରି ଅତିଶୀଘ୍ର ନିଜର ସାମାନ୍ୟ ସାମର୍ଥ୍ୟର ପରିଚୟ ପ୍ରଦାନ କରି ଉଭେଇଯାଆନ୍ତି । ମଣିଷକୁ ପୁନଶ୍ଚ ଅସୁଖି କରି ଦିଅନ୍ତି । ମଣିଷ ଏହା ଉପଲବ୍ଧି କରେ ଏବଂ କୌଣସି ଦୀର୍ଘସ୍ଥାୟୀ ସୁଖପ୍ରଦାନ କଲାଭଳି ବସ୍ତୁ ବା ପଦାର୍ଥ ଆଶାରେ ଜୀବନ ବିତାଏ । କିଛି ଦିନ ପରେ ସେ ଅନୁଭବ କରେ ଯେ ଦୀର୍ଘସ୍ଥାୟୀ ସୁଖଟା, ଚିରସ୍ଥାୟୀ । ସେତେବେଳେ ସେ ଭାବେ ଚିରସ୍ଥାୟୀ ବସ୍ତୁ ହିଁ ଚିରସ୍ଥାୟୀ ସୁଖ ପ୍ରଦାନ କରିପାରେ । ଧୀରେ ଧୀରେ ତାହାର ଜ୍ଞାନ ଉଦୟ ହୁଏ ଏବଂ ସେ ବୁଝିପାରେ ଯେ ସଂସାରରେ ଦେଖାଯାଉଥିବା କୌଣସି ପଦାର୍ଥ ଚିରସ୍ଥାୟୀ ସୁଖ ଦେଇପାରନ୍ତି ନାହିଁ କାରଣ ସେଗୁଡ଼ିକ ନିଜେ ଚିରସ୍ଥାୟୀ ନୁହନ୍ତି । ଏହିଭଳି ଅନୁସନ୍ଧାନ କରୁ କରୁ ସେ ଜାଣିପାରେ ସେ ସ୍ଥାୟୀ ସୁଖ ଖୋଜିବା ଏକ ବ୍ୟର୍ଥ ପ୍ରୟାସ ।

କିନ୍ତୁ କେତେକ ଉଚ୍ଚତର ଜ୍ଞାନ ସମ୍ପନ୍ନ ବ୍ୟକ୍ତି ଅଛନ୍ତି ଯେଉଁମାନେ କହନ୍ତି, ନା, ନା ଏଥିରେ ହତାଶ ହେବାର ନାହିଁ । ଚିରସ୍ଥାୟୀ ସୁଖ ମିଳିବାର ଉପାୟ ଅଛି । ତାହାକୁ ଆପଣାଇଲେ ସୁଖ ସମ୍ଭବ । ଗୀତାଜ୍ଞାନ ଅନୁସାରେ 'ଅନିତ୍ୟଂ ଅସୁଖଂ ଲୋକେ ମେମ୍ ପ୍ରାପ୍ୟ ଭଜସ୍ୱ ମାସ୍' । ଅର୍ଥାତ୍ ଏ ସଂସାରଟା ଅନିତ୍ୟ ଓ ଅସୁଖପୂର୍ଣ୍ଣ, ଯଦି ସୁଖ ଚାହୁଁଛ ଭଗବାନଙ୍କୁ ଭଜ ବା ଖୋଜ । କାରଣ ଏଠାରେ ନିତ୍ୟ ବା ଚିରସ୍ଥାୟୀ ବସ୍ତୁ ଏକମାତ୍ର ଭଗବାନ । ଭଗବାନଙ୍କୁ ଖୋଜାଯାଏ ନିରବତା ମାଧ୍ୟମରେ । ନିରବପର ଗଭୀରତମ ପ୍ରଦେଶରେ ଭଗବାନଙ୍କ କଣ୍ଠସ୍ୱର ଶୁଣାଯାଇଥାଏ । ତାଙ୍କ ନିର୍ଦ୍ଦେଶ ମିଳିଥାଏ । ସେ ଯେହେତୁ ସମସ୍ତ ସୁଖର ଗନ୍ତାଘର ତାଙ୍କୁ ଜୀବନର କେନ୍ଦ୍ର କରିପାରିଲେ ପ୍ରକୃତ ସୁଖ, ଶାଶ୍ୱତ ସୁଖ ଓଝ ଜନ୍ମଜନ୍ମାନ୍ତରର ସୁଖ ପ୍ରାପ୍ତ ହେବାର ଆଶା ସୃଷ୍ଟି ନିଶ୍ଚିତ ହୋଇଯାଏ।

ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି, କାମନାବାସନା ହିଁ ଦୁଃଖର କାରଣ । ସେଗୁଡ଼ିକୁ କମାଇ ପାରିଲେ ଦୁଃଖ ହ୍ରାସ ପାଇବ ଓ ସୁଖାନୁଭୂତି ଲାଭ ହେବ । ମଣିଷର ଯାହା ଆବଶ୍ୟକତା ତାହା ପୂରଣ ହେବ ଦରକାର ସେଥିପାଇଁ ଚେଷ୍ଟା କରିବା ଦରକାର । କିନ୍ତୁ କାମନାବାସନା ଜନିତ ବା ଲୋଭର ବଶବର୍ତ୍ତୀ ହୋଇ ମଣିଷ ଯାହାସବୁ କରିବସେ ତାହାର ଫଳ ସମସ୍ତଙ୍କୁ ଜଣା ତାହା ସବୁ ସୁଖ ନିର୍ବାପକ ବ୍ୟବସ୍ଥା । ଭଗବାନ ବାବାଙ୍କ ଅନ୍ୟତମ ଶିକ୍ଷା ହେଉଛି 'ଅନ୍ୟକୁ ସୁଖ ଦେଇପାରିଲେ ମଣିଷ ନିଜେ ସୁଖ ପାଇପାରିବ । ଏହା ପୁରାପୁରି ଠିକ୍ କଥା । ଆମ ଶାସ୍ତ୍ରମାନେ କହିଛନ୍ତି ଯାହା ଦେଇଥିବ ତାହାହିଁ ପାଇବ । ଅନ୍ୟ ଅର୍ଥରେ ଆମର ଯାହା ଦରକାର ତାହା ଅନ୍ୟକୁ ଦେଲେ ଆମେ ପାଇଥାଉ । ଯଦି ସୁଖ ପାଇବାର ଆମର ଲକ୍ଷ୍ୟ ତେବେ ଅନ୍ୟକୁ ସୁଖ ଦେବା ହିଁ ଏକ ନିଶ୍ଚିତ ମାର୍ଗ । ଦେବାକୁ ହେବ ସବୁକଥା ଆମ ଶକ୍ତି ବା କ୍ଷମତା ଭିତରେ ରହିବା ଉଚିତ । ଅନ୍ୟଜଣେ ସୁଖି ହେବାକୁ ଯଦି ଲକ୍ଷ ଲକ୍ଷ ଟଙ୍କା ମାଗୁଥାଏ, କେତେଜଣ ତାହା କରିପାରିବେ ? ବାବାଙ୍କ ଭାଷାରେ ପରୋପକାର ମାଧ୍ୟମରେ ଜଣେ ସୁଖି ହୋଇପାରେ । ପରର ଆତ୍ମା ସନ୍ତୁଷ୍ଟ ହେଲେ ପରମାତ୍ମା ସନ୍ତୁଷ୍ଟ । ସେଥିପାଇଁ ଦରକାର ସନ୍ତୁଷ୍ଟ ବ୍ୟବହାର ଓ ମୂଲ୍ୟବାନ ପରାମର୍ଶ । ଅସହାୟ ବ୍ୟକ୍ତି ଲୋଡୁଥିବା ସେବା ସହାୟତା ପରର ଆତ୍ମାକୁ ତୃପ୍ତି ଦେଇଥାଏ । ଏହି କର୍ମରେ ନିୟୋଜିତ ହେବାକୁ ହେଲେ ସେବାକୁ ସାମାନ୍ୟ ଅଧିକ ନିଃସ୍ୱାର୍ଥପର ହେବାକୁ ପଡ଼ିଥାଏ । ନିଜ ସୁଖ କମାଇ ଅନ୍ୟର ସୁଖପାଇଁ ବ୍ୟବସ୍ଥା କରିବାରେ ପ୍ରକୃତ ସୁଖ ନିହିତ । ମହାପୁରୁଷମାନେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ଜୀବନ ଯାପନ କରନ୍ତି ଏବଂ ତାଙ୍କ ସମ୍ବଳ ଉପଯୋଗ କରି ଦରିଦ୍ର ଅସହାୟ ମାନଙ୍କ ସେବା କରି ସୁଖ ଓ ଆନନ୍ଦ ପାଇଥାନ୍ତି।

ଅନ୍ୟ ଏକ ମାର୍ଗ ଅଛି ଅବଶ୍ୟ ସଦାସର୍ବଦା ସନ୍ତୁଷ୍ଟ ରହିବାରେ ସୁଖ ଥାଏ । ଯାହାକୁ ଯାହା ମିଳିଛି ସେଥିରେ ଅସନ୍ତୁଷ୍ଟ ନ ହୋଇ ନିଜ କର୍ମକୁ ଦୋଷାରୋପ ନକରି, ଅନ୍ୟମାନଙ୍କ ସୌଭାଗ୍ୟ ସହ ନିଜ ଅବସ୍ଥାକୁ ତୁଳନା ନକରି, ଯାହା ମିଳିଛି ତାହାକୁ ଭଗବାନଙ୍କ ଉପହାର ମନେକରି ଯିଏ ସନ୍ତୁଷ୍ଟ ରହିପାରେ ସେ ସୁଖି ହୁଏ । ଅବଶ୍ୟ ଯାହା ମିଳିଛି ସେଥିରେ ସନ୍ତୁଷ୍ଟ ହୋଇ କୌଣସି ପରିଶ୍ରମ ନକରିବା, ଆଳସ୍ୟରେ ଜୀବନ ବିତାଇବା ଦ୍ୱାରା ଭଗବାନଙ୍କ ମୂଳ ଉପହାରକୁ ବଞ୍ଚାଇ ପାରିବାନାହିଁ । କର୍ମକୁ ହେଳା କରିବା, କର୍ମର ମହତ୍ତ୍ୱ ନ ବୁଝିବା, ଜୀବନ ଓ କର୍ମ ମଧ୍ୟରେ ଥିବା ସମ୍ପର୍କକୁ ମର୍ଯ୍ୟାଦା ନଦେବା ଠିକ୍ ନୁହେଁ । ସୁଖ ପାଇବା ଦିଗରେ ଇନ୍ଦ୍ରିୟ ସଂଯମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୈତିକ ଜୀବନ ବିନା ସୁଖ ସୁଦୂର ପରାହତ ହୋଇଯିବ । ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି କୌଣସି ପଦାର୍ଥର ଅପଚୟ ମଣିଷକୁ ସୁଖ ଦେଇପାରିବ ନାହିଁ । ତେଣୁ କିଛି ବି ଅପଚୟ କରନାହିଁ । ବିଶେଷକରି, ଖାଦ୍ୟ, ଧନ, ସମୟ ଓ ଶକ୍ତି କେବେହେଲେ ନଷ୍ଟ ହେବା ଉଚିତ ନୁହେଁ । ବର୍ତ୍ତମାନ ସୁଖରେ ଥିବା ବ୍ୟକ୍ତି ଯଦି ଏଗୁଡ଼ିକର ଅପଚୟ କରେ ତେବେ ସେ ଅବିଳମ୍ବେ ଅସୁଖି ହୋଇଯିବ । ଏହାର ସଦ୍‌ବ୍ୟବହାରରେ ହିଁ ସୁଖ ଏଗୁଡ଼ିକ ନଷ୍ଟ ହେବା ଅର୍ଥ ନିଜର ସୁଖ ନଷ୍ଟ ହେବା ।

ସୁଖର ସଂଜ୍ଞା ଦେବାକୁ ଯାଇ ଭଗବାନ ବାବା କହନ୍ତି 'ଭଗବାନଙ୍କ ସହ ସଂଯୁକ୍ତ ହେବା ହିଁ ସୁଖ' । ଏହା ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ ନୁହେଁ, ସାଧକ ମାନଙ୍କ ପକ୍ଷେ ବି କଷ୍ଟକର । ତଥାପି ସଫଳତାର ଆଶା ଅଛି । ଭଗବାନଙ୍କ ସହ ସଂଯୁକ୍ତ ହେବାର ମାର୍ଗରେ ଚାଲିଲେ ଯଥେଷ୍ଟ, ପରିଶେଷରେ ତାହା ଆମକୁ ନେଇ ଗନ୍ତବ୍ୟ ଲକ୍ଷରେ ପହଞ୍ଚାଇ ଦେବ । ସେ ମାର୍ଗରେ ଥିବା ବିଭିନ୍ନ ସୋପାନ ଗୁଡ଼ିକ ନବଧାଭକ୍ତି । ମୁଖ୍ୟତଃ ଭଜନ, କୀର୍ତ୍ତନ, ଦାସ୍ୟଭାବ, ସେବକ ଭାବେ ଜୀବନ ଯାପନକରୁ କରୁ ସାଧାରଣ ବ୍ୟକ୍ତି ସାଧକ ପାଲଟି ଯିବ ଓ ସାଧକ ମୁମୁକ୍ଷୁ ଓ ମୁମୁକ୍ଷୁ ଜୀବନର ଲକ୍ଷ ସୁଖଶାନ୍ତି ପ୍ରାପ୍ତି ହୋଇପାରିବ ।

ଦୂରଭାଷ : ୯୩୩୭୨୪୨୯୫୫

# ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗ

## ।। ଡକ୍ଟର ରାଜକିଶୋର ମିଶ୍ର ।।

ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର । ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ । ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ । ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡ଼ାପଥରରେ ନିର୍ମିତ । ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି । ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ । ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି । ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି । କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର । ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି । ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ । ସବୁଠାରୁ ଅଧବକା ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ । ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ । ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି । କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ । କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ । ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ୍ୟ ରହିଛି ରୋଷଶାଳା ରାସ୍ତାରେ । ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ । ସୁଆରମାନେ ତାଙ୍କ ସେବାରେ ନିୟୋଜିତ । କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ । କୋଠଭୋଗ ପାଇଁ ଏକ 'ସରଘର' ରହିଛି । ଯେଉଁଠାରେ କି କୋଠଭୋଗ 'ଅମୁଣିଆ' (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି । ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ । ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ । ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ-୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି-୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ-୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଲଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧ୍ୟରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍ ।

ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଳିସରା - ୨୪ଟି, ପାଳିସରା - ୬୦ ଟି, ବଡ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି । ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି । ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି ।

ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଶୁକ୍ରବାର, ୦୬ ମାର୍ଚ୍ଚ, ୨୦୨୬



## ହୁ ହୁ ହୋଇ ଜଳିଗଲା ସ୍କୁଟି

କପ୍ତିପଦା, (ମହାଭାରତ) : ହୁତୁ ହୁତୁ ହୋଇ ଜଳିଗଲା ସ୍କୁଟି। ଅଚାନକ ସ୍କୁଟି ରେ ନିଆଁ ଲାଗିବା ପରେ ଅଗ୍ନିଶମ ବିଭାଗ କରିଲା ନିଆଁ କୁ ଆୟତ୍ତ। ଉଦଳା ଥାନା ଛକ ନିକଟରେ ସବ ଜଜ ଙ୍କ କ୍ୱାଟର ସମ୍ମୁଖରେ ଗେଟ ବାହାରେ ଏକ ସ୍କୁଟି ଛିଡା ହୋଇଥିଲା। ଅଚାନକ ଭାବେ ସ୍କୁଟି ଟି ଜଳିବା ଆରମ୍ଭ କରିଥିଲା। ଯାହା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପାଟି କରିବାରୁ ଗାଡି ର ମାଲିକ ପଞ୍ଚାନନ ଦାସ ସେଠାରେ ପହଞ୍ଚି ସ୍କୁଟି ଜଳୁଥିବା ଦେଖିଥିଲେ। ଏହା ସହିତ ଅଗ୍ନିଶମ ବିଭାଗ କୁ ଖବର ଦିଆଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲା। ତେବେ ସର୍ଟ ସର୍କିଟ ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ପୋତି ହୋଇଗଲାଣି କୃଷ୍ଣପ୍ରସାଦ ଜେଟି



କୃଷ୍ଣପ୍ରସାଦ, (ମହାଭାରତ): ଗ୍ରୀଷ୍ମ ଋତୁ ପ୍ରଭାବରେ ଚିଲିକାର ଜଳରାଶି ଶୁଖିବାକୁ ଲାଗିଛି । କୃଷ୍ଣପ୍ରସାଦ ଜେଟିରେ ଗତ କିଛି ଦିନ ହେଲା ଲଞ୍ଚ ଟି ଲାଗି ପାରୁନି ଫଳରେ ଲଞ୍ଚରେ ଯାତାୟତ କରୁଥିବା ଜନସାଧାରଣ ବିଶେଷ କରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କୃଷ୍ଣପ୍ରସାଦ ଜେଟି ନିକଟରେ ଚିଲିକାଟି ପଙ୍କରେ ପୋତି ହୋଇପଡ଼ିଛି । ପାଣି ଶୁଖିଯାଇଥିବା ବେଳେ କୂଳକୁ ଲଞ୍ଚ ଆସିପାରୁନଥିବା ଜଣାପଡିଛି । ଏବେ ଠାରୁ ପାରମ୍ପରିକ ପର୍ବପର୍ବାଣୀ ଆରମ୍ଭ ହୋଇଯାଇଥିବାରୁ ଦୈନିକ ଶହ ଶହ ଜନସାଧାରଣ ଲଞ୍ଚରେ ଯାତାୟତ କରୁଛନ୍ତି । ବିଶେଷ କରି ଛୋଟ ଛୋଟ ପିଲା ମାନଙ୍କୁ ଧରି ଯାତ୍ରା କରୁଥିବା ମହିଳା ଯାତ୍ରୀମାନେ ବିପଦ ଶଙ୍କୁଳ ଅବସ୍ଥାରେ ଲଞ୍ଚରୁ ଓହ୍ଲାଇ ଯାତାୟତ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଜେଟି ନିକଟରୁ ଖନନ କରାଯାଇ ପଙ୍କ ବାହାର କରାଗଲେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁରୁ ଆସୁଥିବା ଲଞ୍ଚଟି ସୁବିଧାରେ ଜେଟିରେ ଲାଗିପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି । ଏଥି ପ୍ରତି ଓଡ଼ିଶା ବନ୍ଦର ଓ ଅନ୍ତର୍ଦେଶୀୟ ଜଳପଥ ପରିବହନ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କୃଷ୍ଣପ୍ରସାଦ ପଞ୍ଚାୟତ ସରପଞ୍ଚ ଇତିଶ୍ରୀ ସିଂହ,ବଡ଼ଅଁଳ ପଞ୍ଚାୟତ ସରପଞ୍ଚ ବୀଣାପାଣି ପ୍ରଧାନ, ଅଲଣ୍ଡା ପଞ୍ଚାୟତ ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର,ବୋଇତ ବନ୍ଦାଣ କମିଟି ସଭାପତି ବାଉରୀ ବନ୍ଧୁ ଦଳେଇ,ସମାଜିକ କର୍ମୀ ନାଲୁ ପାହାଣ,ରମେଶ ଚନ୍ଦ୍ର ବିଶ୍ୱାଳ, ଗୋପାଳ କୃଷ୍ଣ ପଲେଇ,ବିପିନ କୁମାର ନାୟକ,ଉମାକାନ୍ତ ନାୟକ ସମେତ କୃଷ୍ଣପ୍ରସାଦ ଅଞ୍ଚଳବାସୀ ଦାବି କରିଛନ୍ତି । ପ୍ରକାଶ ଥାଉକି ଦୀର୍ଘ ବର୍ଷ ଧରି କୃଷ୍ଣପ୍ରସାଦ ଜେଟି ନିକଟରେ ପୁନରୁଦ୍ଧାର କରାଯାଇନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି ।

## ପାଣି ନ ପାଇ ବିଡ଼ିଓ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ ଅନ୍ତର୍ଗତ ତୋଣ୍ଡ ଗ୍ରାମର ବାଙ୍କ ଘାଟସାହରେ ୨୨ଦିନ ହେବ ନଳକୂପ ଅଚଳ ହୋଇ ପଡି ରହିଥିବାରୁ ଗ୍ରାମବାସୀ ପାଣି ନ ଡହଳ ବିକଳ ହେବା ସହ ୪ କିଲୋମିଟର ଦୂରରୁ ପାଣି ଆଣିବାକୁ ପଡୁଥିବା ବେଳେ ଅଚଳ ନଳକୂପ ଟିକୁ ମରାମତି ପାଇଁ ଡୁମୁରିଆ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେଇ ଥିଲେ। ଫଳରେ ବାଙ୍କ ଘାଟସାହି ୫୦ରୁ ଉର୍ଦ୍ଧ୍ୱ ମହିଳା ଗୋରା,ବାଲଟି ଧରି ପାଟଣା ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ରେ ବସିବା ସହ ପାଣି ନ ପାଇଲେ ଧାରଣା ରୁ ନ ଉଠିବାକୁ ମହିଳାଙ୍କ ଜୋର ଧରିଥିଲା । ଏହା ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ଜାଣିପାରି ଧାରଣାରେ ବସିଥିବା ମହିଳାଙ୍କୁ କାର୍ଯ୍ୟାଳୟକୁ ଡାକି ଗ୍ରାମରେ ଅଚଳ ନଳକୂପ କୁ ମରାମତି କରିବା ସହ ନୂତନ ଏକ ନଳକୂପ ଓ ପୋଖରୀ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ମହିଳା ମାନେ ଧାରଣା ରୁ ଉଠି ଥିବା ଦେଖିବାକୁ ମିଳିଛି।

## ଯୋଡ଼ାରେ ବିଜୁ ବାବୁଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ପାଳନ

ଯୋଡା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡା ବିଜେଡି ପକ୍ଷରୁ ଯୋଡା ଗୋପ ମହାନ୍ତି ସ୍ଥିତ ଉପ ନଗର ପାଳ ଙ୍କ କାର୍ଯ୍ୟାଳୟ ରେ ସକାଳ ୯ ଘଟିକା ।ରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଦିନ ପାଳନ କରାଯାଇଛି । ଏହି ଅବସରରେ ପୌର ପାଳିକା ଉପ ନଗର ପାଳ ସନ୍ଧ୍ୟା ପାତ୍ର, ବାବୁଲାଲ ସାହୁ, ମାୟାଧର ପାତ୍ର, ପୂର୍ବତନ କାଉନ ସିଲର ସସ୍ମିତା ମହାନ୍ତି,ଯୋଡା ଟ୍ରକ୍ ମାଲିକ ସଂଘ ସଂପାଦକ ସୁଶାନ୍ତ ବାରିକ, ଯୋଡା ନଗର ବିଜେଡି ସଭାପତି ଚତୁର୍ଭୁଜ ପଲେଇ, ପୂର୍ବତନ କାଉନ ସିଲର ଜିତେନ୍ଦ୍ର ଜୟସ୍ୱାଲ,ମଞ୍ଜୁ ନାଏକ, ଝରଣା ସୁର, ରଜନୀ ମହାନ୍ତ, ସୁନୀଲ ସାମଲ, ପବିତ୍ର ଦାଶ,ତପନ କୁମାର ପାତ୍ର, ବରୁଣ ଆପଟ, ଦୀପଙ୍କର ବିଶ୍ୱାସ, ନିରଞ୍ଜନ ବହିଦାଙ୍କ ସମେତ ବହୁ ବିଜେଡି କର୍ମୀ ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ ।

## ୨୪ ଘଣ୍ଟା ରୁ ଅଧିକ ହେବ ଜଳୁଛି ଜଙ୍ଗଲ: ବେକାବୁ ହେଲାଣି ଜଙ୍ଗଲ ନିଆଁ

କପ୍ତିପଦା, (ମହାଭାରତ) : ଗ୍ରୀଷ୍ମ ପ୍ରବାହ ଆରମ୍ଭ ନ ହେଉଣୁ ଜଙ୍ଗଲ ନିଆଁ ଚିନ୍ତା ବଢ଼ାଇଲାଣି। କପ୍ତିପଦା ବନାଞ୍ଚଳରେ ଥିବା ବିଭିନ୍ନ ସଂରକ୍ଷିତ ଜଙ୍ଗଲ ରେ ଲାଗିଛି ନିଆଁ। ହୁ ହୁ ହୋଇ ଜଳୁଛି ଜଙ୍ଗଲ। ଆଉ ନିଆଁ ଏବେ ବେକାବୁ ହୋଇଯାଇଛି, ଯାହା ଫଳରେ ତାକୁ ଆୟତ୍ତ କରିବା କଷ୍ଟକର ପାଲଟିଛି। ବୁଧବାର ସକାଳ ସମୟରୁ କପ୍ତିପଦା ବନାଞ୍ଚଳ ଅଧିନ ବାଘମୁଣ୍ଡା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି। ଯାହାକି ଧୀରେ ଧୀରେ ଜଙ୍ଗଲ ପରେ ଜଙ୍ଗଲ ଡେଇଁବାରେ ଲାଗିଛି। ଏହା ସହିତ ଶାଣଦେଇ ଏବଂ କଟୁରିଆ ସଂରକ୍ଷିତ ଜଙ୍ଗଲରେ ମଧ୍ୟ ନିଆଁ ଲାଗିଛି। ନିଆଁ ଲାଗିବା ଫଳରେ ଜଙ୍ଗଲରେ ଥିବା ଔଷଧୀୟ ଗୁଳ୍ମ ଏବଂ ଛୋଟ ବଡ଼ ଗଛ ଜଳି ନଷ୍ଟ ହୋଇଯାଇଛି। କେବଳ ସେତିକି ନୁହେଁ ନିଆଁ ବ୍ୟାପକ ରୂପ ଧାରଣ କରିଥିବାରୁ ଏହା ଜନ ବସତି କୁ ବ୍ୟାପିବାର ସମ୍ଭାବନା ଦେଖା ଦେଇଛି। ତେବେ ବାଘ ମୁଣ୍ଡା ଜଙ୍ଗଲ ରେ ଲାଗିଥିବା ନିଆଁ ୨୪ ଘଣ୍ଟା ରୁ ଅଧିକ ସମୟ ହେବ ଲାଗିଥିବା ବେଳେ ବନ ବିଭାଗ ଜଙ୍ଗଲ ରେ ପହଞ୍ଚି ନାହିଁ କି ନିଆଁ କୁ ଆୟତ୍ତ କରି ନ ଥିବାରୁ ଏହାକୁ ନେଇ ସ୍ଥାନୀୟ ଅଂଚଳ ରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ବିଭିନ୍ନ ଜଙ୍ଗଲ ରେ ନିଆଁ ଲାଗିଥିବାରୁ ସମସ୍ତ ସ୍ଥାନରେ ପହଂଚି ନିଆଁ କୁ ଆୟତ୍ତ କରିବା କଷ୍ଟକର ହେଉଛି ବୋଲି କହିଛି ବନ ବିଭାଗ।

# ସ୍ଥାନୀୟ ଯୁବ ଗୋଷ୍ଠିଙ୍କୁ ସାମର୍ଥ୍ୟ କରୁଛି ଜେଏସଡବ୍ଲୁ ବ୍ୟାଙ୍କରେ ନବନିଯୁକ୍ତ ଯୁବକଙ୍କୁ ସମ୍ବର୍ଦ୍ଧନା




ପାରାଦୀପ, (ମହାଭାରତ) : ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଡିଙ୍କିଆ ରେ ଖୋଲାଯାଇଥିବା ଅନୁଷ୍ଠାନ ସମର୍ଥ ସ୍ଥାନୀୟ ଯୁବକ ଯୁବତୀଙ୍କ ଚାକିରି କ୍ଷେତ୍ରରେ ନୂତନ ସମ୍ଭାବନା ଆଣି ଦେଇଛି। ବିଶେଷ କରି ଗ୍ରାମୀଣ ଯୁବକ ଯୁବତୀଙ୍କ ପାଇଁ ବ୍ୟାଙ୍କିଂ ଏବଂ ସରକାରୀ ଚାକିରିରେ ପ୍ରବେଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି। ସମର୍ଥ ଯୁବ ବିକାଶ ଗ୍ରାମୀଣ ଛାତ୍ରମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିବାରେ ସାହାଯ୍ୟ କରିଆସୁଛି। ଜଗସିଂହପୁରର ଜିଲ୍ଲା ଏରାସମା ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ସମର୍ଥ ଯୁବ ବିକାଶ କେନ୍ଦ୍ରର ଜଣେ ମେଧାବୀ ଛାତ୍ର ବଳରାମ ନାୟକ କଷ୍ଟମର ସର୍ଭିସ ଆସୋସିଏଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କାନାରା ବ୍ୟାଙ୍କରେ ଗ୍ରାହକ ସେବା ସହଯୋଗୀ ଭାବରେ ମନୋନୀତ ହୋଇଛନ୍ତି। ଏହା ବ୍ୟତୀତ ସେ ଏସବିଆଇ ଜୁନିଅର ଆସୋସିଏଟ୍ ଏବଂ ଆରଆରବି ପରୀକ୍ଷାରେ ମଧ୍ୟ ମନୋନୀତ ହେବାକୁ ଆଶା ରଖିଥିବା ଶ୍ରୀ ନାୟକ କହିଛନ୍ତି। ସେ ୨୦୨୪ ମସିହାରେ ତାଙ୍କର ପ୍ରସ୍ତୁତି ଆରମ୍ଭ କରିଥିଲେ ଏବଂ ଗୁରୁକୂଳ ଅଧ୍ୟାପକ ଏବଂ ପରିଚାଳନା ପକ୍ଷରୁ ଦୃଢ଼ ଶୈକ୍ଷିକ ସହାୟତା ସହିତ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ପ୍ରୋଜେକ୍ଟ ସମର୍ଥ ଅଧୀନରେ ପ୍ରଦାନ କରାଯାଇଥିବା ମାଗଣା ପ୍ରଶିକ୍ଷଣ, ଅଭ୍ୟାସ ପରୀକ୍ଷା ଏବଂ ମାର୍ଗଦର୍ଶନ ସାହାଯ୍ୟରେ ସଫଳ ହୋଇଥିବା କହିଛନ୍ତି । ଏ ନେଇ ଶ୍ରୀ ନାୟକଙ୍କୁ ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ମୁଖ୍ୟ ଅଭିଜିତ ମହାନ୍ତି,ନରେନ୍ଦ୍ର ବାରିକ,ସିଦ୍ଧାର୍ଥ ଦେ,ଗୁରୁକୂଳ ଅଧ୍ୟାପକ ଏବଂ ଛାତ୍ରମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସେ କହିଛନ୍ତି ଯେ ସିଏସଆର ତାଲିମ ସହାୟତା ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି ଏବଂ ନୂତନ ଛାତ୍ରମାନଙ୍କୁ ନିୟମିତ ଭାବରେ ଅଧ୍ୟୟନ କରିବାକୁ ଏବଂ ଶୃଙ୍ଖଳିତ ରହିବାକୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମର ଅନ୍ୟ ଛାତ୍ର ପ୍ରସନ୍ନ କୁମାର ସେଠି,ଗଣେଶ ଚନ୍ଦ୍ର ସେଠି,ସ୍ୱପ୍ନା ରାଉତ ଏବଂ ସଂଘମିତ୍ରା ବେହେରା ମଧ୍ୟ ଓଡ଼ିଶା ହୋମଗାର୍ଡର ମୁଖ୍ୟ ଏବଂ ଶାରୀରିକ ପରୀକ୍ଷାରେ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ୧୫ ଜଣ ଯୁବକ ଯୁବତୀ ବିଭିନ୍ନ ସରକାରୀ ସଂସ୍ଥା ରେ ଚାକିରି ପାଇଥିବା ସୂଚନା ମିଳିଛି।

## ମହିଳାଙ୍କୁ ଦଳିଦେଲା ଦନ୍ତା

ଢେଙ୍କାନାଳ, (ମହାଭାରତ): ହାତୀ ଆକ୍ରମଣରେ ମହିଳା ମୃତ । ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଭାପୁର ସେକ୍ସନ ତମଣ୍ଡା ଗାଁରେ ଜଣେ ମହିଳାଙ୍କୁ ଦଳି ଦେଇଛି ଦନ୍ତା। ଗତକାଲି ଭୋର ସମୟରେ ସ୍ୱାମୀ,ସ୍ତ୍ରୀ ଓ ୭ ବର୍ଷ ର ଝିଅ ଚାଲି ଚାଲି ନିକଟସ୍ଥ ଖୁଣ୍ଟୁଝରି ଗାଁକୁ ଯାଉଥିବା ବେଳେ ସେମାନଙ୍କୁ ଗୋଟିକିଆ ଦନ୍ତା ତଡ଼ିଥିଲା । ସ୍ତ୍ରୀ ସୁଷମା ପଧାନଙ୍କୁ ଶୁଣ୍ଢରେ ଟାଣି ଦଳିଦେଇଥିବା ବେଳେ ସ୍ୱାମୀ ଗୁରୁବାରି ପଧାନ ଓ ୭ ବର୍ଷର ଝିଅ ଗଛରେ ଚଢ଼ି ଜୀବନ ବଞ୍ଚାଇଛନ୍ତି କ୍ଷ ଘଟଣା ସ୍ଥଳ ରେ ଭାପୁର ଫାଣ୍ଡିପୋଲିସ ଓ ବନ କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛି। ଢେଙ୍କାନାଳ ଜିଲ୍ଲାରେ ହାତୀ ଆକ୍ରମଣ ଜନିତ ସମସ୍ୟା ବୃଦ୍ଧି ପାଉଥିବା ବେଳେ କେବେ ଏଭଳି ସମସ୍ୟାରୁ ଜନସାଧାରଣ ନିସ୍ତାର ମିଳିବ ଏବଂ ବନବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ତାହା ସମୟ କହିବ।

## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ଦିବସ ଏବଂ ସପ୍ତାହ ପାଳିତ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ଦିବସ ଏବଂ ସପ୍ତାହ ଅତ୍ୟନ୍ତ ଉତ୍ସାହର ସହିତ ଗୁରୁବାର ଦିନ ଶୁଭାରମ୍ଭ ହୋଇଛି, ଯାହା ସୁରକ୍ଷା ସଂସ୍କୃତି ଏବଂ କର୍ମଚାରୀ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ ବନ୍ଦରର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରୁଛି। ଏହି ବର୍ଷର ବିଷୟବସ୍ତୁ, 'ସୁରକ୍ଷା ବୃଦ୍ଧି ପାଇଁ ଲୋକଙ୍କୁ ନିୟୋଜିତ କରନ୍ତୁ, ଶିକ୍ଷିତ କରନ୍ତୁ ଏବଂ ସଶକ୍ତ କରନ୍ତୁ,' ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବାରେ ସାମୂହିକ ଦାୟିତ୍ୱର ଗୁରୁତ୍ୱକୁ ଉଲ୍ଲେଖ କରିଛି। ଏହି କାର୍ଯ୍ୟକ୍ରମକୁ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ.ହରନାଦ ଉଦଘାଟନ କରି ସୁରକ୍ଷା ସପ୍ତାହ ପତାକା ଉତ୍ତୋଳନ କରିଥିଲେ ଏବଂ ବନ୍ଦରର ଅଧିକାରୀ, କର୍ମଚାରୀ ମାନଙ୍କୁ ସୁରକ୍ଷା ପ୍ରତିଶ୍ରୁତି ର ସପଥ ପାଠ କରାଇଥିଲେ । ଏହି ଅବସରରେ, ସେ ବନ୍ଦର ପ୍ରଶାସନିକ ଭବନରୁ ଏକ ସୁରକ୍ଷା ସଚେତନତା ସୋଭାଯାତ୍ରା ଏବଂ 'ସୁରକ୍ଷା ରଥ'କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ପାରାଦୀପ ବନ୍ଦରର ଗେଟ ନମ୍ବର ୪ ରେ ଶେଷ ହୋଇଥିଲା ଏବଂ କର୍ମଚାରୀ ଓ ବନ୍ଦର ବ୍ୟବହାରକାରୀଙ୍କ ମଧ୍ୟରେ ନିରାପଦ କାର୍ଯ୍ୟ ଅଭ୍ୟାସ ଉପରେ ସଚେତନତା ସୃଷ୍ଟି କରିଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ମୁଖ୍ୟ ଯନ୍ତ୍ରୀ ଇଂ. ସୁସିଲ ଚନ୍ଦ୍ର ନାହାକ, ବିଭାଗୀୟ ମୁଖ୍ୟ ଏବଂ ବନ୍ଦରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏମଏସ ଚେନ୍ନାଇ ରାଧା ପକ୍ଷରୁ ଏ. ରମେଶ ସଂଯୋଜନା କରିଥିଲେ। ସମାବେଶକୁ ସମ୍ବୋଧିତ କରି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ବନ୍ଦର କାର୍ଯ୍ୟରେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଆଧୁନିକୀକରଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ୨୦୩୦ ମସିହା ସୁଦ୍ଧା ୧୦୦% ଯାନ୍ତ୍ରିକୀକରଣ ହାସଲ କରିବା ପାଇଁ ବନ୍ଦର ପ୍ରାଧିକରଣ ର ରଣନୈତିକ ନକ୍ସା ଉପରେ ଆଲୋକପାତ କରିଥିଲେ, ଯାହାର ଲକ୍ଷ୍ୟ ପଣ୍ୟ ପରିଚାଳନା ପ୍ରଣାଳୀକୁ ଆଧୁନିକୀକରଣ କରିବା, ଉଚ୍ଚ ବିପଦପୂର୍ଣ୍ଣ କ୍ଷେତ୍ରରେ ମାନୁଆଲ୍ ହସ୍ତକ୍ଷେପ ହ୍ରାସ କରିବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା। ବନ୍ଦର ପରିସରରେ ସୁରକ୍ଷା ଭିତ୍ତିଭୂମି ଏବଂ କାର୍ଯ୍ୟକ୍ଷମ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ, ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଦୁର୍ଘଟଣା ଆଶଙ୍କାକୁ କମ କରିବା ପାଇଁ ବସ୍ ଏବଂ ମାଲବାହୀ ଯାନ ଦ୍ୱାରା ବ୍ୟବହୃତ ପ୍ରାଥମିକ ରାସ୍ତାରେ ଦୁଇଚକିଆ ଯାନ ଚଳାଚଳକୁ ପ୍ରତିବନ୍ଧିତ କରାଯାଇଛି। ଏହା ସହିତ, ବନ୍ଦର ଅଞ୍ଚଳ ମଧ୍ୟରେ ଯାନବାହାନଗୁଡ଼ିକର ସୁରକ୍ଷିତ ଗତିବିଧି ସୁନିଶ୍ଚିତ କରିବା ପାଇଁ ଉନ୍ନତ ରାସ୍ତା ରକ୍ଷଣାବେକ୍ଷଣ ଏବଂ ନିୟମିତ ସ୍ୱଚ୍ଛତା କାର୍ଯ୍ୟସୂଚୀ କାର୍ଯ୍ୟକାରୀ କରାଯାଇଛି। ସୁରକ୍ଷା କୁ ଅଧିକ ସୁଦୃଢ଼ କରିବା ପାଇଁ, ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ସମସ୍ତ କର୍ମଚାରୀଙ୍କ ପାଇଁ ମୌଳିକ ସୁରକ୍ଷା ତାଲିମ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ମାର୍ଚ୍ଚ ଶେଷ ସୁଦ୍ଧା ତାଲିମ ସମାପ୍ତ ହେବା ଆବଶ୍ୟକ, ନଚେତ୍ ଗେଟ୍ ପାସ୍ ପ୍ରଦାନ କରାଯିବ ନାହିଁ। କର୍ମଚାରୀ କଲ୍ୟାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବନ୍ଦର କର୍ତ୍ତୃପକ୍ଷ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ସମସ୍ତ କର୍ମଚାରୀଙ୍କ ପାଇଁ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷାକୁ ବାଧ୍ୟତାମୂଳକ କରିଛନ୍ତି। ଏହି ଡାକ୍ତରୀ ପରୀକ୍ଷାଗୁଡ଼ିକ ବନ୍ଦର ର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପଦକ୍ଷେପ ଅଧୀନରେ ମାଗଣାରେ କରାଯିବ ଏବଂ ବନ୍ଦର ପ୍ରବେଶ ପାସ୍ ପାଇବା ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ସମାପ୍ତ କରିବା ବାଧ୍ୟତାମୂଳକ ହେବ। ତାଙ୍କ ଅଭିଭାଷଣ ସମୟରେ, ଅଧ୍ୟକ୍ଷ କର୍ମଚାରୀ ଏବଂ ଶ୍ରମିକମାନଙ୍କୁ ସୁସ୍ଥ ଜୀବନଶୈଳୀ ଅଭ୍ୟାସ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ, ଉତ୍ତମ ଶାରୀରିକ ସ୍ୱାସ୍ଥ୍ୟ ବଜାୟ ରଖିବା ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସକୁ ଏଡାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସପ୍ତାହବ୍ୟାପୀ ସୁରକ୍ଷା ସପ୍ତାହ ପାଳନର ଏକ ଅଂଶ ଭାବରେ, ବନ୍ଦର ସମ୍ପ୍ରଦାୟରେ ଏକ ଦୃଢ଼ ଏବଂ ସକ୍ରିୟ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ କର୍ମଚାରୀ ଏବଂ ବନ୍ଦର ବ୍ୟବହାରକାରୀଙ୍କ ମଧ୍ୟରେ ସୁରକ୍ଷା ପ୍ରବନ୍ଧ, ବିତର୍କ ଏବଂ ପୋଷ୍ଟର ପ୍ରତିଯୋଗିତା, ସେମିନାର ଏବଂ ଡକ୍ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ସମେତ ଅନେକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ବନ୍ଦର ହେବାର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ସୁରକ୍ଷିତ କାର୍ଯ୍ୟ, କର୍ମଚାରୀ କଲ୍ୟାଣ ଏବଂ ବନ୍ଦର ଭିତ୍ତିଭୂମିର ଆଧୁନିକୀକରଣ ସୁନିଶ୍ଚିତ କରିବା ପାଇଁ ପ୍ରତିସୃତିବଦ୍ଧ ବୋଲି ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ଉଲ୍ଲେଖ କରିଥିଲେ ।

## ପାଳଧୁଆବନ୍ଧରେ ହରିଶପୁର ଯାଦବ ସମିତିର ବାର୍ଷିକ ବୈଠକ ଅନୁଷ୍ଠିତ




ଏରସମା, (ମହାଭାରତ) : ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ମଧ୍ୟମସ୍ଥଳୀ ଐତିହାସିକ ପୀଠ ପାଳଧୁଆବନ୍ଧ ଦୋଳ ମେଳଣ ପଡିଆରେ ହରିଶପୁର ଯାଦବ ସମିତିର ବାର୍ଷିକ ବୈଠକ ସଭାପତି ବାଇଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାହିଁ କେଉଁ କାଳରୁ ଗୋପାଳ ସଂପ୍ରଦାୟର ଏହି ପ୍ରଥା ଏହି ଅଳକା କ୍ଷେତ୍ର ଠାରେ ଅନୁଷ୍ଠିତ ହୋଇ ଆସୁଛି। ଏହି ଐତିହ୍ୟ ପରମ୍ପରାକୁ ବଞ୍ଚାଇ ରଖିବାକୁ ସମସ୍ତ ଗୋପାଳ ଭାଇ ମାନଙ୍କର ସହଯୋଗ କାମନା କରିଥିଲେ । ପରେ ଏହି ପରମ୍ପରାର ପାହାଡା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ହରିଶପୁର ଅଞ୍ଚଳର ୧୨ ଗୋଠର ପ୍ରମୁଖ ଗୋପାଳ ଭାଇ ମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ବର୍ଷକୁ ଥରେ ଏହି ସ୍ଥାନରେ ସମସ୍ତଙ୍କର ମିଳନ ଏବଂ ସଂପ୍ରଦାୟର ସମସ୍ୟା ସମ୍ପର୍କରେ ଏହି ଠାରେ ଆଲୋଚନା ହୋଇଥାଏ । ଚଳିତ ମାସ ୨୨ ତାରିଖରେ ଯାଦବ ସମିତିର ବାର୍ଷିକ ଉତ୍ସବ ଅବଧୂତ ଗାଦି ବ୍ରହ୍ମଙ୍କ ପୀଠ ଯାଦବ ସମିତି ପ୍ରାଙ୍ଗଣରେ ପାଳଧୂଆବନ୍ଧ ଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ଚରଣ ଦାସ, ବାଇଧର ପ୍ରଧାନ, ସୁଶାନ୍ତ କୁମାର ଦାସ, ରବୀନ୍ଦ୍ର ଦାସ, ବାବୁଲି ଦାସ, ଝାଟୁ ଦାସ, ବୈରାଗୀ ବେହେରା, ଉଦ୍ଧବ ଦାସ, ସୁବାସ ଚନ୍ଦ୍ର ଦାସ, ବାଇଧର ଦାସ, ରବୀନ୍ଦ୍ର ପ୍ରଧାନ, ମାୟାଧର ଦାସ, ଚଗଲି ଦାସ, ଜଟାଧାରୀ ଦାସ, କଳ୍ପତରୁ ଦାସ, ଅମୁଲ୍ୟ ଦାସ, ନିରଞ୍ଜନ ଦାସ, ବିଭୁତି ଭୁଷଣ ଦାସ, ତ୍ରିଲୋଚନ ଦାସ, ସମୀର କୁମାର ଦାସ, ବାବାଜୀ ବହିରା, ଜାପାନୀ ଦାସ, ହେମନ୍ତ ଦାସ, ବ୍ରହ୍ମାନନ୍ଦ ଦାସ, ଶିଶିର ଦାସ ପ୍ରମୁଖଙ୍କ ସହିତ ଶତାଧିକ ଗୋପାଳ ଭାଇ ମାନେ ଯୋଗଦେଇଥିଲେ ।

## କୃଷ୍ଣପ୍ରସାଦରେ ତହସିଲଦାରଙ୍କୁ ଘେରିଲେ ମହିଳା ସଂଘ

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ତହସିଲ ଅଫିସ୍‌ରେ ମଦ ବେପାରକୁ ବିରୋଧ କରି ମହିଳା ସଂଘ ତରଫରୁ ତହସିଲଦାରଙ୍କୁ ଘେରାଉ। ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଘର ପାଖରେ ମଦ ଦୋକାନ ଥିବାରୁ ମା ଭଉଣୀ ମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି ଏବଂ ନିଜ ଛୋଟ ଛୋଟ ଛୁଆ ମାନଙ୍କ ଜୀବନ ଉପରେ ଖରାପ ପ୍ରଭାବ ପଡୁଛି। ସୂଚନା ମୁତାବକ କୃଷ୍ଣପ୍ରସାଦ ପଞ୍ଚାୟତ ସାନ ଅଁଳ ଗ୍ରାମର ମହିଳା ସଂଘ ତରଫରୁ ମୁଖ୍ୟ ରାସ୍ତାକୁ ଲାଗିକି ଥିବା ମଦ ଦୋକାନ ସାନଅଁଳ ଗ୍ରାମକୁ ଲାଗିକି ଥିବାରୁ ମହିଳା ମାନେ ଦୈନନ୍ଦିନ କାମ ଓ ରାସ୍ତାରେ ଯିବାକୁ ଅସୁରକ୍ଷିତ ମନେ କରୁଛନ୍ତି। ମଦ ଦୋକାନ ଟି ଏକ ବାତ୍ୟା ପ୍ରଭାବରୁ ବଞ୍ଚିବା ପାଇଁ ଫାଇଲିନ ବାତ୍ୟାରେ ସରକାରଙ୍କ ତରଫରୁ ମିଳିଥିବା ଘରେ ଚାଲୁଥିବାରୁ ମହିଳା ମାନେ ତହସିଲ ଆଗରେ ଧାରଣା ଦେଇ ଆନ୍ଦୋଳନ କରିଛନ୍ତି। ମଦ ପିଇ ଜୁବକ ମାନେ ଅଶ୍ଳିଳ ଭାଷାର ଗାଳି ଗୁଲଜ କରିବା ସହ ସାନଅଁଳ ଗ୍ରାମରେ ଅଶାନ୍ତି ବାତାବରଣ ସୃଷ୍ଟି ହେଉଛି। ମହିଳା ସଂଘ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସରକାର ଓ ସରକାରି ଅଧିକରୀ ମାନଙ୍କର କୌଣସି ସହଯୋଗ ମିଳିପାରିନାହିଁ।

## ଅସହାୟ ମାନସିକ ଭିନ୍ନକ୍ଷମଙ୍କ ପାଇଁ ସମର୍ପିତ ବ୍ୟାସ ଫାଉଣ୍ଡେସନ: ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର ସହ ସାମାଜିକ ସୁରକ୍ଷା ଦାବୀ କଲେ ସ୍ନେହମୟୀ






ପାରାଦୀପ, (ମହାଭାରତ) : ପାରାଦୀପ ତଥା ସମଗ୍ର ଜଗତସିଂହପୁର ଜିଲ୍ଲାରେ ନିରବଚ୍ଛିନ୍ନ ଭାବେ ଅସହାୟ ମାନସିକ ଭିନ୍ନକ୍ଷମ ଏବଂ ଅବହେଳିତ ବୃଦ୍ଧ ବାପା ମାଆଙ୍କୁ ଉଦ୍ଧାର, ଚିକିତ୍ସା ଓ ଥଇଥାନ କରି ସାଧାରଣରେ ଆଦର୍ଶ ପାଲଟିଛନ୍ତି ବିଶିଷ୍ଟ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ଏବଂ ତାଙ୍କ ସଂଗଠନ ବ୍ୟାସ ଫାଉଣ୍ଡେସନ। କିଛିଦିନ ତଳେ କ୍ଷଣକୁଦ ବସ୍ତିରେ ଜଣେ ବେସାହାରା ମାନସିକ ଭିନ୍ନକ୍ଷମ ଯୁବକକୁ କିଛି ଅସାମାଜିକ ବ୍ୟକ୍ତି ନିଷ୍ଠୁର ଭାବେ ପିଟୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଖବର ପାଇ ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ଉପସଭାପତି ରଶ୍ମିତା ନାୟକ ଓ ଯୁବ ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନର ସମର୍ପିତ ସଭ୍ୟ ଶିଶିର କୁମାର କର ଓ ବଜରଙ୍ଗ ଦଳର ସମସ୍ତ ସଭ୍ୟମାନେ ଘଟଣା ସ୍ଥଳରେ ପହଞ୍ଚି ଆହତ ମାନସିକ ଯୁବକକୁ ଭେଟି ତାଙ୍କର ଆଶୁ ଚିକିତ୍ସା କରାଇ ଜଟାଧାର ମୁହାଁଣ ଥାନାରେ ଲିଖିତ ଅଭିଯୋଗ କରି ଅପରାଧୀଙ୍କ ବିରୋଧରେ ଦୃଢ଼ ଓ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରିଥିଲେ । ତେବେ ପ୍ରଶାସନ ଏପରି ମାନସିକ ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା ଲାଗି ପଦକ୍ଷେପ ନେବା ଆଶା କରି ଶ୍ରୀମତୀ ଆଚାର୍ଯ୍ୟ ବୁଧବାର ଦିନ କ୍ଷଣକୁଦ ବସ୍ତିରେ ପହଞ୍ଚି ଏହି ଭିନ୍ନକ୍ଷମ ଯୁବକକୁ ଉଦ୍ଧାର କରି ତାର ଚିକିତ୍ସା ଓ ଥଇଥାନ ପାଇଁ ପୁରୀର କଣାସ ଠାରେ ଥିବା ନୀଳାଞ୍ଚଳ ସେବା ପ୍ରତିଷ୍ଠାନରେ ଅବସ୍ଥାପିତ କରିଛନ୍ତି । ସେହିପରି ବନ୍ଦର ସହରର ବିଭିନ୍ନ ସ୍ଥାନରୁ ଆଉ ଚାରି ଜଣ ଭିନ୍ନକ୍ଷମଙ୍କୁ ଉଦ୍ଧାର କରାଯାଇ କଣାସ ସେବାଶ୍ରମରେ ଅବସ୍ଥାପିତ କରାଯାଇଥିବା ଶ୍ରୀମତୀ ଆଚାର୍ଯ୍ୟଙ୍କ ଠାରୁ ପ୍ରକାଶ । ତେବେ ବନ୍ଦର ସହର ପାରାଦୀପରେ ଅସହାୟ ମାନସିକ ଭିନ୍ନକ୍ଷମ ସଂଖ୍ୟା ବୃଦ୍ଧି ପ୍ରଶାସନ ପାଇଁ ଏକ ଚିନ୍ତାର ବିଷୟ ହୋଇପଡିଥିବା ବେଳେ ସ୍ନେହମୟୀ ଆଚାର୍ଯ୍ୟ ଏମାନଙ୍କ ପାଇଁ ସାହାରା ପାଲଟି ସେମାନଙ୍କୁ ଉଦ୍ଧାର କରିବା ବେସ ପ୍ରଶଂସନୀୟ କାର୍ଯ୍ୟ କ୍ଷ ଅନ୍ୟପକ୍ଷରେ ଏପରି ନିସ୍ୱାର୍ଥପର ସେବା କାର୍ଯ୍ୟ ପାଇଁ ସ୍ନେହମୟୀ ଆଚାର୍ଯ୍ୟ ଙ୍କୁ ସର୍ବୋଚ୍ଚ ରାଷ୍ଟ୍ରପତି ସମ୍ମାନ ପ୍ରଦାନ ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି ।

## ବୃଦ୍ଧାଙ୍କୁ ଦଳିଦେଲା ହାତୀ

ନର୍ଲା, (ମହାଭାରତ): କଳାହାଣ୍ଡି ଜିଲ୍ଲା ନର୍ଲା ରେଞ୍ଜ ଅଞ୍ଚଳରେ ପର୍ଯ୍ୟାପ୍ତ ଜଙ୍ଗଲ ଦିନକୁ ଦିନ କ୍ଷୟ ହେଉଥିବା ବେଳେ ଜଙ୍ଗଲରେ ଥିବା ଜୀବଜନ୍ତୁ ଗାଁ ଗଣ୍ଡା ଅଭିମୁଖେ ଆସୁଥିବା ବେଳେ ନୀରିହ ଲୋକଙ୍କୁ ଆକ୍ରମଣ କରି ଜୀବନ ନେଉଛନ୍ତି ନଚେତ୍ ଜଙ୍ଗଲି ଜୀବଜନ୍ତୁ ଲୋକଙ୍କ ଦ୍ୱାରା ଶିକାର ହୋଇ ମୂଲ୍ୟବାନ ଜୀବନ ହରାଉଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ନର୍ଲା ରେଞ୍ଜ ଅନ୍ତର୍ଗତ ବାଗପୁର ଗ୍ରାମ ସ୍ଥିତ ଗଣ୍ଡି ମାଝୀ ନାମକ ଜଣେ ୬୫ ବର୍ଷୀୟ ବୃଦ୍ଧ ଚାଷୀ ଜଣକ ଘରୁ ବାହାରି କପା ଚାଷ କରିଥିବା ଜମିକୁ ଯାଇଥିଲେ । ଚାଷୀ ଜଣକ ଜମିକୁ ଯାଇ କପା ଚାଷ କାମ କରୁଥିବା ବେଳେ ହଠାତ୍ ଏକ ହାତୀ ନିକଟସ୍ଥ ଜଙ୍ଗଲ ଠାରୁ ଆସି ବୃଦ୍ଧ ଚାଷୀଙ୍କୁ ଆକ୍ରମଣ କରିଥିଲା । ଏହି ହାତୀ ଆକ୍ରମଣରେ ଗଣ୍ଡି ମାଝୀ ୬୫ ବର୍ଷୀୟ ବୃଦ୍ଧ ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା ସ୍ଥାନୀୟ ଲୋକେ କ୍ଷତ ବିକ୍ଷତ ଅବସ୍ଥାରେ ବୃଦ୍ଧଙ୍କ ମୃତ ଶରୀର ଜମି ଉପରେ ପଡ଼ିଥିବା ଜାଣିପାରି ଥିଲେ। କମେ ବିଟରେ ହାତୀ ରହୁଥିବା ବେଳ ଆଗରୁ ଜଣେ ମହିଳାଙ୍କ ଜୀବନ ଯାଇଛି ।

## ବିଜେଡ଼ି ପକ୍ଷରୁ ବିଜୁବାବୁଙ୍କ ଜନ୍ମ ଜୟନ୍ତୀ ପାଳିତ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ପଟ୍ଟନାୟକ ଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଙ୍କ ଅଧ୍ୟକ୍ଷତା ରେ ପୂର୍ବତନ ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି ଙ୍କ ସଭାପତି ରେ ଅନୁଷ୍ଠିତ ହୋଇଛି। ଓଡ଼ିଶାର ବୀର ପୁତ୍ର,ପ୍ରମାଦ ପୁରୁଷ,ଜନନାୟକ ବିଜୁ ପଟ୍ଟନାୟକ ଙ୍କ ଫୋଟ ଚିତ୍ର ଉପରେ ପୁଷ୍ପ ମାଲ୍ୟ,ଧୂପ,ଦୀପ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଥିଲା। କାର୍ଯ୍ୟକ୍ରମ ରେ ପୂର୍ବତନ ସାଂସଦ ପ୍ରତିନିଧି ଅଜୟ କୁମାର ନାୟକ,ସାହାରପଡା ବ୍ଲକ ସଭାପତି ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ଭଞ୍ଜ, ନିରଞ୍ଜନ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ,ପୂର୍ବତନ ଚିନାମାଳିପଶି ସରପଞ୍ଚ କନକଲତା ନାଏକ,ବଡ ପାଟଣା ସରପଞ୍ଚ ବିନତୀ ବାନରା, ଏରେଣ୍ଡଇ ସରପଞ୍ଚ ପାର୍ବତୀ ଦେହୁରୀ, ବିଜେଡ଼ି ପକ୍ଷରୁ ବିଜୁବାବୁ ଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳିତ କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜନ୍ମ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଛି। ଏହି ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମ ଅବସରରେ ପୂର୍ବତନ ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି ଙ୍କ ସଭାପତି ରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ସାଂସଦ ପ୍ରତିନିଧି ଅଜୟ କୁମାର ନାୟକ,ସାହାରପଡା ବ୍ଲକ ସଭାପତି ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ଭଞ୍ଜ, ନିରଞ୍ଜନ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ,ପୂର୍ବତନ ଚିନାମାଳିପଶି ସରପଞ୍ଚ କନକଲତା ନାଏକ,ବଡ ପାଟଣା ସରପଞ୍ଚ ବିନତୀ ବାନରା, ଏରେଣ୍ଡଇ ସରପଞ୍ଚ ପାର୍ବତୀ ଦେହୁରୀ,ସମିତି ସଭ୍ୟ ବିଜୟ କୁମାର ପଇଦା,ପୂର୍ବତନ ଟେଣ୍ଡରା ସରପଞ୍ଚ ରାଜ ବଲ୍ଲଭ ଦେହୁରୀ, ସାହାରପଡ଼ା ବ୍ଲକ ୨୯ନମ୍ବ୍ରର ଜୋନ ଜିଲ୍ଲାପରିଷଦ ସଦସ୍ୟ ବୃନ୍ଦଦେବ ମହାକୁଡ,୨୨ନମ୍ବ୍ରର ଜୋନ ଜିଲ୍ଲାପରିଷଦ ସଦସ୍ୟ ସୌଭାଗ୍ୟ ମଞ୍ଜରୀ ନାୟକ,୨୩ନମ୍ବ୍ରର ଜୋନ ଜିଲ୍ଲାପରିଷଦ ସଦସ୍ୟ ରୁନୁ ମହାନ୍ତ,୧୮ନମ୍ବ୍ରର ଜୋନ ଜିଲ୍ଲାପରିଷଦ ସଦସ୍ୟ ରାଧାକାନ୍ତ ନାଏକ ଉପସ୍ଥିତ ହୋଇ ବିଜୁ ପଟ୍ଟନାୟକ ଙ୍କ ରାଜନୀତିକ ଜୀବନ, ଓଡ଼ିଶା କୁ ବିକାଶ ଦିଗ ରେ ଆଗେଇ ନେବା ଦେଖି ଥିବା ସ୍ୱପ୍ନ ଉପରେ ଅଭିଭାଷଣ ରଖିଥିଲେ।

## ସାହାସପୁର ମହାବିଦ୍ୟାଳୟରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ



ବାଲିଚନ୍ଦ୍ରପୁର,(ମହାଭାରତ) ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟରେ ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ କଲେଜର ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟି ପୁଷ୍ପମାଲ୍ୟ ଅର୍ପଣ କରି କହିଲେ ଯେ ଆମର ଏହି ମହାବିଦ୍ୟାଳୟ ପ୍ରତି ବିଜୁ ବାବୁଙ୍କ ଦାନ ଅତୁଳନୀୟ। ମହାବିଦ୍ୟାଳୟର ଭିତିଭୂମି ବିକାଶ ଦିଗରେ ତାଙ୍କର ଅବଦାନ ପାଇଁ ତାଙ୍କୁ ଏ ଅଂଚଳବାସୀ ସର୍ବଦା ମନେ ରଖିବେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମିଳନ କିଶୋର ଜେନା, ପ୍ରଶାନ୍ତ କୁମାର ସାମଲ, ସଂଗ୍ରାମ କେଶରୀ ପରିଡ଼ା, ଅଧ୍ୟାପିକା ଗାୟତ୍ରୀ ଶତପଥି, ହରପ୍ରିୟା ମଙ୍ଗରାଜ, ଚିତ୍ତ ରଞ୍ଜନ ରାଉତ, ସ୍ମୃତି ରଞ୍ଜନ ନାୟକ, ପ୍ରଗତି ମହାନ୍ତି, ରାଜଲକ୍ଷ୍ମୀ ସାହୁ, ପ୍ରତିମା କାହାଳି, ଜୟନ୍ତୀ ଦାସ, ଶୁଭବ୍ରତ ପଣ୍ଡା, ଦୂର୍ଗାପ୍ରସାଦ ପରିଡ଼ା, ମାନସ ବରାଳ, ରତ୍ନାକର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ମହାନସ୍ମୃତି ପ୍ରତି ଗଭିର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ବାଲିଚନ୍ଦ୍ରପୁର ବଜାର ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳ ବାଲିଚନ୍ଦ୍ରପୁରର ସଭାପତି ଅନନ୍ତ କୁମାର ମହାରଣା, ପୂର୍ବତନ ସରପଂଚ ଫନିନ୍ଦ୍ରନାଥ ପଣ୍ଡା, ସରପଂଚ କିଶୋର ଚନ୍ଦ୍ର ବେହୁରା, ଲକ୍ଷ୍ମୀଧର ବାନା, ତପନ କୁମାର ରାଉତରାୟ, ଶ୍ୟାମସୁନ୍ଦର ଦାସ, ଅକ୍ଷୟ ଷଣ୍ଢ, ପ୍ରାକ୍ତନ ସରପଂଚ ଦିବାକର ସେଠୀ, ଅନନ୍ତ ସିଂହ, ରତିକାନ୍ତ ସେଠୀ, କୈଳାଶ ବେହେରା ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ ବାବୁଙ୍କ ମହାନ ଅବଦାନକୁ ସ୍ମରଣ କରି ତାଙ୍କ ବହୁମୁଖି ପ୍ରତିଭାର ଗୁଣଗାନ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବାଲିଚନ୍ଦ୍ରପୁର,(ମହାଭାରତ): ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଂଚାୟତ ବୁଦୁଖାଁ ମହଲାର ଧର୍ମପ୍ରାଣା ମହିଳା ସୁରେତୁନ ନିସା ବିବି (୯୦)ଙ୍କର ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ପିଡ଼ାରେ ପିଡ଼ିତ ଥିଲେ। ସ୍ୱର୍ଗତା ନିସା ବିବି ଚାରିନଙ୍ଗଳ ପଂଚାୟତ ସରପଂଚ ନୁରଜାନ ବେଗମଙ୍କ ଶାଶୁ ଓ ଚାରିନଙ୍ଗଳ ପଂଚାୟତ ବିଜେଡ଼ି ସଭାପତି କିବିରିଆ ଖାଁଙ୍କ ମାଆ ଅଟନ୍ତି। ସେ ଜଣେ ଧର୍ମପ୍ରାଣା, ମେଳାପି, ବନ୍ଧୁବତ୍ସଳା ମହିଳା ଥିଲେ। ତାଙ୍କ ପରଲୋକଗତ ଖବର ମିଳିବା ପରେ ଚାରିନଙ୍ଗଳ ତଥା ଆଖପାଖ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ପୂର୍ବତନ ଯୁବକଂଗ୍ରେସ ଜିଲ୍ଲା ସଭାପତି ବିଶ୍ୱ ପ୍ରକାଶ ସାମଲ, ବଡ଼ଚଣା ବ୍ଲକ ବିଜେଡ଼ି ସଭାପତି ତାପସ ଚନ୍ଦ୍ର ରାୟ, ସରପଂଚ ଅବଦୁଲ ଗନି, ପୂର୍ବତନ ସରପଂଚ ବିଳାସ ଚନ୍ଦ୍ର ବାରିକ, ପ୍ରାକ୍ତନ ସମିତି ସଭ୍ୟ ଦିଲ୍ଲୀପ କୁମାର ସାମଲ, ବଟକୃଷ୍ଣ ଦାସ, ସାମ୍ବାଦିକ ଉତ୍କଳ କେଶରୀ ସାମଲ, ସେକ୍ ଇକବାଲ ହୁସେନ୍, ରଞ୍ଜିତ ସାମଲ, ସେକ୍ ଜାଉଲ୍ଲା, ଆଇନଜୀବୀ ପ୍ରତପ ଚନ୍ଦ୍ର ନାୟକ, ସୁଲତାନ ସଇଫୁଲ୍ଲା ଖା, ଅଶୋକ ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି, ବଡ଼ଚଣା ବିଜେଡ଼ି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ଏହି ପରଲୋକଗତ ଖବର ପାଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ମୁସଲିମ ରିତିନୀତି ଅନୁଯାୟୀ ତାଙ୍କ ମରଶରୀରକୁ କବର ଦିଆଯାଇଥିଲା।

# ପଞ୍ଚାୟତ ଅଫିସ ସାମ୍ନାରେ ଶବ ରଖି ୫ ଘଣ୍ଟା ଧରି ଠାକୁରମୁଣ୍ଡା - ଆନନ୍ଦପୁର ରାସ୍ତା ଅବରୋଧ



କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ ମହୁଲଡିହା ପଞ୍ଚାୟତ ପରିସରରେ ଅଘଟଣ । ମହୁଲଡିହା ପଞ୍ଚାୟତ ପରିସରରେ ଥିବା ତାଳ ଗଛ କାଟିବାକୁ ଯାଇ ରାଜୁ କାଣ୍ଡିଆନ (୨୭)ର ୩ ତାରିଖ ମଙ୍ଗଳବାର ଦିନ ଅଭାବନୀୟ ଭାବେ ମୃତ୍ୟୁ ଘଟିଛି । ଏହି ମୃତ୍ୟୁକୁ ନେଇ ଗ୍ରାମପଞ୍ଚାୟତ ଆଗରେ ଶବ ରଖି କୋଇଲିପାଳ ଗ୍ରାମବାସୀ ୧୫ ଲକ୍ଷ କିମ୍ବା ଚାକିରୀ ପ୍ରଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି ।ଘଟଣାରୁ ପ୍ରକାଶଯେ, ମହୁଲଡିହା ଥାନା କୋଇଲିପାଳ ଗ୍ରାମର ସାଲୁକା ନାଏକଙ୍କ ପୁଅ ରାଜୁ କାଣ୍ଡିଆନ ଙ୍କୁ ମହୁଲଡିହା ସରପ□ ପଞ୍ଚାୟତ କାର୍ଯ୍ୟାଳୟ ପଛରେ ଥିବା ତାଳ ଗଛ କାଟିବା ପାଇଁ ୩ ତାରିଖ ଚନ୍ଦ୍ର ଗ୍ରହଣ ଦିନ ନିୟୋଜିତ କରିଥିଲେ । ଗଛ କାଟି ସାରିବା ବେଳକୁ ପବନ ହେବାରୁ ଗଛଟି ପଡିବା ଆଗରୁ ବୁଲି ଯାଇ ରାଜୁ ଉପରେ ପଡି ଅନ୍ୟ ଏକ ସାହାଡା ଗଛ ଉପରେ ରାଜୁ ଜାକି ରଖିଥିଲା । ପାଖରେ ଲୋକ ମାନେ ଦୁଇ ଗଛ ଉପରେ ଜାକି ହୋଇ ରହିଥିବା ରାଜୁକୁ ଜେ ସି ବି ମେସିନ ଆଣି ଉଦ୍ଧାର କରି ତଳ କୁ ଓହ୍ଲାଇବା ପରେ ପ୍ରଥମେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମୁମୁର୍ଷୁ ଥିବାରୁ ଡାକ୍ତର କଟକ ସ୍ଥାନାନ୍ତର ପରାମର୍ଶ ଦେଇଥିଲେ । କଟକ ନେବା ବାଟରେ ରାଜୁ ମୃତ୍ୟୁ ହୋଇଯିବାରୁ ପୁଣି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଫେରି ଶବ ବ୍ୟବଛେଦ ପରେ ମହୁଲଡିହା ଆଣିଥିଲେ । ତହିଁ ପରଦିନ ବା( ୪ ତାରିଖ) ଦିନ ଶବ ପହଞ୍ଚିବା ପରେ କୋଇଲିପାଳ ଗ୍ରାମବାସୀ ମହୁଲଡିହା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଆଗରେ ରଖି ପ୍ରତିବାଦ କରିଥିଲେ। ରାଜୁ ୭ ମାସ ଆଗରୁ ବିବାହ କରିଥିଲା । ଘରେ ବାପା ପକ୍ଷାଘାତ ରୋଗୀ । ରାଜୁ ଏକମାତ୍ର ରୋଜଗାର ପୁଅ ଥିଲା। ଚନ୍ଦ୍ର ଗ୍ରହଣ ଦିନ ସରପଞ୍ଚ କାମରେ ଲଗାଇଥିବା ରୁ ରାଜୁ ର ମୃତ୍ୟୁ ହୋଇଥିବା ଅଭିଯୋଗ କରିବା ସହ ୧୫ ଲକ୍ଷ କ୍ଷତିପୂରଣ କିମ୍ବା ରାଜୁ ସ୍ତ୍ରୀଙ୍କୁ କୌଣସି ଏକ ଚାକିରୀ ପାଇଁ ଦାବି କରିଥିଲେ। ଖବର ପାଇ ପରେ କରଞ୍ଜିଆ ବିଧାୟକ ମହୁଲଡିହା ରେ ପହଞ୍ଚି ଉତ୍ୟକ୍ତ ଲୋକ ଓ ପରିବାର ଲୋକଙ୍କ ସହିତ ଆଲୋଚନା କରିଥିଲେ। ଘଟଣା ସ୍ଥଳରେ ଠାକୁରମୁଣ୍ଡା ତହସିଲଦାର ସମ୍ବିତ କୁମାର କର , ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ ଓ ମହୁଲଡିହା ଥାନା ଅଧିକାରୀ ତୁଷାର ନାୟକ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ ପାଇଁ ଆଲୋଚନା କରିଥିଲେ।

## ଦୋଳ ଉତ୍ସବ ଉଦଯାପିତ : ମୁଖ୍ୟ ଆକର୍ଷଣ ଥିଲା କୁନିକୁନି ପିଲାଙ୍କ ରାଧାକୃଷ୍ଣ ବେଶ




ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଦୋଳବନ୍ଧ ଓ ଦୋଳସ୍ତବ କମିଟି ଓ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୁଲ୍ୟରେ ଦୋଳବନ୍ଧ ନିକଟ ଦୋଳମଣ୍ଡପ ଠାରେ ଦୀର୍ଘ ୬ଦିନ ଧରି ଚାଲିଥିବା ଦୋଳସ୍ତବ ଉଦଯାପିତ ହୋଇଯାଇଛି। ଉଦଯାପନୀ ସଂଧ୍ୟାର ମୁଖ୍ୟ ଆକର୍ଷଣ ଥିଲା କୁନିକୁନି ପିଲାଙ୍କ ରାଧାକୃଷ୍ଣ ବେଶ ପ୍ରତିଯୋଗିତା। ଉକ୍ତ ପ୍ରତିଯୋଗିତାରେ ୫୦ ଜଣରୁ ଉର୍ଦ୍ଧ୍ୱ କୁନିକୁନି ପିଲାମାନେ ରାଧାକୃଷ୍ଣ ବେଶରେ ଅଂଶ ଗ୍ରହଣ କରିଥିଲେ। କୃଷ୍ଣ ବେଶ ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସେହି ଭଳି ରାଧା ବେଶରେ ପ୍ରଥମ ସ୍ଥାନ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେୟ ରାଧାକୃଷ୍ଣ ପ୍ରତିଯୋଗିତାରେ ଶ୍ରୀମତୀ ଡି.ପ୍ରିୟଙ୍କା ଓ ଶ୍ରୀମତୀ ବିଷ୍ଣୁପ୍ରିୟା ଜେନା ଆଦର୍ଶ ଦାସ ସୁଲତ ପ୍ରିୟ ଦର୍ସନି ବିଚାରକ ଭାବେ ରହିଥିଲେ। ଦୋଳ ଉତ୍ସବର ଉଦଯାପନୀ ସଂଧ୍ୟାରେ ଅତିଥି ଭାବେ ଭାରତ ଭୂଷଣ ମହାନ୍ତି , ଶୁଭେନ୍ଦୁ ମୋହନ ସେନାପତି , ବିନୋଦ ଚନ୍ଦ୍ର ଜେନା , ବିଚିତ୍ରାନନ୍ଦ ବେବର୍ତ୍ତା ,ଗଣେଶ ପଟ୍ଟନା ୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ପାରଳାର ଅଗ୍ରଣୀ ଓଡିଶୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଓଡିଶୀ କଳା କେନ୍ଦ୍ରର ନୃତ୍ୟଶିଳ୍ପୀ ମାନେ ମାହାରୀ ନୃତ୍ୟ,ସମ୍ବଲପୁରୀ ଓ ଦଳଗତ ନୃତ୍ୟ ପରିବେଷଣ କରିଥିଲେ।

## ଭେଟନଇ ଭୀମସେନ ଉଚ୍ଚବିଦ୍ୟାଳୟ ଠାରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ଆସିକା(ମହାଭାରତ):ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନ ଭେଟନଇ ଭୀମସେନ ଉଚ୍ଚବିଦ୍ୟାଳୟ ଠାରେ ସମାଜ ରିଲିଫ ଫଣ୍ଡ ସହାୟତାରେ ଉତ୍କଳମଣି ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତି ସମାଜ ଦିଲ୍ଲୀ ଲୋକସଭା ମଣ୍ଡଳସମ୍ପାଦକ ତଥା ଦୈନିକ ମୁଦ୍ରାଣ ତଥା ପ୍ରକାଶକ ରବୀନ୍ଦ୍ର କୁମାର ଜେନା ପ୍ରଦୀପ ପ୍ରଜ୍ୱଳନ କରି ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଢ଼ୀ ଙ୍କ ସଭାପତିତ୍ୱ ରେ ଏକ ସଭା ଆୟୋଜିତ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ସମାଜ ଦିଲ୍ଲୀ ଲୋକସଭା ମଣ୍ଡଳ ସମ୍ପାଦକ ତଥା ଦୈନିକ ମୁଦ୍ରାଣ ତଥା ପ୍ରକାଶକ ରବୀନ୍ଦ୍ର କୁମାର ଜେନା,ମୁଖ୍ୟବକ୍ତା ଭାବେ ଓଡିଶା ରିଲିଫ କମିଟି ସଦସ୍ୟ ମୁରଲୀ ଧର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଶେରଗଡ଼ ବ୍ଲକ ବାଦୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାବୁ ପ୍ରଧାନ,ବରଗାଁ ବାସୁଦେବ ବିଦ୍ୟାପିଠର ପୁର୍ବତନ ଶିକ୍ଷକ ବିଜୟ କୁମାର ଜେନା,ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସଭାପତି ରାଜେନ୍ଦ୍ର ସାହୁ,ଭେଟନଇ ସରପ□ ପ୍ରତିନିଧି ଟୁଲୁ ଜେନା, ଆସିକା ବ୍ଲକ ଉପାଧକ୍ଷା ଏସ. ରେଶମା ଦୋରା,ପୂର୍ବତନ ସରପଞ୍ଚ ନରୋତମ ସ୍ୱାଇଁ,ଅନ୍ୟ ମାନଙ୍କ ମଧ୍ୟରେ ପ୍ରଦିପ କୁମାର ପାତ୍ର,ହୃଷିକେଶ ରଣା,ପ୍ରଦ୍ଦ୍ୟୁ କୁମାର ପଣ୍ଡା,କାମରାଜୁ ଗୌଡ଼,ଇ କୁଶ ନାଇଡୁ,କୈଳାଶ ଚନ୍ଦ୍ର ସାହୁ, ଅବନୀନ୍ଦ୍ର ଲେଙ୍କା,ପ୍ରସନ୍ତ କୁମାର ଦାସ, ଜଗନ୍ନାଥ ବିଶ୍ୱାଳ, ଅରୁଣ କୁମାର ଦାସ,ସନ୍ତୋଷ କୁମାର ପାତ୍ର କର୍ମଚାରି,ରବୀନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ,ବିଦ୍ୟାଳୟ ପକ୍ଷରୁ ଉପସ୍ଥିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଉପଢୌକନ ପ୍ରଦାନ କରିବା ସହ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲାୟ ଉପସ୍ଥିତ ଅତିଥି ମାନେ ଗୋପବନ୍ଧୁ ଙ୍କ ନୀତି ଆଦର୍ଶ ଉପରେ ଆଲୋକ ପାତ କରିବା ସହ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମିଶୁ ମୋର ଦେହ ଏଦେଶ ମାଟିରେ ଉପରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରିବା ପରେ ନୃତ୍ୟ, ସଂଗୀତ ପରିବେଷଣ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ କୈଳାଶ ଚନ୍ଦ୍ର ସାହୁ ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟକୁ ଗୋ ଅଭୟରଣ୍ୟ ଘୋଷଣା ଦାବିରେ ପ୍ରସ୍ତୁତି

ଗଣିଆ,(ମହାଭାରତ ): ଗଣିଆ ବ୍ଲକର ଘଞ୍ଚ ଜଙ୍ଗଲ, ପାହାଡ ଘେରା ଆଦିବାସୀ ଅଧୁଷିତ ବାଇଶିପଲି ନାମରେ ପରିଚିତ ବଡସିଲିଂଙ୍ଗା ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ବୁଦ୍ଧିଜୀବୀ ପୁରୁଷ, ମହିଳା ଯୁବକ ମାନଙ୍କୁ ନେଇ ବୁଧବାର ଦିନ ବ୍ୟାଘ୍ର ସଂରକ୍ଷଣ ଙ୍କୁ ପରିବର୍ତ୍ତନ କରାଯାଇ ଗୋମାତା ଅଭାୟରଣ୍ୟ କରିବା ପାଇଁ ଧୂଆପାଳୁ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ସରପଞ୍ଚ ଶତ୍ରୁଘ୍ନ ନାୟକ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅଧିକାର ଉପରେ ଆଧାରିତ ଜଙ୍ଗଲ ଓ ପରିବେଶ ସୁରକ୍ଷା ଲୋକ ମାନଙ୍କ ର ମୌଳିକ ସମସ୍ୟା ତଥା ରାସ୍ତା ଘାଟ,ପାନୀୟ ଜଳ,ଟେଲିକମ ସେବା, ପରିଶେଷରେ ବାଘ ସଂରକ୍ଷଣ ପ୍ରକଳ୍ପ ଦ୍ୱାରା ଜନସାଧାରଣଙ୍କ ବିଭିନ୍ନ ସମସ୍ୟା , ଭିଟା ମାଟି ହରାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବହୁ ଆଲୋଚନା ପରେ ସର୍ବ୍ ସମ୍ମତି କ୍ରମେ ବାଘ ସଂରକ୍ଷଣ ଙ୍କୁ ପରିବର୍ତ୍ତନ କରାଯାଇ ଗୋ ମାତା ଅଭୟାରଣ୍ୟ କରିବା ପାଇଁ ସରକାରକୁ ଲିଖିତ ଅଭିଯୋଗ କରିବା ପାଇଁ ସ୍ଥିର କରାଯାଇ ମାନବ ଜାତି ପାଇଁ ଗୋ ମାତାର ଅତୁଳନୀୟ ଅବଦାନ ଯାହାକି ଜୀବିତ ଓ ମୃତ୍ୟୁ ପରେଗୋ ମାତା ବ୍ୟତୀତ ଅନ୍ୟ କୌଣସି ପ୍ରାଣୀ ମାନଙ୍କ ଠାରୁ ମିଳି ପାରିବ ନାହିଁ ବୋଲି ତଥ୍ୟ ଭିତିକ ପ୍ରମାଣ ସହ ଦସ୍ତଖତ ସଂଗ୍ରହ ଅଭିଯାନ କରାଯାଇଥିଲା । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ, ମହାମହିମ ରାଷ୍ଟ୍ରପତି, ଓଡିଶା ର ମୁଖ୍ୟମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ବିଭାଗର ମନ୍ତ୍ରୀ ଙ୍କୁ ଦରଖାସ୍ତ ଦେବାପାଇଁ ଆଲୋଚନା କରାଯାଇଥିଲା ।ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସେକେଣ୍ଡ ଫ୍ରିଡମ୍ ଫାଇଟର୍ ଆବାହକ ଓ ସଂସ୍ଥାପକ ଆଇନଜୀବୀ ପ୍ରିୟ ରଞ୍ଜନ ମିଶ୍ର, ବରିଷ୍ଠ ଅଧିବକ୍ତା କୃଷ୍ଣ ପ୍ରସାଦ ଦାସ, ବକ୍ତା ଭାବେ ସର୍ବ ଭାରତୀୟ ସାଧୁ ସ୍ୟ ସମ୍ମିଳନୀ ର ସଂଗଠକ କୃଷ୍ଣ ମହାରାଜ, ମାର୍ଗଦର୍ଶକ ଭାବେ ଜଗନ୍ନାଥ ଦଳ ର ପ୍ରତିଷ୍ଠାତା ଗୋ ସେବକ ଲଳିତ ନାରାୟଣ ପ୍ରଭୁତି ଯୋଗ ଦେଇଥିଲେ ।ଏହି ବୈଠକ କୁ ସୁମନ୍ତ ନାଏକ, ଲମ୍ବୋଦର ନାଏକ, ଶୈବ ମନ୍ଦିର ସଭାପତି ନବ କିଶୋର ମାଝୀ, ହୃଦାନନ୍ଦ ନାୟକ ପରିଚାଳନା କରିଥିବା ବେଳେ ସମାଜସେବୀ ସୁରେନ୍ଦ୍ରନାଥ ନାଏକ ଅତିଥି ପରିଚୟ ପ୍ରଦାନ କରି ଥିଲେ । ପରି ଶେଷରେ ଗୋ ମାତା କି ଜୟ ନାରା ଦେଇ ୱାର୍ଡ ମେମ୍ବର ଦାମ ନାୟକ ଧନାବାଦ ଦେଇଥିଲେ।

## ସମସ୍ୟା ଘେରରେ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ

ଗଜପତି(ମହାଭାରିତ):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ଜିଲ୍ଲା କୃଷି କାର୍ଯ୍ୟ ଳୟ ଟି ସମସ୍ୟା ଘେରରେ ଥିବା ଦେଖିବାକୁ ମିଳିଛି ।କାର୍ଯ୍ୟାଳୟ ଟି ବହୁ ପୁରାତନ ହୋଇ ଥିବାରୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି କର୍ମ ଚାରି । ବର୍ଷା ହେଲେ କାର୍ଯ୍ୟାଳୟଟି ବହୁ ଅସୁବିଧା ହଉଛି। ବିଭିଉ ସ୍ଥାନ ରେ ପାଣି ଗଳୁଛି। ଅଫିସର ବିଭିଉ ରୁମ୍ ରେ ବର୍ଷୟପାଣି ଗଳୁ ଛି ଯାହା ଫଳ ରେ ସରକାର ରି ରେକ ଡ ରୁମ୍, ବିଭିନ୍ନ ସରକାରୀ ଦସ୍ତାବିଜ ରହୁଛି ବର୍ଷ ହେଲେ ସୁରକ୍ଷିତ ନେଇ ପ୍ରଶବାଚି ସୃଷ୍ଟି କରିଛି। ତେଣୁ ନୂତନ ସରକାର ଲୋକଙ୍କ ସରକାର ଏଥି ପ୍ରତି ଦୃଷ୍ଟି ଦେଲେ ନୂତନ କୋଠା ଗୃହ ହେଲେ ଚାଷୀ କୁଳ ଉପକୃତ ହୋଇ ପରିବା ସହ ବିଭାଗ କର୍ମ ଚାରି ଉପକୃତ ହୋଇ ପାରିବେ।

## ଆସିକା ସୁନାମ୍ଧ ତ୍ରିପତି ମନ୍ଦିରରେ ପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଜନ୍ମ ଜୟନ୍ତୀ ପାଳିତ

ଆସିକା (ମହାଭାରତ):ଆସିକା ଏନ ଏ ସି ର ୱାର୍ଡ ନମ୍ବର ୦୭ରେ ତ୍ରିପତି ମନ୍ଦିର ପରିସରରେ ବିଜେ ପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ନାଥ ସାହୁଙ୍କ ସଂଯୋଜନା ରେ ପଣ୍ଡିତ ରାମଚନ୍ଦ୍ର ଶତପଥି ଙ୍କ ପୌରହିତ୍ୟ ରେ ପୂଜା ଅନୁଷ୍ଠିତ ହୋଇଥିଲା । ଚୈତନ୍ୟ ଜନ୍ମ ଉତ୍ସବ ନିମନ୍ତେ ପଣ୍ଡିତ ରାମଚନ୍ଦ୍ର ଶତପଥୀ ଙ୍କ ପୌରହିତ୍ୟ ରେ ବରୁଣ ପୂଜା, ସଂକଳ୍ପ, ମାତୃପୂଜା ବସୋଧାରା,ଚୈତନ୍ୟ ମହାପ୍ରଭୁ ଙ୍କ ଉପଚାର ପୂଜା,ପୀଠ ପୂଜା,ଆରତୀ, ପୁଷାଞ୍ଜଳୀ, ହୋମ ଯଂଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ଅସର ରେ ମନ୍ଦିର ରେ ନାମ ସଂକୀର୍ତ୍ତନ, ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଜଗମୋହନ ନାମ ପ୍ରଶିକ୍ଷକ ରବୀନ୍ଦ୍ର ସାହୁ, କିଶୋର ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ଶତପଥୀ,ସାମ୍ବାଦିକ ନରେନ୍ଦ୍ର ସାହୁ ଉପେନ୍ଦ୍ର ନାହାକ,ସିମାଞ୍ଚଳ ସାହୁ, ଗୋକୁଳ ସାହୁ, ଭାସ୍କର ଆଚାରୀ, ପ୍ରକାଶ ପାତ୍ର, ବାଳ କୃଷ୍ଣ ଦୋରା, ପ୍ରଦୀପ ପରିଡା,କାଳିଚରଣ ବେହେରା, ସୁବାସ ଗୌଡ଼, କାହ୍ନୁ ଚରଣ ସ୍ୱାଇଁ, ବଳରାମ ବିଶ୍ୱାଳ, ପ୍ରମୁଖ ସହଯୋଗ କରିଥିଲେ ।

## ସମାଜସେବୀ ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ପଣ୍ଡାଙ୍କ ସ୍ମୃତିଚାରଣ ସଭା

ବାଲିଚନ୍ଦ୍ରପୁର,(ମହାଭାରତ): ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ପଂଚାୟତର ପୂର୍ବତନ ସରପଞ୍ଚ ତଥା ସମାଜସେବୀ ବୈକୁଣ୍ଠନାଥ ପଣ୍ଡାଙ୍କ ଦ୍ୱାଦଶାହ ଉପଲକ୍ଷେ ତାଙ୍କ ନିଜ ଗ୍ରାମ ନାନପୁର ପଟଣାସ୍ଥିତ ବାସଭବନ ସମ୍ମୁଖରେ ଏକ ସ୍ମୃତିଚାରଣ ସଭା କିରଣ କୁମାର ଶତପଥିଙ୍କ ସଂଚାଳନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି ତାଙ୍କ ସମ୍ପର୍କିତ ଏକ ସ୍ମରଣିକା 'ବୈକୁଣ୍ଠେ ବୈକୁଣ୍ଠନାଥ' ଉନ୍ମୋଚନ କରି କହିଲେ ଯେ ସ୍ୱର୍ଗତ ବୈକୁଣ୍ଠନାଥ ପଣ୍ଡା ଦେଶରକ୍ଷା ବାହିନୀଠୁ ଆରମ୍ଭ କରି ମର୍ଯ୍ୟାଦାଜନକ ପଂଚାୟତ ବାଲିଚନ୍ଦ୍ରପୁର ର ତିନି ଥର ସରପଞ୍ଚ ରହିବା ସହିତ ପଂଚାୟତର ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ତାଙ୍କ ସମୟରେ କରିବା ସହିତ ଆଜୀବନ ସମାଜସେବାରେ ନିଜକୁ ସାମିଲ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ନାୟକ, ପୂର୍ବତନ ପିସିସି ସମ୍ପାଦକ ତଥା କଂଗ୍ରେସ ନେତା ଡ଼ଃ.ସନ୍ତୋଷ କୁମାର ବଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ରାଉତ, ବଡ଼ଚଣା ପଂଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ପଂଚାନନ ବଳ, ପ୍ରଗତିବାଦୀ କାର୍ଯ୍ୟ ନିର୍ବାହି ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଡ଼ଃ.ଯଚିନ୍ଦ୍ର ରାଉତ, କବି ରୁଦ୍ର ପ୍ରସନ୍ନ ସାମଲ, ଶିକ୍ଷାପ୍ରେମୀ ମନୋଜ କୁମାର ପରିଡ଼ା, ନିର୍ମଳ ରାଉତରାୟ, ଅଧ୍ୟାପକ ସଂଗ୍ରାମ କେଶରୀ ପରିଡ଼ା, ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ସାହାସପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟି, ରୁଦ୍ର ନାରାୟଣ ସିଂହ, ବିଳାସ ଚନ୍ଦ୍ର ବାରିକ, ଚିନ୍ମୟୀ ମହାନ୍ତି, ଅମୀୟ ବିଶ୍ୱାଳ, ଲାଲ ବିହାରୀ ଜେନା, ରମାକାନ୍ତ ରାଉତ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପ୍ରାକ୍ତନ ସରପଂଚ ମନ୍ମଥ କେଶରୀ ସାହେବରାୟ, ପ୍ରଭାତ କୁମାର କର, ରବୀନ୍ଦ୍ର ଶାନ୍ତି, ଅଶୋକ କୁମାର ସାମଲ, ବନୀତା ବିଶ୍ୱାଳ, ସ୍ମରଣିକା ମଣ୍ଡଳୀ ସଦସ୍ୟ ସାମ୍ବାଦିକ ଏକାଦଶୀ ସେଠୀ, ସ୍ୱର୍ଗତ ପଣ୍ଡାଙ୍କ ପୁଅ ବ୍ରଜେନ୍ଦ୍ରନାଥ ପଣ୍ଡା, ପୂର୍ବତନ ସରପଂଚ ଫନିନ୍ଦ୍ରନାଥ ପଣ୍ଡା, ସମାଜସେବୀ ଗଦାଧର ଦାସ, ସୁରେନ୍ଦ୍ର କୁମାର ବାନା, ସାମ୍ବାଦିକ ଭକ୍ତ ଚରଣ ସାହୁ, ପ୍ରଦୀପ୍ତ କୁମାର ପୃଷ୍ଟି, ସରପଂଚ କିଶୋର ଚନ୍ଦ୍ର ବେହୁରା, ଗଣେଶ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ରନାଥ ସ୍ୱାଇଁ, ଅନନ୍ତ ସିଂହ, କବି ଅମରେନ୍ଦ୍ର ସିଂହଙ୍କ ସମେତ ପ୍ରମୁଖ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ପଣ୍ଡାଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ସମସ୍ତ ଅତିଥି ମାନଙ୍କୁ ପଣ୍ଡା ପରିବାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ଆସିକାରେ ବିଜେଡି ପକ୍ଷରୁ ୧୧୦ତମ ବିଜୁ ଜୟନ୍ତୀ ପାଳନ



ଆସିକା (ମହାଭାରତ): ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ୧୧୦ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଆଜି ପୂର୍ବାହ୍ନ ସମୟରେ ସ୍ଥାନୀୟ କଳିଙ୍ଗାରୋଡ ରୁ ଶତାଧିକ ବିଜେଡି କର୍ମୀ ଏକ ମୋଟର ସାଇକେଲ ରେ ବାହାରି ବିଜୁ ପଟନାୟକ ଛକ ରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଏହାପରେ ଆସିକା ମେଡିକାଲକୁ ରୋଗୀକୁ ଫଳ ବଣ୍ଟନ କରିଥିଲେ। ଆସିକା ବିଜେଡି ର ନୂତନ ବ୍ଲକ ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚି ଙ୍କ ସଭାପତିତ୍ୱ ରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟକ ମଞ୍ଜୁଳା ସ୍ୱାଇଁ, ଆସିକା ପୌରାଞ୍ଚଳ ର ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ହରିଡ଼ାପଦର ସରପଞ୍ଚ ଜୟନ୍ତୀ ବେହେରା,ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ନବ ନଗରସଭାପତି ତାରିଣୀ ସେନାପତି, ନଗର ମହିଳା ସଭାନେତ୍ରୀ ରଶ୍ମିତା ସେନାପତି, ଜିଲ୍ଲା ପରିଷଦ ସଦସ୍ୟ ମନୋଜ କୁମାର ଦୋରା, ଅନିଲ ନାହାକ,ସରପଞ୍ଚ ଭବାନୀ ଶଙ୍କର ମଲ୍ଲିକ,ପୂର୍ବତନ ବ୍ଲକ ଉପାଧକ୍ଷ ରବୀନ୍ଦ୍ର ସାମଲ,ବିଜେଡି ଗଞ୍ଜାମ ଜିଲ୍ଲା ଯୁବ ସଭାପତି ନଚିକେତା ସ୍ୱାଇଁ, ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁ ଙ୍କ ଜନ୍ମ ଜୟନ୍ତୀ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଯୁବ, ଛାତ୍ର ଓ ମହିଳା ମାନେ ଉପସ୍ଥିତ ଥିଲେ।

## ଭାରତୀୟ ନୌସେନାର ଅତିଥି ଜାହାଜ ଉପରେ ଆକ୍ରମଣକୁ ନିନ୍ଦା କଲା ଇରାନ



ତେହେରାନ: ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଅବ୍ବାସ ଆରାଘଚି ଅନ୍ତର୍ଜାତୀୟ ଜଳସୀମାରେ ଇରାନର ଫ୍ରିଗେଟ୍ ଆଇଆର୍ଆଇଏସ୍ ଦେନା ଉପରେ ଆକ୍ରମଣ କରିଥିବାରୁ ଆମେରିକାକୁ ନିନ୍ଦା କରିଛନ୍ତି। ସେ ଏହି ଘଟଣାକୁ 'ସମୁଦ୍ରରେ ଅତ୍ୟାଚାର' ବୋଲି କହିଛନ୍ତି। ଆରାଘଚି ଚେତାବନୀ ଦେଇଛନ୍ତି ଯେ, ୱାସିଂଟନ ଏପରି ଏକ ଉଦାହରଣ ସୃଷ୍ଟି କରିବା ପାଇଁ 'ଅନୁତାପ' କରିବ। ଆମେରିକା ଇରାନର ଉପକୂଳଠାରୁ ବହୁ ଦୂରରେ ବିନା ଚେତାବନୀରେ ଆକ୍ରମଣ କରିଛି। ଶ୍ରୀଲଙ୍କାର ଦକ୍ଷିଣ ଉପକୂଳରେ ଥିବା ଭାରତ ମହାସାଗରର ଅନ୍ତର୍ଜାତୀୟ ଜଳରାଶିରେ ଆମେରିକାର ଏକ ବୁଡ଼ାଜାହାଜ ଇରାନର ଫ୍ରିଗେଟ୍ ଆଇରିସ୍ ଦେନାକୁ ଆକ୍ରମଣ କରି ବୁଡ଼ାଇ ଦେବା ପରେ ଏହି ଜବାବ ଆସିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା ଦ୍ୱାରା ଏପରି ଶତ୍ରୁ ଜାହାଜକୁ ବୁଡ଼ାଇବା ଏହା ପ୍ରଥମ ଘଟଣା ଥିଲା। ଭାରତରେ ମିଳିତ ନୌସେନା ଅଭ୍ୟାସରୁ ଫେରୁଥିବା ବେଳେ ଏହି ଘଟଣା ଘଟିଥିଲା। ରିପୋର୍ଟରୁ ଜଣାପଡିଛି ଯେ ଆମେରିକାର ଆକ୍ରମଣରେ ଆଇଆରଆଇଏସ୍ ଦେନାରେ ଥିବା ୮୦ ଜଣ ନିହତ ହୋଇଥାଇପାରନ୍ତି। ଶ୍ରୀଲଙ୍କା ନୌସେନା ଏପର୍ଯ୍ୟନ୍ତ ଆଇଆର୍ଆଇଏସ୍ ଦେନାରୁ ପ୍ରାୟ ୩୦ ଜଣ ନାବିକଙ୍କୁ ଉଦ୍ଧାର କରିଛି, ବଞ୍ଚିଥିବା ଲୋକଙ୍କୁ ଚିକିତ୍ସା ପାଇଁ ଦକ୍ଷିଣ ବନ୍ଦର ସହର ଗାଲେର କରାପିଟିଆ ଡାକ୍ତରଖାନାକୁ ଅଣାଯାଇଛି।

## ପ୍ରତିଶୋଧ ନେଲା ଇରାନ, ଆମେରିକୀୟ ତେଲ ଟ୍ୟାଙ୍କର ଜାହାଜକୁ ଉଡ଼ାଇଲା



ନୂଆଦିଲ୍ଲୀ : ଭାରତ ମହାସାଗରରେ ଇରାନ ଯୁଦ୍ଧ ଜାହାଜକୁ ଆମେରିକା ଆକ୍ରମଣ କରି ବୁଡ଼ାଇ ଦେବାର କିଛି ଘଣ୍ଟା ପରେ ପ୍ରତିଶୋଧ ନେଇଛି ଇରାନ । ଯେଣକୁ ତେଣା ନୀତିରେ ଆମେରିକାର ଜାହାଜକୁ ଆଟାକ କରିଛି ଇରାନ ଇସ୍ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ (ଓଜଏଓ) । ଉତ୍ତର ପର୍ଶିଆନ ଗଲ୍ଫରେ ଏହି ଜାହାଜକୁ ଆକ୍ରମଣ କରାଯାଇଥିବା ଆଇଆରଜିସି କହିଛି । ଇରାନୀ ସରକାରୀ ଗଣମାଧ୍ୟମ କହିଛି, ଆମେରିକୀୟ ଜାହାଜରେ ନିଆଁ ଲାଗିଯାଇଛି । ତେବେ କ୍ଷୟକ୍ଷତି ସମ୍ପର୍କରେ କିଛି ଜଣାପଡ଼ିନାହିଁ । ଗତକାଲି ଆମେରିକା ଆକ୍ରମଣ କରି ଭାରତ ମହାସାଗରରେ ଯାଉଥିବା ଇରାନ ଜାହାଜ ବୁଡ଼ାଇବା ଦେଇଥିଲା । ଏହାପରେ ଇରାନର ବୈଦେଶିକ ମନ୍ତ୍ରୀ କଡ଼ା ଚେତାବନୀ ଦେଇଥିଲେ । ଶ୍ରୀଲଙ୍କା ଉପକୂଳରେ ଓଜଓଝ ଡେନା ଉପରେ ହୋଇଥିବା ଆକ୍ରମଣ ପାଇଁ ଆମେରିକା ଗଭୀର ଅନୁତାପ କରିବ । ଏହାପରେ ଆଇଆରଜିସି ଆମେରିକା ଜାହାଜ ଉପରେ ଆକ୍ରମଣ କରିଛି । ଇରାନୀ ନୌସେନା ଫ୍ରିଗେଟ୍ ଆଇରିସ୍ ଡେନାକୁ ବୁଡ଼ାଇ ଦେବା ଘଟଣାରେ ଇରାନ କଡ଼ା ପ୍ରତିକ୍ରିୟା ପ୍ରକାଶ କରିବାର କିଛି ଘଣ୍ଟା ପରେ ଏହା ଘଟିଛି । ଇରାନୀ ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ୍ ଆରାଘଚି କହିଥିଲେ, ଭାରତୀୟ ନୌସେନାର ଅତିଥି ଆଇରିସ୍ ଡେନାକୁ ଅନ୍ତର୍ଜାତୀୟ ଜଳସୀମାରେ କୌଣସି ଚେତାବନୀ ବିନା ଫ୍ରିଗେଟ୍ ଡେନା ଉପରେ ଆକ୍ରମଣ କରାଯାଇଥିଲା । ଆରାଘଚି ଚେତାବନୀ ଦେଇଥିଲେ, ଆମେରିକା ପଶ୍ଚାତାପ କରିବ । ଫ୍ରିଗେଟ୍ ଆଇରିସ୍ ଡେନା ଗତ ମାସରେ ଦୁଇଟି ନୌସେନା ଅଭ୍ୟାସରେ ଅଂଶଗ୍ରହଣ କରିବା ପରେ ଭାରତର ବିଶାଖାପାଟଣାରୁ ଇରାନକୁ ଫେରୁଥିବା ବେଳେ ଏହା ଉପରେ ଏକ ଆମେରିକାର ଟରପେଡୋ ମାଡ଼ କରାଯାଇଥିଲା । ଅନ୍ତର୍ଜାତୀୟ ଜଳସୀମାରେ ଏହି ଅଚାନକ ଆକ୍ରମଣରେ ୮୭ ଜଣ ଇରାନୀ ନାବିକଙ୍କ ମୃତ୍ୟୁ ହୋଇଥିଲା । ୬୦ ରୁ ଅଧିକ ଲୋକ ଏବେ ବି ନିଖୋଜ ଅଛନ୍ତି ।

## ଇସ୍ତଫା ଦେଲେ ପଶ୍ଚିମବଙ୍ଗ ରାଜ୍ୟପାଳ

ନୂଆଦିଲ୍ଲୀ: ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ଆଜି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ବୋଷ ତାଙ୍କ ଇସ୍ତଫାପତ୍ର ପଠାଇଛନ୍ତି। ରାଜ୍ୟ ବିଧାନସଭା ନିର୍ବାଚନର କିଛି ସପ୍ତାହ ପୂର୍ବରୁ ବୋଷ ଆଜି ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ଇସ୍ତଫା ଦେବାରୁ ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବୋଷ ସାଢ଼େ ୩ ବର୍ଷ ରାଜ୍ୟପାଳ ଦାୟିତ୍ୱ ତୁଲାଇଛନ୍ତି। ପୂର୍ବତନ ଆଇଏଏସ୍ ? ଅଫିସର ବୋଷଙ୍କୁ ୨୦୨୨ ନଭେମ୍ବରରେ କେନ୍ଦ୍ର ସରକାର ପଶ୍ଚିମବଙ୍ଗର ରାଜ୍ୟପାଳ ନିଯୁକ୍ତ କରିଥିଲେ। ଇସ୍ତଫା ଦେବାପରେ ବୋଷ କହିଛନ୍ତି ଯେ ସେ ରାଜ୍ୟପାଳ ଭାବେ ଅନେକ ସମୟ ଅଫିସ୍ ?ରେ ରହିଲେଣି ତେଣୁ ସେ ଆଉ ଆଗକୁ ଏହି ଦାୟିତ୍ୱ ବହନ କରିବାକୁ ଚାହୁଁନାହାନ୍ତି। ମିଳିଥିବା ସୂଚନାନୁଯାୟୀ ତାମିଲନାଡୁ ରାଜ୍ୟପାଳ ଆର୍ଏନ ରବି ବୋଷଙ୍କ ସ୍ଥାନରେ ପଶ୍ଚିମବଙ୍ଗରେ ନୂଆ ରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି। ଇତି ମଧ୍ୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟପାଳ ସିଭି ଆନନ୍ଦ ବୋଷଙ୍କ ଇସ୍ତଫା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି। ଏକ୍ସରେ ପୋଷ୍ଟ କରି ମମତା କହିଛନ୍ତି, ' ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷଙ୍କର ହଠାତ୍ ଇସ୍ତଫା ଖବର ଶୁଣି ମୁଁ ସ୍ତବ୍ଧ ଏବଂ ଗଭୀର ଚିନ୍ତା ପ୍ରକଟ କରୁଛି। କେଉଁ କାରଣ ପାଇଁ ବୋଷ ଇସ୍ତଫା ଦେଇଛନ୍ତି ତାହା ମମତା ଜାଣିନଥିବା କହିଛନ୍ତି। ତେବେ ବୋଷଙ୍କ ସ୍ଥାନ କିଏ ନେବେ ସେସଂକ୍ରାନ୍ତରେ ସୂଚନା ପ୍ରଦାନ କରି ମମତା କହିଛନ୍ତି, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ମତେ ଏବେ ଅବଗତ କଲେ ଯେ ଆରଏନ ରବି ପଶ୍ଚିମବଙ୍ଗର ନୂଆ ରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି। ମମତା କହିଛନ୍ତି, ଏସଂକ୍ରାନ୍ତରେ ତାଙ୍କ ସହ ପୂର୍ବରୁ କୌଣସି ଆଲୋଚନା କରାଯାଇନି। ଏହା ଭାରତର ସାମ୍ବିଧାନର ଗରିମା ନଷ୍ଟ କରୁଛି ଏବଂ ଆମ ସଂଘୀୟ ଢାଞ୍ଚା ଉପରେ ମଧ୍ୟ ଏହା ଏକ ଆକ୍ରମଣ ବୋଲି ମମତା କହିଛନ୍ତି।

# ଟ୍ରମ୍ପ ଓ ବାଇଡେନଙ୍କୁ ହତ୍ୟା କରିବାକୁ ଇରାନ ନିଯୁକ୍ତି ଦେଇଥିବା ପାକିସ୍ତାନୀ ବ୍ୟକ୍ତିଙ୍କ ସ୍ୱୀକାର

ୱାସିଂଟନ: ଜଣେ ପାକିସ୍ତାନୀ ନାଗରିକ ଇରାନ ପ୍ରରୋଚନାରେ ଆମେରିକାର ବରିଷ୍ଠ ରାଜନୈତିକ ବ୍ୟକ୍ତିତ୍ୱଙ୍କୁ ହତ୍ୟା ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ବୁଧବାର ସାକ୍ଷ୍ୟ ଦେଇଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ତାଙ୍କ ପୂର୍ବସୂରି ଜୋ ବାଇଡେନ୍ ଏବଂ ଜାତିସଂଘର ପୂର୍ବତନ ରାଷ୍ଟ୍ରଦୂତ ନିକି ହାଲିଙ୍କୁ ହତ୍ୟା କରିବା ପାଇଁ ଇରାନର ଗୁପ୍ତଚର କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ନିଯୁକ୍ତି ଦେଇଥିଲେ। ବ୍ରୁକଲିନର ଫେଡେରାଲ୍ ଡିଷ୍ଟ୍ରିକ୍ଟ କୋର୍ଟରେ ଆତଙ୍କବାଦ ଓ ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗର ସମ୍ମୁଖୀନ ହୋଇଥିବା ଆସିଫ୍ ମର୍ଚାଣ୍ଟ ନିଜ ପ୍ରତିରକ୍ଷାରେ ସାକ୍ଷ୍ୟ ଦେଇଛନ୍ତି। ସେ କୋର୍ଟଙ୍କୁ କହିଛନ୍ତି ଯେ, ସେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଚାହୁଁ ନ ଥିଲେ ଏବଂ ଆରମ୍ଭରୁ ବିଶ୍ୱାସ କରୁଥିଲେ ଯେ ଅପରେସନ୍ ବିଫଳ ହେବ।

ହାଲୁକା ନୀଳ ରଙ୍ଗର ସାର୍ଟ ଉପରେ ଧୂସର ସ୍ୱେଟର ପିନ୍ଧିଥିବା ମର୍ଚାଣ୍ଟ ସ୍ପଷ୍ଟ ଉର୍ଦ୍ଦୁ ଭାଷାରେ କହିବା ବେଳେ ତାଙ୍କ ପାଖରେ ଜଣେ ଅନୁବାଦକ ଥିଲେ। ଓକିଲଙ୍କ କହିବା ଅନୁଯାୟୀ, ଏହି ଷଡ଼ଯନ୍ତ୍ରରେ ହିଟମ୍ୟାନ୍ ନିଯୁକ୍ତି କରିବା, ସମ୍ବେଦନଶୀଳ ଦସ୍ତାବିଜ ଚୋରି କରିବା, ବିକ୍ଷୋଭ ପ୍ରଦର୍ଶନ କରିବା ଏବଂ ଆମେରିକାରେ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ହତ୍ୟା କରିବା ଅନ୍ତର୍ଭୁକ୍ତ ଥିଲା। ମର୍ଚାଣ୍ଟ ଖଣ୍ଡପୀଠଙ୍କୁ କହିଥିଲେ ଯେ, ତାଙ୍କୁ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ହତ୍ୟା କରିବାକୁ ସିଧାସଳଖ ନିର୍ଦ୍ଦେଶ ଦିଆଯାଇ ନାହିଁ। ତେହେରାନରେ ଏକାଧିକ ଆଲୋଚନା ସମୟରେ ତାଙ୍କ ଇରାନ ହ୍ୟାଣ୍ଡଲର୍ ତିନିଜଣ ଉଚ୍ଚ ପ୍ରୋଫାଇଲ୍ ରାଜନୈତିକ ବ୍ୟକ୍ତିତ୍ୱଙ୍କ ବିଷୟରେ ଉଲ୍ଲେଖ କରିଥିଲେ: ଟ୍ରମ୍ପ, ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଦକ୍ଷିଣ କାରୋଲିନାର ପୂର୍ବତନ ଗଭର୍ଣ୍ଣର ନିକି ହାଲି।






ବୁଧବାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ କହିଛନ୍ତି ଯେ ୨୦୨୪ରେ ଟ୍ରମ୍ପଙ୍କୁ ହତ୍ୟା ଷଡ୍ ?ଯନ୍ତ୍ର କରିଥିବା ଇରାନର ନେତାଙ୍କୁ ଆମେରିକାର ଆକ୍ରମଣରେ ହତ୍ୟା କରାଯାଇଛି। ଟ୍ରମ୍ପ ପ୍ରଶାସନ କହିଛି ଯେ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନର ଉଦ୍ୟମ ଇରାନ ଆକ୍ରମଣ ପଛରେ ଗୋଟିଏ କାରଣ ଥିଲା।

ଓକିଲମାନେ ଅଭିଯୋଗ କରିଛନ୍ତି ଯେ, ମର୍ଚାଣ୍ଟ ଇରାନର ସେନା ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ, ଯାହା ମେଜର ଜେନେରାଲ କାସିମ ସୁଲେମାନୀଙ୍କ ହତ୍ୟା ପାଇଁ ଦୀର୍ଘ ଦିନ ଧରି ପ୍ରତିଶୋଧ ନେବାକୁ ଚେଷ୍ଟା କରିଥିଲା।

ମର୍ଚ୍ଚାଣ୍ଟ ନିଜକୁ ଜଣେ ଅଭିଜ୍ଞ ବ୍ୟବସାୟୀ ଭାବରେ ବର୍ଣ୍ଣନା କରିଥିଲେ, ଯିଏ କଦଳୀ ରପ୍ତାନି, କାର୍ ବିକ୍ରୟ ଓ ଗ୍ଲାସ୍ ଫାଇବର ଇନସୁଲେସନ୍ ଆମଦାନି ସମେତ ଅନେକ ବ୍ୟବସାୟରେ ପ୍ରବେଶ କରିବା ପୂର୍ବରୁ ବ୍ୟାଙ୍କିଙ୍ଗରେ କାର୍ଯ୍ୟ କରିଥିଲେ। ଶେଷରେ ସେ ତାଙ୍କ କକାଙ୍କ ପୋଷାକ ବ୍ୟବସାୟରେ ଯୋଗ ଦେଇଥିଲେ।

ମର୍ଚ୍ଚାଣ୍ଟଙ୍କର ଦୁଇ ପତ୍ନୀଙ୍କ ସହିତ ପାଞ୍ଚଟି ସନ୍ତାନ ଅଛନ୍ତି। ଦୁଇ ପତ୍ନୀଙ୍କ ମଧ୍ୟରୁ ଜଣେ ପାକିସ୍ତାନରେ ଓ ଅନ୍ୟ ଜଣେ ଇରାନରେ ରହନ୍ତି। ଇରାନୀ ଅଧିକାରୀଙ୍କ ସହ ତାଙ୍କର ସମ୍ପୃକ୍ତି ୨୦୨୨ର ଶେଷ ଭାଗରେ ଜଣେ ସମ୍ପର୍କୀୟ ଭାଇଙ୍କ ମାଧ୍ୟମରେ ଆରମ୍ଭ ହୋଇଥିଲା ଯିଏ ତାଙ୍କୁ ରିଭଲ୍ୟସନାରି ଗାର୍ଡ କର୍ପସର ସଦସ୍ୟ ମେହେରଦାଦ ୟୁସେଫ୍ ନାମକ ଜଣେ ବ୍ୟକ୍ତିଙ୍କ ସହ ପରିଚିତ କରାଇଥିଲେ। ତାଙ୍କୁ ବିକ୍ଷୋଭ ଆୟୋଜନ କରିବା, ଦସ୍ତାବିଜ ଚୋରି କରିବା, ଟଙ୍କା ହେରଫେର କରିବା ଏବଂ ପ୍ରମୁଖ ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ହତ୍ୟା ବ୍ୟବସ୍ଥା କରିବାର ଦାୟିତ୍ୱ ଦିଆଯାଇଥିଲା। ସେ ଦାବି କରିଛନ୍ତି ଯେ ସେ ପ୍ରସ୍ତାବରେ ରାଜି ହୋଇଥିଲେ କାରଣ ସେ ଇରାନରେ ରହୁଥିବା ତାଙ୍କ ପତ୍ନୀ ଓ କନ୍ୟାଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ଥିଲେ। ଶେଷରେ ମର୍ଚ୍ଚାଣ୍ଟଙ୍କୁ ଜୁଲାଇ ୧୨, ୨୦୨୪ରେ ଟେକ୍ସାସର ରିଚମଣ୍ଡରେ ଗିରଫ କରାଯାଇଥିଲା, ଯାହା ପରେ ବିଚାରର ସମ୍ମୁଖୀନ ହେବା ପାଇଁ ନ୍ୟୁୟର୍କକୁ ସ୍ଥାନାନ୍ତର କରାଯାଇଥିଲା।

## ଇରାନ ଦୂତାବାସରେ ସମବେଦନା ଜଣାଇଲେ ବୈଦେଶିକ ସଚିବ

ନୂଆଦିଲ୍ଲୀ: ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁରେ ଭାରତ ଶୋକ ପ୍ରକାଶ କରିଛି। ଭାରତ ସରକାରଙ୍କ ପକ୍ଷରୁ ବୈଦେଶିକ ସଚିବ ବିକ୍ରମ ମିଶ୍ର ଆଜି ଦିଲ୍ଲୀସ୍ଥିତ ଇରାନ ଦୂତାବାସରେ ପହଞ୍ଚି ଶୋକ ପୁସ୍ତକରେ ସ୍ୱାକ୍ଷର କରିବା ସହ ସ୍ୱର୍ଗତଃ ଆୟାତୋଲ୍ଲା ଅଲି ଖେମିନିଙ୍କ ପ୍ରତି ମଧ୍ୟ ସମବେଦନା ଜଣାଇଛନ୍ତି। ଉଲ୍ଲେଖନୀୟ, ୧୯୮୯ ମସିହାରୁ ଇରାନର ସର୍ବୋଚ୍ଚ ରାଜନୈତିକ ଓ ଧାର୍ମିକ ନେତା ରହିଆସିଥିଲେ ଆୟାତୋଲ୍ଲା ଅଲି ଖେମିନି। ଫେବୃଆରୀ ୨୮ ତାରିଖରେ ଆମେରିକା-ଇସ୍ରାଏଲ ଏୟାରଷ୍ଟ୍ରାଇକରେ ୮୬ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଛି। ଏହି ମିଳିତ ଆକ୍ରମଣରେ ଖେମିନିଙ୍କ ଗୁପ୍ତ ଠିକଣା ଉପରେ ୩୦ଟି କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା।



ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ହତ୍ୟା ପ୍ରତିବାଦରେ ବିଶ୍ୱର ଅନେକ ଦେଶରେ ଏହାର ବିକ୍ଷୋଭ ଓ ଶୋଭାଯାତ୍ରା ଦେଖିବାକୁ ମିଳିଛି। କାଶ୍ମୀରରେ ରବିବାର ଖେମିନିଙ୍କ ହତ୍ୟାକୁ ନେଇ ବଡ଼ଧରଣର ବିକ୍ଷୋଭ ଓ ପ୍ରତିବାଦ ପରେ ଗୁରୁବାର ପଞ୍ଚମ ଦିନ ପାଇଁ କଟକଣା ଜାରି ରହିଛି। ପୁଲିସ ନ୍ୟାସନାଲ କନଫରେନ୍ସ ଲୋକସଭା ସାଂସଦ ଆଗା ରୁହୁଲାହ ଓ ପୂର୍ବତନ ଶ୍ରୀନଗର ମେୟର ଜୁନେଦ ମାଟୁଙ୍କ ବିରୋଧରେ ଏତଲା ରୁଜୁ କରିଛି। ଖେମିନିଙ୍କ ହତ୍ୟାକୁ ନେଇ ସାମାଜିକ ଗଣମାଧ୍ୟମରେ ସେମାନଙ୍କ ପୋଷ୍ଟ ବିରୋଧରେ ଏହି ଏତଲା ରୁଜୁ ହୋଇଛି। ପ୍ରତିବାଦକୁ ଦେଖି ପୁଲିସ ଓ ଅର୍ଦ୍ଧସାମରିକ ବାହିନୀ ଶ୍ରୀନଗରର ବିଭିନ୍ନ ରାସ୍ତାରେ ତାରବାଡ଼ ଓ ସଶସ୍ତ୍ର ଯାନ ମୁତୟନ କରିଛି। ଶିଆବହୁଳ ଅଞ୍ଚଳରେ ପ୍ରତିବାଦ ରୋକିବାକୁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଗୁରୁବାର ମଧ୍ୟ କଟକଣା ବଳବତ୍ତର ରହିଛି।

ଲାଲଚେ ?କର ଐତିହାସିକ ଘଣ୍ଟାଘର ଅଞ୍ଚଳକୁ ବନ୍ଦ କରିଦିଆ ଯାଇଥିବାବେଳେ ଏହା ନିକଟକୁ ଲୋକଙ୍କୁ ଛଡ଼ା ଯାଉନାହିଁ। ରବିବାର ଶିଆ ମୁସଲମାନମାନେ ଏଠାରେ ପ୍ରତିବାଦ କରିବା ସହିତ ଇରାନୀ ପତାକା ଉଡ଼ାଇ ଥିଲେ। ଉତ୍ତେଜନାକୁ ଲକ୍ଷ୍ୟ କରି କାଶ୍ମୀରରେ ସମସ୍ତ ଶିକ୍ଷାନୁଷ୍ଠାନ ଆସନ୍ତା ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ପୁଲିସ ମିଥ୍ୟା ଖବର ପ୍ରସାରଣ ଓ ଫେକ୍ ନ୍ୟୁଜ ନେଟୱର୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କାଶ୍ମୀରସ୍ଥିତ କେତେକ ଖବରକାଗଜ ସଂସ୍ଥା ଗ୍ରେଟର କାଶ୍ମୀର, କାଶ୍ମୀର ଲାଇଫ, ରାଇଜିଂ କାଶ୍ମୀର ଓ ବ୍ରାଇଟର କାଶ୍ମୀରର ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ସରକାରଙ୍କ ଅନୁରୋଧ ପରେ ମେଟା ପକ୍ଷରୁ ବ୍ଲକ କରାଯାଇଛି। ପୁଲିସ ଅନେକ ବିକ୍ଷୋଭକାରୀଙ୍କୁ ଅଟକ ରଖିଛି।

## ତୃଣମୂଳର ଭୋଟ୍‌ବ୍ୟାଙ୍କକୁ ଖାଇଲା ଏସ୍‌ଆଇଆର

କୋଲକାତା: ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଟିଏମ୍‌ସିର ଭୋଟ୍ ବ୍ୟାଙ୍କକୁ କ୍ଷତି ପହଞ୍ଚାଉଛି। ଏହା ବିଧାନସଭା ନିର୍ବାଚନ ପୂର୍ବରୁ ମୁସଲମାନବହୁଳ ଅଞ୍ଚଳ ଏବଂ ୨୪ ପ୍ରଗଣାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାକୁ ପ୍ରଭାବିତ କରିଛି, ଯଦିଓ ଶାସକ ଦଳ ଅଧିକ ଭୋଟ୍ ପାଇବା ପାଇଁ ବଙ୍ଗାଳୀ ଗର୍ବ ଏବଂ ମହିଳା ଓ ସଂଖ୍ୟାଲଘୁ ଏକୀକରଣ ଉପରେ ଜୋର ଦେଉଛି। ଭୋଟର ତାଲିକା ସଂଶୋଧନର ଗଭୀର ପ୍ରଭାବ ଉତ୍ତର ୨୪ ପ୍ରଗଣା, ଦକ୍ଷିଣ ୨୪ ପ୍ରଗଣା, ମୁର୍ଶିଦାବାଦ, ମାଲଦା, ଉତ୍ତର ଦିନାଜପୁର ଏବଂ ଦକ୍ଷିଣ ଦିନାଜପୁରରେ ରହିଛି। ଏହି ଛଅଟି ଜିଲ୍ଲାରେ ୧୦୦ରୁ ଅଧିକ ବିଧାନସଭାଆସନ ରହିଛି, ଯେଉଁଥିରେ କେବଳ ଦୁଇଟି ୨୪ ପ୍ରଗଣାରେ ୬୪ଟି ଆସନ ରହିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟ ୨୦୧୧ ମସିହାରୁ ଟିଏମ୍‌ସି ଆଧିପତ୍ୟର କେନ୍ଦ୍ରବିନ୍ଦୁ ପାଲଟିଛି। ୨୦୨୧ ବିଧାନସଭା ନିର୍ବାଚନରେ ଦଳ ସମସ୍ତ ଛଅଟି ଆସନରେ ବିଜୟୀ ହୋଇଥିଲା। କେବଳ ମୁର୍ଶିଦାବାଦରେ ୧୧ ଲକ୍ଷରୁ ଅଧିକ ଭୋଟର ବିଚାରାଧୀନ ଅଛନ୍ତି, ଯାହା ରାଜ୍ୟରେ ସର୍ବାଧିକ ଏବଂ ମାଲଦାରେ ପ୍ରାୟ ୮.୩ ଲକ୍ଷ ଭୋଟର ବିଚାରାଧୀନ ଅଛନ୍ତି। ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଉତ୍ତର ୨୪ ପ୍ରଗଣାରେ ପ୍ରାୟ ୫.୯ ଲକ୍ଷ ଭୋଟର ଯାଞ୍ଚରେ ଥିବାବେଳେ ଦକ୍ଷିଣ ୨୪ ପ୍ରଗଣାରେ ପ୍ରାୟ ୫.୨ ଲକ୍ଷ ମାମଲା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପ୍ରାୟ ୨୩ ଲକ୍ଷ ଲୋକଙ୍କ ନାମ କଟିବା ସମ୍ଭାବନା ରହିଛି। ଉତ୍ତର ଓ ଦକ୍ଷିଣ ୨୪ ପ୍ରଗଣା ଉପରେ ନିୟନ୍ତ୍ରଣ ପ୍ରାୟତଃ ସ୍ଥିର କରେ ଯେ କିଏ ବଙ୍ଗଳାକୁ ଶାସନ କରିବେ। ଯଦି ଏହି ପାଞ୍ଚଟି ଜିଲ୍ଲାରେ ଦଳର ସଂଖ୍ୟା ହ୍ରାସ ପାଏ, ତେବେ ଏହା ଦଳ ପାଇଁ ଏକ ଚ୍ୟାଲେଞ୍ଜ ହୋଇପାରେ। ଆମେ ଜାଣୁ ଯେ ଏହି ଚ୍ୟାଲେଞ୍ଜକୁ କିପରି ବିଜୟରେ ପରିଣତ କରାଯିବ ବୋଲି ଟିଏମ୍‌ସିର ଜଣେ ନେତା କହିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ପରିଣାମ ସ୍ୱରୂପ ୬୩.୬୬ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିଲା। ସଂଶୋଧନ ପୂର୍ବରୁ ୭.୬୬ କୋଟି ଥିବା ମତଦାତା ସଂଖ୍ୟା ବର୍ତ୍ତମାନ ୭.୦୪ କୋଟିକୁ ହ୍ରାସ ପାଇଛି। ଅନ୍ୟ ୬୦.୦୬ ଲକ୍ଷ ଭୋଟରଙ୍କ ବିଚାର ଚାଲିଛି, ସେମାନେ ଦସ୍ତାବିଜ ଯାଞ୍ଚ ପାଇଁ ଅପେକ୍ଷା କରିଛନ୍ତି।

# ବିଶ୍ୱସ୍ତରୀୟ ଶକ୍ତି ପ୍ରଦର୍ଶନ: ୧୬୦ ଦେଶରେ ଲକ୍ଷେରୁ ଅଧିକ ଆମେରିକୀୟ ସୈନ୍ୟ ନିୟୋଜିତ ଥିବା କହିଲା ପେଣ୍ଟାଗନ

ୱାସିଂଟନ: ପରିବର୍ତ୍ତିତ ବିଶ୍ୱସ୍ତରୀୟ ସୁରକ୍ଷା ପରିସ୍ଥିତି ମଧ୍ୟରେ ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ନିଜର ସାମରିକ ଶକ୍ତି ଏବଂ ପ୍ରସ୍ତୁତିର ଏକ ବିରାଟ ବିବରଣୀ ଉପସ୍ଥାପନ କରିଛି। ବର୍ତ୍ତମାନ, ବିଶ୍ୱର ୧୬୦ ବିଭିନ୍ନ ଦେଶରେ ୧ ଲକ୍ଷ ୮ ହଜାରରୁ ଅଧିକ ଆମେରିକୀୟ ସୈନିକ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଏହି ସୈନିକମାନେ କେବଳ ଆମେରିକାର ସ୍ୱାର୍ଥକୁ ସୁରକ୍ଷା ଦେଉଛନ୍ତି ନାହିଁ, ବରଂ ବିଶ୍ୱ ସ୍ତରରେ ଉଭା ହେଉଥିବା ନୂତନ ସୁରକ୍ଷା ଚ୍ୟାଲେଞ୍ଜର ମଧ୍ୟ ମୁକାବିଲା କରୁଛନ୍ତି। ଏହି ନିୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଇରାନ, ଚୀନ୍ ଏବଂ ରୁଷ ଭଳି ଦେଶଗୁଡ଼ିକର ସମ୍ଭାବ୍ୟ ଚ୍ୟାଲେଞ୍ଜକୁ ପ୍ରଭାବଶାଳୀ ଭାବରେ ମୁକାବିଲା କରିବା ଏବଂ ଅନ୍ତର୍ଜାତୀୟ ସ୍ଥିରତା ବଜାୟ ରଖିବା। ଏକ ସିନେଟ୍ କମିଟି ସମ୍ମୁଖରେ ସାକ୍ଷ୍ୟ ଦେଇ, ଆମେରିକୀୟ ସେନାର ଉପାଧ୍ୟକ୍ଷ ଜେନେରାଲ କ୍ରିଷ୍ଟୋଫର ଲାନେଭ କହିଛନ୍ତି, ଆମର ସୈନ୍ୟମାନେ ବର୍ତ୍ତମାନ ସାରା ବିଶ୍ୱରେ ସକ୍ରିୟ ଅଛନ୍ତି। ଏହି ସାହସୀ ସୈନିକମାନେ ପଶ୍ଚିମ ଗୋଲାର୍ଦ୍ଧର ସୁରକ୍ଷା ସୁନିଶ୍ଚିତ କରୁଛନ୍ତି, ଏବଂ ଇରାନ ତଥା ଏହାର ଆଞ୍ଚଳିକ ସହଯୋଗୀମାନଙ୍କ ଦ୍ୱାରା କ୍ଷେପଣାସ୍ତ୍ର



ଓ ବିପଦପୂର୍ଣ୍ଣ ଡ୍ରୋନ୍ ଆକ୍ରମଣକୁ ପ୍ରତିରୋଧ କରୁଛନ୍ତି। ସେମାନେ ଦିନରାତି ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି, ନିଜ ଜୀବନକୁ ବାଜି ଲଗାଇ, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ସୁରକ୍ଷା ଦେବା ସହିତ ଶତ୍ରୁ କାର୍ଯ୍ୟକଳାପ ଉପରେ ସତର୍କ ନଜର ରଖିଛନ୍ତି।

ଆଡମିରାଲ ଜେମ୍ସ କିଲବି ଆଇନ ପ୍ରଣୟନକାରୀମାନଙ୍କୁ ସୂଚନା ଦେଇଛନ୍ତି ଯେ ଆମେରିକା ନୌସେନା ଏବେ ଏହାର ଜାହାଜଗୁଡ଼ିକୁ ଆଧୁନିକୀକରଣ କରିବା ଏବଂ ଯୁଦ୍ଧଜାହାଜ ମରାମତିରେ ଦୀର୍ଘ ବିଳମ୍ବ ହ୍ରାସ କରିବା ଉପରେ ଧ୍ୟାନ ଦେଉଛି। ଭବିଷ୍ୟତର ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ବାୟୁସେନା ପ୍ରତିବର୍ଷ ପ୍ରାୟ ୧,୫୦୦ ନୂତନ ପାଇଲଟଙ୍କୁ କଠୋର ତାଲିମ ଦେଉଛି ଯାହା ଦ୍ୱାରା ଆବଶ୍ୟକ ହେଲେ ଶତ୍ରୁ ବିରୁଦ୍ଧରେ ଶୀଘ୍ର ଏବଂ ସଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ବି-୨୧ ବୋମାବର୍ଷୀ ଭଳି ନୂତନ ଯୁଦ୍ଧ ପ୍ରଣାଳୀର ବିକାଶ ଏବଂ ବିଦ୍ୟମାନ ବିମାନର ଆଧୁନିକୀକରଣ ଆମେରିକୀୟ ସେନାର ଭବିଷ୍ୟତ ରଣନୈତିକ ପ୍ରସ୍ତୁତିର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଦୃଢ଼ ଉପାଦାନ ପାଲଟିଛି। ମହାକାଶ ବାହିନୀର ବରିଷ୍ଠ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ଆଜିର ଆଧୁନିକ ଯୁଦ୍ଧରେ, ମହାକାଶର ଭୂମିକା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ, ସମ୍ବେଦନଶୀଳ ଏବଂ ନିର୍ଣ୍ଣାୟକ ହୋଇଯାଇଛି। ସମ୍ପ୍ରତି, କ୍ଷେପଣାସ୍ତ୍ର ସତର୍କତା, ସଠିକତା ନାଭିଗେସନ୍ ଏବଂ ମହାକାଶ ନିରୀକ୍ଷଣ ପାଇଁ ଅନେକ ନୂତନ, ଉନ୍ନତ ଉପଗ୍ରହ ଉତକ୍ଷେପଣ କରାଯାଇଛି, ଯାହା ଶତ୍ରୁର ପ୍ରତ୍ୟେକ ଛୋଟ ଏବଂ ବଡ଼ ଗତିବିଧିକୁ ସମୟାନୁସାରେ ଚିହ୍ନଟ କରିବାରେ ସକ୍ଷମ ହୋଇଛି। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚୀନ୍‌ର କ୍ରମବର୍ଦ୍ଧିଷ୍ଣୁ ଆକ୍ରମଣାତ୍ମକ ସାମରିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ, ମାରିନ୍ କର୍ପସ ଏବଂ ଆମେରିକା ନୌସେନା ସତର୍କତା ବୃଦ୍ଧି କରୁଛନ୍ତି। ଏହା ଆମେରିକାର ସହଯୋଗୀମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ନିଶ୍ଚିତତା ପ୍ରଦାନ କରୁଛି।

ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସାମରିକ ବାହିନୀ ଥିବା ସତ୍ତ୍ୱେ, ଆମେରିକୀୟ ସୈନ୍ୟମାନେ ପୁରୁଣା ଅସ୍ତ୍ରଶସ୍ତ୍ର, ମରାମତି ବିଳମ୍ବ ଏବଂ ସ୍ପେୟାର ପାର୍ଟସର ଗୁରୁତର ଅଭାବ ସମେତ ଅନେକ ଗମ୍ଭୀର ବୈଷୟିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାରୀ ଉତ୍ତରଦାୟିତ୍ୱ କାର୍ଯ୍ୟାଳୟ କଡ଼ା ଚେତାବନୀ ଦେଇଛି ଯେ, ଯଦି ଏହି ମୌଳିକ ତ୍ରୁଟିଗୁଡ଼ିକୁ ତୁରନ୍ତ ସମାଧାନ କରାନଯାଏ, ତେବେ ସାମରିକ ବାହିନୀର ଭବିଷ୍ୟତ ଯୁଦ୍ଧ ପ୍ରସ୍ତୁତି ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇପାରେ। ପେଣ୍ଟାଗନ ଅଧିକାରୀମାନେ ଏବେ ଏହି ଅଭାବଗୁଡ଼ିକୁ ଦୂର କରିବା ପାଇଁ ବଜେଟ ଆବଣ୍ଟନ ଏବଂ ଆଧୁନିକ ପ୍ରଯୁକ୍ତିର ସର୍ବୋତ୍ତମ ବ୍ୟବହାର ମଧ୍ୟରେ ଏକ ଦୃଢ଼ ଏବଂ ସ୍ଥାୟୀ ସମନ୍ୱୟ ସ୍ଥାପନ କରିବା ପାଇଁ କାର୍ଯ୍ୟ କରୁଛନ୍ତି।

## ଭାଜପା ଚାଲ୍‌ରେ ଫସିଲେ ନୀତୀଶ

ପାଟନା : ୨୦୨୫ ବିହାର ବିଧାନସଭା ନିର୍ବାଚନ ସମୟରେ ରାଜଧାନୀ ପାଟନା ସମେତ ବିଭିନ୍ନ ଜିଲାରେ ନୀତୀଶ କୁମାରଙ୍କ ଫଟୋ ଥିବା ପୋଷ୍ଟର ଦେଖାଯାଇଥିଲା। ଏହାର ଅର୍ଥ ହେଉଛି ନୀତୀଶ କୁମାର ୨୦୨୫ ରୁ ୨୦୩୦ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିବେ। କିନ୍ତୁ ରାଜନୀତି ଏକ ଅଦ୍ଭୁତ କଥା। କ'ଣ ହୋଇପାରେ ତାହା କେହି ଜାଣିପାରିବେ ନାହିଁ। ଜନତା ଦଳ ୟୁନାଇଟେଡ (ଜେଡିୟୁ) ନୀତୀଶ କୁମାରଙ୍କୁ ପାଞ୍ଚ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖିଥିଲା, କିନ୍ତୁ ସେହି ନୀତୀଶ କେବଳ ଚାରି ମାସ ମଧ୍ୟରେ ପାଟନାରୁ ଦିଲ୍ଲୀକୁ ଯାଉଛନ୍ତି। ଏବେ ପ୍ରଶ୍ନ ଉଠାଯାଉଛି ଯେ, ଏସବୁ ହଠାତ୍ ଘଟିଲା ନା ପୂର୍ବ ପ୍ରସ୍ତୁତି ଥିଲା। ପ୍ରଥମେ ଏକ ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରାଯାଇଥିଲା, ତା'ପରେ ଯେତେବେଳେ ପବନ ସେମାନଙ୍କ ବିରୋଧରେ ଗଲା, ନୀତୀଶଙ୍କୁ ନିଜ ଆଡ଼କୁ ନିଆଯାଇଯାଇଥିଲା ଏବଂ ଏବେ ଯେତେବେଳେ ଜିନିଷଗୁଡ଼ିକ ଠିକ ହେବା ପରି ଲାଗିଲା, ମାସ ମାସ ପୂର୍ବରୁ ତିଆରି ହୋଇଥିବା ଯୋଜନା କାର୍ଯ୍ୟକାରୀ ହେଲା। ରାଜନୈତିକ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଭାଜପାର ଏସବୁ ଯୋଜନା ଥିଲା। ଏହା ହଠାତ୍ ହୋଇ ନ ଥିଲା। ଏହା ଯୋଜନାବଦ୍ଧ ଥିଲା ଏବଂ ଏବେ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ହୋଲି ଭଳି ବଛାଯାଇଥିଲା। କାରଣ ନୀତୀଶ କୁମାର, ଯାହାଙ୍କ ମୁହଁରେ ଏନଡିଏ ନିର୍ବାଚନ ଜିତିଥିଲା, ସେ ରାଜ୍ୟ ସଭାକୁ ଯାଉଛନ୍ତି ଶୁଣି ଲୋକେ ରାଗିବେ ନାହିଁ।

# ଟି-୨୦ ଫାଇନାଲରେ ନ୍ୟୁଜିଲାଣ୍ଡ

## ଦ. ଆଫ୍ରିକାକୁ ନିରାଶ କଲା ଆଲେନଙ୍କ ଶତକ

କୋଲକାତା,୫।୩: ୨୦୨୬ ଟି୨୦ ବିଶ୍ୱକପର ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇଛି। ଫିନ୍ ଆଲେନ୍ ଐତିହାସିକ ଶତକ ହାସଲ କରି ନ୍ୟୁଜିଲାଣ୍ଡକୁ ରେକର୍ଡ ବିଜୟୀ କରାଇଛନ୍ତି। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ପ୍ରଥମ ଦଳ ଭାବେ ଚଳିତ ଟି-୨୦ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି । ଅନ୍ୟପଟେ ପରାଜୟ ସହିତ ଦକ୍ଷିଣ ଆଫ୍ରିକାର ଟି୨୦ ବିଶ୍ୱକପ ଜିତିବାର ସ୍ୱପ୍ନ ପୁଣି ଥରେ ଚୂରମାର ହୋଇଛି।୨୦୨୬ ଟି୨୦ ବିଶ୍ୱକପର ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୧୬୯ ରନ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ମାତ୍ର ୧୨.୫ ଓଭରରେ ୧୭୩ ରନ କରି ମ୍ୟାଚ୍ ଏକତରଫା ଭାବେ ଜିତି ନେଇଛି । ଫିଲ୍ ଆଲେନ୍ ନ୍ୟୁଜିଲାଣ୍ଡ ପାଇଁ ମ୍ୟାଚ୍ ବିଜୟୀ ଇନିଂସ ଖେଳିଛନ୍ତି । ସେ ୩୩ ବଲ୍ ରୁ ଅପରାଜିତ ୧୦୦ ରନ କରି ଦଳକୁ ଫାଇନାଲରେ ପହଞ୍ଚାଇଛନ୍ତି । ତାଙ୍କର ଏହି ଇନିଂସରେ ୧୦ ଚୌକା ଏବଂ ୮ ଛକା ସାମିଲ । ନ୍ୟୁଜିଲାଣ୍ଡ ଦ୍ୱିତୀୟ ଥର ପାଇଁ ଟି୨୦ ବିଶ୍ୱକପ ଫାଇନାଲରେ ପହଞ୍ଚିଛି।




ଆଲେନ୍ ବ୍ୟତୀତ, ଓପନିଂ ବ୍ୟାଟର ଟିମ୍ ସେଇଫର୍ଟ ମଧ୍ୟ କିୱି ଦଳ ପାଇଁ ଏକ ଚମତ୍କାର ଇନିଂସ ଖେଳିଥିଲେ। ସିଫର୍ଟ ୩୩ ବଲ୍ ରୁ ୭ ଚୌକା ଏବଂ ୨ ଛକା ସହାୟତାରେ ୫୮ ରନ କରିଥିଲେ। ଦୁଇ ଓପନର ପ୍ରଥମ ୱିକେଟ ପାଇଁ ୫୫ ବଲ୍ ରେ ୧୧୭ ରନର ପାର୍ଟନରସିପ୍ କରିଥିଲେ। ତା'ପରେ ରଚିନ୍ ରବିନ୍ଦ୍ର ଏବଂ ଫିନ୍ ଆଲେନ୍ ୨୨ ବଲରେ ଦ୍ୱିତୀୟ ୱିକେଟ ପାଇଁ ୫୬ ଅପରାଜିତ ରନ୍ ଭାଗୀଦାରୀ କରି ଦଳକୁ ୪୩ ବଲ୍ ପୂର୍ବରୁ ବିଜୟୀ କରାଇଥିଲେ ।ଉଲ୍ଲେଖନୀୟ ଫିନ୍ ଆଲେନ୍ ଟି୨୦ ବିଶ୍ୱକପ୍ ଇତିହାସରେ ଦ୍ରୁତତମ ଶତକ ପୂରଣ କରିଥିଲେ। ପୂର୍ବରୁ, ଟି୨୦ ବିଶ୍ୱକପରେ ଦ୍ରୁତତମ ଶତକର ରେକର୍ଡ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲଙ୍କ ନାମରେ ଥିଲା। ଗେଲ୍ ୨୦୧୬ ଟି୨୦ ଟୁର୍ଣ୍ଣାମେଣ୍ଟରେ ୪୭ ବଲ୍ ରେ ତାଙ୍କର ଶତକ ପୂରଣ କରିଥିଲେ। ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୬୯/୮ ରନ୍ କରିଥିଲା। ଦଳ ୭୭ ରନ୍ ରେ ୫ ୱିକେଟ୍ ହରାଇ ଏହି ସ୍କୋର ହାସଲ କରିଥିଲା। ଆଶା କରାଯାଉଥିଲା ମ୍ୟାଚ୍ ରୋଚକ ହେବ । କିନ୍ତୁ ନ୍ୟୁଜିଲ୍ୟାଣ୍ଡ ଏହାକୁ ଏକତରଫା ଭାବେ ଜିତି ନେଇଛି । ରନ ଚେଜ୍‌ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ସମସ୍ତ ବୋଲର ବିଫଳ ହୋଇଥିଲେ। କିୱି କେବଳ ଗୋଟିଏ ୱିକେଟ୍ ହରାଇ ମ୍ୟାଚ୍‌କୁ ଜିତି ନେଇଛନ୍ତି । ଆଫ୍ରିକା ପକ୍ଷରୁ ମାର୍କ ଜାନସେନ୍ ସବୁଠାରୁ ମହଙ୍ଗା ବୋଲର ହୋଇଥିଲେ, ଯିଏ ୨.୫ ଓଭରରେ ୧୮.୭୦ ଇକୋନୋମି ରେଟ୍ ସହିତ ୫୩ ରନ୍ ଦେଇଥିଲେ। କର୍ବିନ୍ ବୋଶ୍ ମଧ୍ୟ ୨ ଓଭରରେ ୩୫ ରନ୍ ଦେଇଥିଲେ। କେଶବ ମହାରାଜ ୩ ଓଭରରେ ୩୩ ରନ୍, ଲୁଙ୍ଗି ଏନଗିଡି ୨ ଓଭରରେ ୨୨ ରନ୍ ଏବଂ କାଗିସୋ ରାବାଡା ୩ ଓଭରରେ ୨୮ ରନ୍ ଦେଇଥିଲେ।

# ରିଷି ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



କୋଣାର୍କ - କୋଣାର୍କ ନିକଟସ୍ଥ ରାମଚଣ୍ଡୀ ଥାନା ଅନ୍ତର୍ଗତ ବାଙ୍ଗର ଲିଆଖିଆ ଗ୍ରାମରେ ମା ମଙ୍ଗଳା କ୍ରିକେଟ୍ ଟିମ୍ ପକ୍ଷରୁ ରିଷି ମେମୋରିଆଲ ଟେନିସ ବଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ଅପରାହ୍ନରେ ଶୁଭ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋଣାର୍କ ଅନୁସୂଚିତ ଜାତି ଓ ଜନଜାତି ବିକାଶ ସଂଗଠନ ସଭାପତି ତଥା ଧର୍ମପଦ ପ୍ରେସ କ୍ଲବ୍ ସଭାପତି ପ୍ରତାପ କୁମାର କାଣ୍ଡି ଓ ସମ୍ମାନିତ ଅତିଥି ଭାବେ ଧର୍ମପଦ ପ୍ରେସ କ୍ଲବ୍ ସମ୍ପାଦକ ଜ୍ଞାନ ରଞ୍ଜନ ବିଶ୍ୱାଳ ଯୋଗଦେଇ ଶୁଭ ଉଦଘାଟନ କରିବା ସହିତ କ୍ରୀଡାବିତ୍ ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ। ୮ଟି ଟିମ୍ କୁ ନେଇ ଖେଳ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ବେରୁହଁ ଦଳକୁ ୨ ୱିକେଟ୍ ରେ ହରାଇ ମାଟିଆପଡ଼ା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍ କୁ ଆମ୍ପାୟର ଭାବେ ବଳିଆ ଓ କିରନ ପରିଚାଳନା କରିଥିବା ବେଳେ ମଙ୍ଗଳା କ୍ରିକେଟ୍ ଟିମ୍ ସଦସ୍ୟ ରାଜା, ଚନ୍ଦନ, ବିକାଶ, ମିଥୁନ, ସୁମନ୍ତ, ଦିଲୁ, ଟୁକୁନା, ବବୁଲ, ବାଦଲ, ଟୁଲୁ ଓ କୃଷ୍ଣ ପ୍ରମୁଖ ଖେଳରେ ସହଯୋଗ କରୁଛନ୍ତି।

## ଏଏଫ୍‌ସି ଏସୀୟ କପ୍ ଫୁଟ୍‌ବଲ୍

# ପରାଜୟରୁ ଭାରତର ଅଭିଯାନ



ପର୍ଥ,୫।୩: ମହିଳା ଏଏଫ୍‌ସି ଏସୀୟ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଭାରତର ଅଭିଯାନ ପରାଜୟରୁ ଆରମ୍ଭ ହୋଇଛି। ଏଠାରେ ଖେଳିଥିବା ନିଜର ପ୍ରଥମ ମ୍ୟାଚ୍‌ରେ ଭାରତ ୧-୨ ଗୋଲ୍‌ରେ ଭିଏତ୍‌ନାମଠୁ ହାରି ଯାଇଛି। ଗ୍ରୁପ୍-ସି'ର ଏହି ମ୍ୟାଚ୍‌ରେ ଏନ୍‌ଗାଁ ଥି ଭାନ୍ ସୁ (୩୦ ମିନିଟ୍)ଙ୍କ ଗୋଲ୍‌ରେ ବିଶ୍ୱମାନ୍ୟତରେ ୩୬ତମ ସ୍ଥାନରେ ଥିବା ଭିଏତନାମ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ପ୍ରଥମାର୍ଦ୍ଧରେ ପଛୁଆ ଥିବା ବିଶ୍ୱମାନ୍ୟତା ୬୭ ନମ୍ବର ଦଳ ଭାରତ ପ୍ରତ୍ୟାବର୍ତ୍ତନ କରି ୫୨ତମ ମିନିଟ୍‌ରେ ଗୋଲ୍‌ଟି ଶୁଝି ଦେଇଥିଲା। ଏହି ଗୋଲ୍‌ଟି ପଦାର୍ପଣକାରୀ ସାନ୍‌ଫିଦା ନନ୍‌ଗ୍ରୁମ୍ ଦେଇଥିଲେ। ଫଳରେ ମ୍ୟାଚ୍ ଅମୀମାଂସିତ ମୁଖେ ଯାଉଥିଲା ବେଳେ ଶେଷ ଷ୍ଟପେଜ୍ ଟାଇମ୍‌ରେ ଭିଏତନାମ ଆଉ ଗୋଟିଏ ଗୋଲ୍ ଲଦି ପୂରା ପଏଣ୍ଟ ହାତେଇ ନେଇଥିଲା। ଏହି ବିଜୟ ସୂଚକ ଗୋଲ୍‌ଟି ଏନ୍‌ଗାଁ ଥି ଭାନ୍ ସୁ (୯୦+୪ ମିନିଟ୍) ଦେଇ ଯୁଗଳ ସଫଳତା ପାଇଥିଲେ। ଏହି ମ୍ୟାଚ୍‌ରେ ଓଡିଆ ଝିଅ ପ୍ୟାରୀ ଖାଖା ଖେଳୁଥିଲେ। ଭାରତ ପରବର୍ତ୍ତୀ ମ୍ୟାଚ୍ ଜାପାନ ବିପକ୍ଷରେ ଶନିବାର ଖେଳିବ। ପରବର୍ତ୍ତୀ ରାଉଣ୍ଡକୁ ଯିବାକୁ ହେଲେ ଭାରତକୁ ଏହି ମ୍ୟଚ୍ ଜିତିବା ନିହାତି ଆବଶ୍ୟକ ରହିଛି। ଏହି ପ୍ରତିଯୋଗିତାରୁ ୪ ଶ୍ରେଷ୍ଠ ଦଳ ୨୦୨୭ ଫିଫା ମହିଳା ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବ।

# ୫ ଦିନ ଫସିରହିବା ପରେ ଫେରିଲା ୱେଷ୍ଟଇଣ୍ଡିଜ

କୋଲକାତା,୫।୩: ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପରୁ ବିଦାୟ ନେଇଥିଲେ ବି କୋଲକାତାରେ ଗତ ୫ ଦିନ ଧରି ଫସି ରହିଥିବା ଓ୍ୱେଷ୍ଟଇଣ୍ଡିଜ୍ ଦଳ ସ୍ୱଦେଶ ଫେରିବା ନେଇ ପଥ ପରିଷ୍କାର ହୋଇଛି। ଖେଳାଳିଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ନେଇ ଆଇସିସି ପକ୍ଷରୁ ଏକ ଚାର୍ଟାର୍ଡ ବିମାନ ବ୍ୟବସ୍ଥା କରାଯିବା ପରେ ସେମାନଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇଛି। ତେବେ ଆଇପିଏଲ୍ ତାଲିମ ଶିବିରରେ ଯୋଗ ଦେବାକୁ କେତେକ ସଦସ୍ୟ ଭାରତରେ ରହିଥିବା ଜଣାଯାଇଛି।



ଗତ ମାର୍ଚ୍ଚ ୧ରେ ଅନୁଷ୍ଠିତ ସୁପର-୮ ମ୍ୟାଚ୍‌ରେ ଭାରତଠାରୁ ହାରି ଓ୍ୱେଷ୍ଟଇଣ୍ଡିଜ୍ ନିଜର ବିଶ୍ୱକପ୍ ଅଭିଯାନ ଶେଷ କରିଥିଲା। ତେବେ ତାହାର ପୂର୍ବଦିନ ଅର୍ଥାତ୍ ଫେବ୍ରୁଆରି ୨୮ରେ ଇରାନ ଉପରେ ଇସ୍ରାଏଲ୍ ଓ ଆମେରିକାର ଆକ୍ରମଣ ପରଠାରୁ ସମଗ୍ର ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜାରି ରହିଛି। ଏହା ଫଳରେ ଏହି ଅଂଚଳର ଅନେକ ଦେଶ ନିଜ ନିଜର ବାୟୁସୀମାକୁ ବନ୍ଦ ରଖିଛନ୍ତି।

ଏହି କାରଣରୁ ୱେଷ୍ଟଇଣ୍ଡିଜ୍ ଦଳ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରିନଥିଲା। ଏହାକୁ ନେଇ ଦଳର ପ୍ରଶିକ୍ଷକ ଡାରେନ୍ ସାମି ଏକ ସୋସିଆଲ୍ ମିଡିଆ ପୋଷ୍ଟ ଜରିଆରେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଇନଷ୍ଟାଗ୍ରାମ୍‌ରେ ସେ ଲେଖିଥିଲେ, 'ଆମେ ଘରକୁ ଯିବାକୁ ଚାହୁଁ'। ଏହାର କିଛି ଘଣ୍ଟା ପରେ ଆଉ ଏକ ପୋଷ୍ଟ କରି ସେ ଲେଖିଥିଲେ ଯେ 'ଅତିକମରେ ଆମକୁ କିଛି ଅପ୍‌ଡେଟ୍ ଦିଆଯାଉ, ଯେ ଆମେ କେବେ ଫେରିବୁ.. ଆଜି, ଆସନ୍ତାକାରି, ଏକ ସପ୍ତାହପରେ ୫ ଦିନ ହୋଇଗଲାଣି' ।ତେବେ ଆଇସିସି ପକ୍ଷରୁ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା କରାଯିବା ପରେ ସେ ଆଉ ଏକ ପୋଷ୍ଟ କରି ଲେଖିଛନ୍ତି, 'ଏକ ଅପ୍‌ଡେଟ୍ ମିଳିଛି, ଯାହା ଓ୍ୱେଷ୍ଟଇଣ୍ଡିଜ୍ ଆଶା କରୁଥିଲା'। ଏହା ପୂର୍ବରୁ ଜିମ୍ବାୱେ ଦଳ ମଧ୍ୟ ସମାନ ସମସ୍ୟାର ସମ୍ମୁଖୀନ ହେବା ପରେ ଆଇସିସି ପକ୍ଷରୁ ସେମାନଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ସ୍ୱତନ୍ତ୍ର ବିମାନର ବନ୍ଦୋବସ୍ତ କରାଯାଇଥିଲା।

# ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର,୫।୩:: ହାଇଦ୍ରାବାଦର ଗୋଚିବୋଲି ହକି କମ୍ପ୍ଲେକ୍ସଠାରେ ଚଳିତ ମାସ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍-୨୦୨୬ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଲାଗି ଟିକେଟ ବିକ୍ରି ସୋମବାରଠୁ ଆରମ୍ଭ ହୋଇଛି। ଟିକେଟ ଦର ୨୫ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଇଷ୍ଟ ଷ୍ଟାଣ୍ଡ୍ ଟିକେଟ୍ ଦର ସର୍ବାଧିକ ୧୦୦ ଟଙ୍କା ଥିଲା ବେଳେ ନର୍ଥ ଷ୍ଟାଣ୍ଡର ୫୦ ଓ ସାଉଥ୍ ଷ୍ଟାଣ୍ଡର ଦଳ ୨୫ ଟଙ୍କା ରହିଛି। ଯେପରି ଅଧିକରୁ ଅଧିକ ଦର୍ଶକ ପଡିଆକୁ ଆସିପାରିବେ ତାହାକୁ ନଜରରେ ରଖି ହକି ଇଣ୍ଡିଆ ଟିକେଟ ଦର ଏଭଳି କମ୍ ରଖିଛି। ଟିକେଟ ଜିନି ୱେବ୍‌ପୋର୍ଟାଲ୍ 'https://ticketgenie.in/ticket/FIH-Hockey-World-Cup-2026-Qualifiers'ରେ ଟିକେଟ୍ ମିଳିବ। ଏହି ପ୍ରତିଯୋଗିତାରେ ଆୟୋଜକ ଭାରତ ସହ ଇଂଲଣ୍ଡ, ସ୍କଟଲାଣ୍ଡ, କୋରିଆ, ଇଟାଲି, ଉରୁଗୁଏ, ୱେଲ୍ସ ଓ ଅଷ୍ଟ୍ରିଆ ଭାଗ ନେଉଛନ୍ତି। ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ ଦଳ ବେଲ୍‌ଜିୟମ ଓ ନେଦରଲାଣ୍ଡ୍‌ସରେ ଅଗଷ୍ଟ ମାସରେ ହେବାକୁଥିବା ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ପୁଲ୍-ଏରେ ଇଂଲଣ୍ଡ, କୋରିଆ, ଇଟାଲି ଓ ଅଷ୍ଟ୍ରିଆ ଥିଲା ବେଳେ ପୁଲ୍-ବି'ରେ ଭାରତ, ସ୍କଟଲାଣ୍ଡ, ଉରୁଗୁଏ ଓ ୱେଲ୍ସ ଅଛନ୍ତି। ଭାରତୀୟ ମହିଳା ଦଳ ମାର୍ଚ୍ଚ ୮ରେ ଉରୁଗୁଏ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୯ରେ ସ୍କଟଲାଣ୍ଡ ଓ ୧୧ରେ ୱେଲ୍ସକୁ ଭେଟି ପୁଲ୍ ପର୍ଯ୍ୟାୟ ଶେଷ କରିବ। ପ୍ରତି ପୁଲ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲ୍‌ରେ ପହଞ୍ଚିବେ। ସେମିଫାଇନାଲ୍ ମାର୍ଚ୍ଚ ୧୩ରେ ଏବଂ ଫାଇନାଲ୍ ଓ ତୃତୀୟ ସ୍ଥାନ ମ୍ୟାଚ୍ ୧୪ ତାରିଖରେ ଖେଳାଯିବ।

# ସାବାଲେଙ୍କା-ଫ୍ରାଙ୍ଗୁଲିସ୍‌ଙ୍କ ନିର୍ବନ୍ଧ ସମ୍ପନ୍ନ

ଇଣ୍ଡିଆନ ୱେଲ୍ସ,୫।୩: ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଟେନିସ ଖେଳାଳି ଆରିନା ସାବାଲେଙ୍କା ଘୋଷଣା କରିଛନ୍ତି ଯେ, ତାଙ୍କର ବ୍ରାଜିଲିଆନ ବିଜନେସମ୍ୟାନ ଜର୍ଜିଅସ୍ ଫ୍ରାଙ୍ଗୁଲିସ୍‌ଙ୍କ ସହ ନିର୍ବନ୍ଧ ସମ୍ପନ୍ନ ହୋଇଛି। ସାବାଲେଙ୍କା ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେଥିରେ କେତେଟି ଶବ୍ଦର ବ୍ୟବହାର କରାଯାଇଛି। "ୟୁ ଆଣ୍ଡ୍ ଏଏମ୍‌ପି; ମି, ଫର୍‌ଏଭର" ବୋଲି ଉଲ୍ଲେଖ ରହିଛି। ଏଥିସହିତ ଏକ ମୁଦି ଓ ହାର୍ଟର ଏକ ଇମୋଜି ସଂଲଗ୍ନ କରାଯାଇଛି। ଏହି ଖବର ପ୍ରସାରିତ ହେବାମାତ୍ରେ ଟେନିସ ଖେଳାଳିମାନଙ୍କଠାରୁ ଶୁଭେଚ୍ଛାର ସୁଅ ଛୁଟିବାର ଲାଗିଥିଲା। ସେମାନଙ୍କ ମଧ୍ୟରେ ରହିଛନ୍ତି କାର୍ଲସ ଅଲ୍‌କାରାଜ, ନୋଭାକ୍ ଜୋକୋଭିଚ୍ ଏବଂ ଆମାଣ୍ଡା ଆନିସିମୋଭା ଅନ୍ୟତମ।



# ଅର୍ଜୁନଙ୍କ ହାତ ଧରିଲେ ସାନିଆ



ମୁମ୍ବାଇ: ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ପୁତ୍ର ତଥା କ୍ରିକେଟର୍ ଅର୍ଜୁନ ତେନ୍ଦୁଲକର ଓ ସାନିଆ ଚାନ୍‌ଦୋକ୍‌ଙ୍କ ବିବାହ ଗୁରୁବାର ସମ୍ପନ୍ନ ହୋଇଛି। ପରିବାରବର୍ଗ ଓ ଅଳ୍ପ କିଛି ପାରିବାରିକ ବନ୍ଧୁଙ୍କ ଉପସ୍ଥିତିରେ ମୁମ୍ବାଇର ବିଳାଶମୟ ପଞ୍ଚତାରକା ହୋଟେଲ୍ ସେଣ୍ଟ୍ ରେଗିସ୍‌ରେ ଏହି ବିବାହ ସମ୍ପନ୍ନ ହୋଇଛି । ଗତ ବର୍ଷ ଅଗଷ୍ଟ ମାସରେ ଉଭୟଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା।

ତେବେ ବିବାହ ପରେ ଅନୁଷ୍ଠିତ ପ୍ରିତିଭୋଜନରେ କ୍ରିକେଟ୍, ବଲିଉଡ୍ ସମେତ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଯୋଗଦେଇଥିବା ଅତିଥିମାନଙ୍କ ମଧ୍ୟରେ ଶିଳ୍ପପତି ମୁକେଶ ଅମ୍ବାନି ଓ ପରିବାର, ସଚିନଙ୍କ ପୂର୍ବତନ ସାଥୀ ଖେଳାଳି ରାହୁଲ ଦ୍ରାବିଡ୍ ଓ ପତ୍ନୀ ବିଜେତା, ଅନୀଲ କୁମ୍ବଲେ ଓ ପତ୍ନୀ ଚେତନା, ଯୁବରାଜ ସିଂ, ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର, ଚୟନକର୍ତ୍ତା ଅଜିତ ଆଗରକର୍, ଆଇସିସି ଅଧ୍ୟକ୍ଷ ଜୟ ଶାହ, ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ, ପୂର୍ବତନ ଅଲ୍‌ରାଉଣ୍ଡର ଇରଫାନ ପଠାନ, ଅଜିଙ୍କ୍ୟ ରାହାଣେ, ଅଭିନେତା ଶାହରୁଖ ଖାଁ ଓ ପତ୍ନୀ ଗୌରୀ ଖାଁ, ଅଭିଷେକ ବଚ୍ଚନ ଓ ପତ୍ନୀ ଐଶ୍ୱର୍ଯ୍ୟା ରାୟ, ଅମୀର ଖାଁ, ପୂର୍ବତନ ଦ୍ରୁତ ବୋଲର ଜାହିର ଖାଁ ଓ ପତ୍ନୀ ଶାଗରିକା, କ୍ରିକେଟର୍ ତଥା ଅର୍ଜୁନଙ୍କ ବାଲ୍ୟବନ୍ଧୁ ପୃଥ୍ୱୀ ଶାହ, ମହାରାଷ୍ଟ୍ରର କ୍ୟାବିନେଟ୍ ମନ୍ତ୍ରୀ ଅନ୍ତର୍ଭୁକ୍ତ ଥିଲେ ।ଅର୍ଜୁନ ତେନ୍ଦୁଲକରଙ୍କ ପତ୍ନୀ ସାନିଆ ଚାନ୍‌ଦୋକ୍ ହେଉଛନ୍ତି ମୁମ୍ବାଇର ଜଣାଶୁଣା ବ୍ୟବସାୟୀ ତଥା ଗ୍ରାଭିସ୍ ଗ୍ରୁପର ଅଧ୍ୟକ୍ଷ ରବି ଚାନ୍‌ଦୋକ୍‌ଙ୍କ ନାତୁଣୀ। ଗ୍ରାଭିସ୍ ଗ୍ରୁପ ହୋଟେଲ, ଆଇସକ୍ରିମ୍ ଓ ଅନ୍ୟ କେତେକ ଖାଦ୍ୟ ବ୍ୟବସାୟରେ ଏକ ଜଣାଶୁଣା ନାମ। ନିଜେ ସାନିଆ ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସରେ ପାଠ ପଢିବା ସହ ଭେଟନାରି ଟେକନିସିଆନ୍ ଡିପ୍‌ଲୋମା ମଧ୍ୟ ହାସଲ କରିଛନ୍ତି। ପରିବାରର ଏହି ବ୍ୟବସାୟ ସାମ୍ରାଜ୍ୟଠାରୁ ଅଲଗା ଏକ ନିଜସ୍ୱ ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି ସାନିଆ। ତାହା ହେଉଛି 'ମିଃ ପ'ଜ୍ ପେଟ୍ ସ୍ପା'। ଏହା ପୋଷା କୁକୁରମାନଙ୍କୁ ଚିକିତ୍ସା ଓ ଯତ୍ନ ପାଇଁ କାମ କରିଥାଏ।

# ଇବ୍ରାହିମ ହେଲେ ଆଫଗାନିସ୍ତାନ ଅଧିନାୟକ

ନୂଆଦିଲ୍ଲୀ,୫ ।୩: ଓପନିଂ ବ୍ୟାଟର ଇବ୍ରାହିମ ଜଦ୍ରାନଙ୍କୁ ଆଫଗାନିସ୍ତାନ ଟି୨୦ ଦଳର ଅଧିନାୟକ ଭବେ ନିଯୁକ୍ତ କରାଯାଇଛି। ଆଗାମୀ ଶ୍ରୀଲଙ୍କା ବିପକ୍ଷ ସିରିଜ୍ ଲାଗି ଦଳ ଘୋଷଣା କରାଯିବା ଅବସରରେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) ପକ୍ଷରୁ ଏହି ଘୋଷଣା କରାଯାଇଛି। ଭାରତରେ ଚାଲିଥିବା ଟି୨୦ ବିଶ୍ୱକପ୍‌ରେ ଆଫଗାନିସ୍ତାନ ସୁପର-୮ରେ ପହଞ୍ଚିବାରେ ବିଫଳ ହେବା ପରେ ରଶିଦ ଖାନ ଦଳର ନେତୃତ୍ୱ ଦାୟିତ୍ୱରୁ ହଟାଇ ଦିଆଯାଇଛି। ନିକଟରେ ବିଶ୍ୱକପ୍ ଦଳର ସଦସ୍ୟ ଥିବା ଫାଜଲହକ ଫାରୁକି, ଗୁଲବଦିନ ନାଏବ ଓ ମହମ୍ମଦ ଇଶାକଙ୍କ ଉଭୟ ଦିନିକିଆ ଓ ଟି୨୦ ଦଳ ଲାଗି ଚୟନ କରାଯାଇ ନାହିଁ।

# ୮ରୁ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ

ବାରିପଦା,୫।୩: ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରୀ ସ୍ମୃତି କମିଟି ଆନୁକୂଲ୍ୟରେ ୨ୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୁରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି ବୋଲି କମିଟିର ଅଧ୍ୟକ୍ଷ ଅସିତ ବରଣ ପତି ଜଣାଇଛନ୍ତି । ଏ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ଓଡିଶା ସମେତ ବିହାର, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ମୋଟ ୧୬ଟି ଦଳ ଅଂଶଗ୍ରହଣ ଅଂଶଗ୍ରହଣ କରିଛନ୍ତି ବୋଲି କମିଟି ସଭାପତି ନଗରପାଳ କୃଷ୍ଣଓ ନନ୍ଦ ମହାନ୍ତି ପ୍ରକାଶ କରିଛନ୍ତି । ଦଳ ଗୁଡିକ ହେଲେ କିଷାନ ବ୍ରଦର ଏଫ ସି, ବାରିପଦା, କେନ୍ଦୁଆ ଏଫ ସି, ବି ଏମ ସ୍ପର୍ଟିଂ, କରଞ୍ଜିଆ, ଏମ ଏସ ସି ବି ବିଶ୍ୱବିଦ୍ୟାଳୟ, ବାରିପଦା, ସିଧୁ କାହ୍ନୁ ଏଫ ସି, କୋଲକାତା, ଜଟକଳା ଟେକ୍ସିସ, ବାଲେଶ୍ୱର, ବ୍ଲାକ ପେନ୍ଥର ଏଫ ସି, ଝାଡ଼ଖଣ୍ଡ, ଶରତ ଏଫ ସି, ଠାକୁରମୁଣ୍ଡା, ବାବା ପିଚ୍‌ଲୁ ୟୁଥ କ୍ଲବ, କଟକ, ଷ୍ଟେସନ ବଜାର ଏଫ ସି, ବାରିପଦା, ଶାମଡିହି ଏଫ ସି, ମୟୁରଭଞ୍ଜ, ଶିମିଳିପାଳ ଏଫ ସି, ମୟୁରଭଞ୍ଜ, ଶରଣ ସ୍ପର୍ଟିଂ, ବାଙ୍ଗିରିପୋଷି, ଲିଭାରପୁଲ ଏଫ ସି, ବିହାର, ମହୁଲ କରକଚିଆ ଏଫ ସି, ଓଡିଶା ଓ ମୈଦାନ ବାଦଶାହ ଏଫ ସି, ଓଡିଶା ଓ ମୟୁରଭଞ୍ଜ ଫୁଟବଲର ପ୍ରବାଦ ପୁରୁଷ ସ୍ୱର୍ଗତ ଜଗନ୍ନାଥ ମିସ୍ତ୍ରୀଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୮ ତାରିଖରୁ ୧୩ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରୀ ଜଣାଇଛନ୍ତି ।

ଚମ୍ପିୟାନ ଦଳ ପାଇଁ ୧. ୫ ଲକ୍ଷ ଓ ରନର୍ସ ଅପ ଦଳ ପାଇଁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୨୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ରହିଛି ବୋଲି ସମ୍ପାଦକ କଳିଙ୍ଗ କେଶରୀ ଜେନାଙ୍କ ସୂତ୍ରରୁ ପ୍ରକାଶ । ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସହ ପଡିଆ ପୂଜନ ଏବଂ ଶୁଭ ଖୁଣ୍ଟ ସ୍ଥାପନ କାର୍ଯ୍ୟକ୍ରମ ମଧ୍ୟ ଶେଷ ହୋଇଯାଇଛି ବୋଲି ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠି ଜଣାଇଛନ୍ତି ଓ ଏହି କାର୍ଯ୍ୟକ୍ରମରେ ଅସିତ ବରଣ ପତି, କବି ବିଷ୍ଣୁ ଶତପଥି, ନରଉମ ପାଣିଗ୍ରାହୀ, କୈଳାଶ ବେହେରା, ବୈଲୋଚନ ପାତ୍ର, କୁମାର ରଞ୍ଜନ ପଣ୍ଡା, ଅଶୋକ ମିସ୍ତ୍ରୀ, ପ୍ରଦୀପ ମିସ୍ତ୍ରୀ, ରାଜୀବ ମିସ୍ତ୍ରୀ, ସନ୍ତୋଷ କୁମାର ବରାଳ, ସୋମନାଥ ସିଂହ, ବିନୋଦ ସିଂବାବୁ, ବନ ମଉଗଜ, ମହାଦେବ ପାତ୍ର ଓ ସୁମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳକୁ ଉପଭୋଗ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିବାକୁ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ କୁମାର ସାହୁ ଅନୁରୋଧ କରିଛନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _
Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ